R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୮
ତିଥି : ଦଶମୀ
୦୪ ଅଗଷ୍ଟ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 298
04 Aug 2025,Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ଦିଲ୍ଲୀରୁ ଆସି ପହଞ୍ଚିଲା ବଳଙ୍ଗା ପୀଡିତାଙ୍କ ମୃତଦେହ

ବାୟାବର ଗାଁରେ ଦିଆଗଲା କବର

ଭୁବନେଶ୍ୱର,୩।୮ (ସବୁ୍ୟ): ଦିଲ୍ଲୀ ଏମ୍ସରେ ପୋଷ୍ଟମର୍ଟମ ପରେ ବଳଙ୍ଗା ପୀଡିତାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ରବିବାର ରାତି ୧୧ଟା ସମୟରେ ବଳଙ୍ଗା ପୀଡ଼ିତାଙ୍କ ମୃତଦେହ ଦିଲ୍ଲୀ ଏମ୍ସରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଲା ଏହାପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୀଡିତାଙ୍କ ମୃତଦେହକୁ ତାଙ୍କର ଜନ୍ମସ୍ଥାନ ବଳଙ୍ଗାର ବାୟାବର ଗାଁକୁ ନିଆଯାଇଥିଲା । ସେଠାରେ ରୀତିନୀତି ଅନୁଯାୟୀ ପୀଡିତାଙ୍କ ମରଶରୀରକୁ କବର ଦିଆଯାଇଥିଲା । ଏହା ପୂର୍ବରୁ ପୂର୍ବରୁ ଅନ୍ତିମ ସଂସ୍କାର ପାଇଁ ପୀଡିତାଙ୍କ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା ।

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ପୀଡିତାଙ୍କର ମୃତ୍ୟୁ ଘଟିଥିଲା । ପୀଡ଼ିତାଙ୍କ ଘର ସାମନାରେ ପୁଲିସ ଜଗି ବସିଛନ୍ତି । ଗାଁ ଲୋକମାନେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୁଲିସ ତଦନ୍ତର ନିର୍ଯାସକୁ ଅପେକ୍ଷା କରିଥିବା ବେଳେ ପୁଲିସ 'ଏକ୍ସ'ରେ କେହି ଅଭିଯୁକ୍ତ ନଥିବା ଜଣାଇବା ଓ ପୀଡ଼ିତାଙ୍କ ବାପା ମଧ୍ୟ ଝିଅର ମାନସିକ ଚାପ ଯୋଗୁ ଜୀବନ ହରାଇବା କହିବାକୁ କେହି ବିଶ୍ୱାସ କରିପାରୁ ନାହାନ୍ତି ।

ଖବର ପହଞ୍ଚିବାର ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ନାବାଳିକାଙ୍କ ମୃତ୍ୟୁକୁ ନେଇ କୌଣସି ସୂଚନା ନଥିବା ପରିବାର ସଦସ୍ୟ କହିଥିଲେ । କିନ୍ତୁ ପ୍ରାୟ ଘଣ୍ଟାଏ ପରେ ପୀଡ଼ିତାଙ୍କ ପରିବାର ଲୋକ ଆଉ ବାହାରକୁ ବାହାରି ନଥିଲେ । ପୁଲିସ ମଧ୍ୟ ପୀଡ଼ିତାଙ୍କ ଦୁଆର ମୁହଁରେ ପହଞ୍ଚି ଯାଇଥିଲା । ସେପଟେ ବଳଙ୍ଗା ଥାନାରେ ମଧ୍ୟ ବିଚିତ୍ର ପରିସ୍ଥିତି ଦେଖିବାକୁ ମିଳିଥିଲା । ନାବାଳିକାକୁ ଘଟଣା ଦିନ ଉଦ୍ଧାର କରିଥିବା ଦୁଃଖୀଶ୍ୟାମଙ୍କୁ ପୁଲିସ ଡିଏସ୍ପି ପ୍ରାୟ ୩୦ ମିନିଟ୍ ଜେରା କରିଥିଲେ । ଥାନା ମୁଖ୍ୟ ଫାଟକକୁ ବନ୍ଦ କରିଦିଆଯାଇଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଛଡ଼ା ଯାଇନଥିଲା । ପୀଡ଼ିତାଙ୍କ ମୃତ୍ୟୁ ପରେ ଦୁଃଖୀଶ୍ୟାମଙ୍କୁ ପୁଲିସ କଣ ପଚାରିଲା ସେ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ଥିଲା । ହେଲେ ଦୁଃଖିଶ୍ୟାମ ମୁହଁ ଖୋଲି ନଥିଲେ । ଘଟଣାଦିନ ପୀଡ଼ିତାଙ୍କୁ ଉଦ୍ଧାର କଲା ପରେ ଦୁଃଖୀଶ୍ୟାମ (୯ ପୃଷ୍ଠାରେ)

ଆନ୍ଧ୍ର ପଥର ଖଣିରେ ଅଘଟଣ

ବିସ୍ଫୋରଣରେ ୬ ଓଡ଼ିଆ ଶ୍ରମିକ ମୃତ

ଭୁବନେଶ୍ୱର,୩।୮(ସବୁ୍ୟ): ଆନ୍ଧ୍ରପ୍ରଦେଶର ବାପଟଲା ଜିଲ୍ଲା ବାଲିକୁରୁଭା ନିକଟ ସତ୍ୟକ୍ରିଷ୍ଣା ଗ୍ରାନାଇଟ ପଥର ଖଣିରେ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ପଥର ତଳେ ଚାପି ହୋଇ ୬ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି । ସେମାନେ ସମସ୍ତେ ଓଡ଼ିଶାର ବୋଲି ଜଣାପଡ଼ିଛି । ଏହି ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହି ଘଟଣାରେ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ମୃତକମାନେ ହେଲେ ଗଞ୍ଜାମ ଜିଲ୍ଲାର ଦଣ୍ଡ ବଡ଼ତ୍ୟା (ପିତା: ଅଭିମନ୍ୟୁ ପଡ଼ତ୍ୟା), ବନମାଳ ଚେହେରା (ପିତା: ଭଗବାନ ଚେହେରା), ଭାସ୍କର ବିଶୋଇ (ପିତା: ମାଗତା ବିଶୋଇ), ସନ୍ତୋଷ ଗୌଡ଼ (ପିତା: ପୂଜ୍ୟ ଗୌଡ଼) ଏବଂ ଗଜପତି ଜିଲ୍ଲାର ଟୁକୁନା ଦଲାଇ (ପିତା: କାର୍ତ୍ତିକ ଦଲାଇ ଓ ମୁସା ଜାନ (ପିତା: ନର୍ଷୁ ଜାନ) ।

ଆଜି ସେମାନଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଘଟଣା ଘଟିବା ସମୟରେ ଉକ୍ତ ପଥର ଖଣିରେ ୧୬ ଜଣ ଶ୍ରମିକ କାମ କରୁଥିଲେ । ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି

ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

। ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି । ଏହି ଶ୍ରମିକମାନେ ନିଜ ଅଞ୍ଚଳରେ କାମଧନ୍ଦା ନପାଇ ପରିବାର ପ୍ରତିପୋଷଣ ସକାଶେ ପଡୋଶୀ ରାଜ୍ୟକୁ ଯାଇ ପଥର ଖଣିରେ କାମ କରୁଥିଲେ । ଏମାନଙ୍କ ସହ ଆହୁରି ଅନେକ ଓଡ଼ିଆ ଶ୍ରମିକ ମଧ୍ୟ ଏହି ଖଣିରେ କାମ କରୁଥିବାର ଜଣାପଡିଛି । ଶ୍ରମିକଙ୍କ ସୁରକ୍ଷା ପାଇଁ ଖଣିରେ ସେଭଳି କୌଣସି ବ୍ୟବସ୍ଥା ନଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ହୋଇଛି । ଏହି ଘଟଣାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ତା'ସହିତ ଆହତମାନେ ଯେପରି ଉତ୍ତମ ଚିକିତ୍ସା ପାଇପାରିବେ, ସେ ନେଇ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାର ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି । ଭବିଷ୍ୟତରେ ଯେପରି ଏଭଳି ଅଘଟଣ ନଘଟେ, ସେଥିପାଇଁ କ୍ୱାରୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଯେପରି କଡ଼ାକଡ଼ି ପାଳନ କରାଯିବ, ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଯଥାଶୀଘ୍ର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍ଆର କଂଗ୍ରେସ ସଭାପତି ୱାଇଏସ୍ ଜଗନ ମୋହନ ରେଡ୍ଡୀ ।

କେନ୍ଦୁଝରରେ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର/କେନ୍ଦୁଝର, ୩।୮(ସବୁ୍ୟ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପ୍ରକଳ୍ପଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା (୯ ପୃଷ୍ଠାରେ)

ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ରେଳ କର୍ମଚାରୀଙ୍କ ମୃତ୍ୟୁ

ରାଉରକେଲା/ ଭୁବନେଶ୍ୱର, ୩।୮ (ସବୁ୍ୟ): ମାଓ ସପ୍ତାହ ପାଳନ ଅବସରରେ ହିଂସାକାଣ୍ଡ । ରେଲୱେ ଟ୍ରାକ ଉଡାଇଦେଲେ ମାଓବାଦୀ । ରେଳ ବିଭାଗରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ପୂର୍ବରୁ ଲାଲବାହିନୀ ସେହି ଅଞ୍ଚଳରେ ପୋଷ୍ଟର ମାରିଥିଲେ। ସୁନ୍ଦରଗଡ଼

୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଜିଲ୍ଲା ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାନ୍ଧମୁଣ୍ଡା ରେଲୱେ କଂଣ୍ଟ୍ରୋଲର ରେଞ୍ଜଡ଼ା-କରମପଦା ମଝିରେ ରେଳଟ୍ରାକକୁ ଉଡାଇ ଦେଇଛନ୍ତି ମାଓବାଦୀ । ବିସ୍ଫୋରଣରେ ଦୁଇଟି ସ୍ଲିପର ବାହାରି ଯାଇଥିବା ବେଳେ ଟ୍ରାକ କ୍ଷତିଗ୍ରସ୍ତ ହୋଇଛି । (୯ ପୃଷ୍ଠାରେ)

Government of Odisha
Higher Education Department
N-142

Timeline for e-admission into 3 year Integrated B.Ed-M.Ed. course in the Higher Education Institutions for the Academic Session 2025-26 under SAMS

It is for information of all concerned that admission into 3 year integrated B.Ed.-M.Ed, course will be held at the below mentioned HEIs under SAMS for the Academic Session: - 2025-26. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed, course for the current Academic Year 2025-26 are as follows.

1. The following HEIs are included under SAMS for admission into 3 Year Integrated B.Ed.-M.Ed. Courses for the academic session: - 2025-26.
   a. Maharaja Sriram Chandra Bhanjadeo university, Baripada, Mayurbhanj - 50 seats (Regular Mode)
   b. Sambalpur University, Sambalpur- 50 seats (Self-Financing Mode)
   c. Rajendra university, Bolangir- 50 seats (Self-Financing Mode)
   d. Fakir Mohan University, Balasore- 50 seats (Self-Financing Mode)
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Carrier marks (%) and reservation. The detailed admission procedure is provided in the Information Brochure. No Entrance Examination will be held for admission into the said course.
3. The applicants who have passed the Post Graduate (P.G.) examination only in Science/ Social Science & Humanities subjects (Please refer the Information Brochure for eligible Subjects) from a recognized Institution shall be eligible for admission into this 3 years Integrated B.Ed.-M.Ed. courses.

Any change in the timeline will be published on the website https://imed.samsodisha.sov.in/. The applicants are request to read the Information Brochure carefully.

Sl #	Activities	Timeline
1	**Student's Activity** Availability of online Common Application Form (CAF) on the website www.samsodisha.gov.in	04-Aug-2025 (11:00 AM) (Monday)
2	**Student's Activity** Last date for applying online CAF through www.samsodisha.gov.in	17-Aug-2025 (11:45 PM) (Sunday)
3	**Student's Activity** Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day)	18-Aug-2025 (11.00 AM to 11.45 PM) (Monday)
4	**1st Round** Publication of Provisional Allotment of Seats (For First Round Selection)	22-Aug-2025 (Friday) (02.00 PM)
5	**Student's Activity** Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal	22-Aug-2025 (04.00 PM) (Friday) to 26-Aug-2025 (03.00 PM) (Tuesday)
6	**Student's Activity** Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option(done payment) will only be required to report for admission)	23-Aug-2025 (10.00 AM) (Saturday) to 26-Aug-2025 (05.00 PM) (Tuesday) (Except Holiday)
7	**HEI's Activity** Data updation of admitted students in the e-space (for First Round Admission) by the respective Institutions	23-Aug-2025 (10.00 AM) (Saturday) to 26-Aug-2025 (11.45 PM) (Tuesday)
8	**2nd / Final Round** Publication of Provisional Allotment of Seats (for Second Round Selection)	01-Sep-2025 (Monday) (02.00 PM)
9	**Student's Activity** (Selection of FREEZE OPTION) h Online payment of admission fees by the selected students through SAMS (Student's login) portal	01-Sep-2025 (04.00 PM) (Monday) to 04-Sep-2025 (03.00 PM) (Thursday)
10	**Student's Activity** Reporting of applicants at allotted institutions for taking admission (for Second/ Final Round Selection)	02-Sep-2025 (10.00 AM) (Tuesday) to 04-Sep-2025 (05.00 PM) (Thursday) (Except Holiday)
11	**HEIs Activity** Data updation of admitted students in the e-space (for Second / Final Round Admission) by the respective Institutions	02-Sep-2025 (10.00 AM) (Tuesday) to 04-Sep-2025 (11.45 PM) (Thursday)
13	**3rd (Waiting List/Spot) Round Student's Activity** Publication of merit wise waiting list at the HEIs e-space as well as the waiting Rank in the Student's login	08 -Sep -2025 (04:00 PM) (Monday)
14	**Institution Activity :** Publication of selected and waitlisted applicant's list by the HEIs at their Notice Board/ Website and the HEIs will also communicate to the applicants via phone call /SMS / whatsapp /e-mail etc. (in 1:50 ratio as per vacancy)	09-Sep-2025(Tuesday) (03.00 PM)
15	Reporting of selected applicants of waitlisted round to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.)	10-Sep-2025 (Wednesday) & 11-Sep-2025 (Thursday) (10.00 AM to 05.00 PM)
16	Reporting of waiting applicants in waitlisted round to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.)	12-Sep-2025 (Friday) & 13-Sep-2025 (Saturday) (10.00 AM to 05.00 PM)
17	Admission Updation of the student's data by the HEIs in their e-Space	10-Sep-2025 (Wednesday) & 13-Sep-2025 (Saturday) (11.45 PM)
18	Timeline for commencement of 1st year classes for B.Ed., B.H.Ed., M.Ed, for the AY 2025-26	08-Sep-2025 (Monday)

For more details please contact : e-Admission Helpline (Toll Free) Number 155335 / 1800-345-6770

OIPR : 11001/11/0098/2526

Sd/- Deputy Director
PTC Section

ଭିଜିଲାନ୍ସ ଜାଲରେ ବୌଦ୍ଧ ଏମ୍‌ଭିଆଇ

୪୪ ଫ୍ଲାଟ୍, ନଗଦ କୋଟିଏ ଟଙ୍କା ଅଧ କିଲୋ ସୁନା, ଅଢ଼େଇ କିଲୋ ରୁପା ଠାବ

ବୌଦ୍ଧ/ଭୁବନେଶ୍ୱର/ ବାରିପଦା, (ସବୁ୍ୟ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଧରାପଡ଼ିଛନ୍ତି ବୌଦ୍ଧ ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦା। ଗୋଲାପଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୪୪ଟି ଜମିଫ୍ଲାଟ , ୫୦୦ ଗ୍ରାମ୍ ସୁନାରେ ରହିଛି ୨ଟି ବିସ୍କୁଟ, ଅଢ଼େଇ କିଲୋ ରୁପା। ଏହା ସହିତ ଟଙ୍କା। ନେଣଦେଣ ନେଇ ଡାଏରିରେ ରହିଛି ଅନେକଙ୍କ ନାମ । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ ବେଳେ ଶ୍ରୀ ହାଁସଦାଙ୍କ ଠିକଣାରେ ଓଡ଼ିଶା ଭିଜିଲାନ୍ସକୁ ଏହି ଭଳି ଅନେକ ତଥ୍ୟ ମିଳିଛି । ଚଢ଼ାଉ ବେଳେ ଜଣାପଡ଼ିଛି ଯେ, ଶ୍ରୀ ହାଁସଦା ୫୪ ଲକ୍ଷ ଟଙ୍କାର ବୀମା ଡିପୋଜିଟ୍ କରିଛନ୍ତି। ସେହିପରି ୧ କୋଟି ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟରେ ବ୍ୟାଙ୍କ, ପୋଷ୍ଟାଲ ଓ ବୀମା ରହିଛି। ଏନେଇ ଭିଜିଲାନ୍ସ ଟିମ୍ ଅଧିକ ଖୋଳତାଡ଼ କରୁଥିବାରୁ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ । ବୌଦ୍ଧର ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ାଉ ହୋଇଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ବାରିପଦାଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୪ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏକକାଳୀନ (୯ ପୃଷ୍ଠାରେ)

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

ଜେଲ ଗଲେ ବୋର୍ଡ ଉପସଭାପତି ନିହାର ମହାନ୍ତି

କଟକ,୩।୮ (ସବୁ୍ୟ): ରାଜ୍ୟ ସାରା କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଜୁଲାଇ ୨୦ରେ ଅନୁଷ୍ଠିତ ହେବାକୁ ଥିବା 'ସ୍ୱତନ୍ତ୍ର ଓଟିଇଟି-୨୦୨୫' ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପୂର୍ବଦିନ ବିଳମ୍ବିତ ରାତିରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅପ୍ରତ୍ୟାଶିତ ଭାବରେ ବାତିଲ କରାଯାଇଥିଲା । ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ଆଜି କ୍ରାଇମ୍ବ୍ରାଞ୍ଚ ଗିରଫ କରିଛି । ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହୋଇଯିବାରୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବର୍ହିଭୂତ କାର୍ଯ୍ୟ ସାମ୍ନାକୁ ଆସିଛି । ସବୁ ନିୟମକୁ ଉଲ୍ଲଙ୍ଘନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ , ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି । ଗତ କିଛି ଦିନ ହେବ ଉପ ସଭାପତି ନିହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବିଥିଲା । ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା । ଏହାକୁ ନେଇ (୯ ପୃଷ୍ଠାରେ)

ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ନନ୍ଦିନୀ ଶତପଥୀ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଜଣେ ବିଶିଷ୍ଟ ଲେଖିକା ଭାବେ ଖୁବ ପରିଚିତା ଥିଲେ ନନ୍ଦିନୀ ଶତପଥୀ । ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ନନ୍ଦିନୀ ୧୯୩୧

ମସିହା ଜୁନ୍ ୯ ତାରିଖରେ କଟକ ସହରର ପିଠାପୁର ସାହିରେ ଏକ ବିପ୍ଳବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପଦ୍ମଭୂଷଣ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରନ୍ମଣି ଦେବୀଙ୍କର ଜ୍ୟେଷ୍ଠା କନ୍ୟା । ଛାତ୍ରୀ ଜୀବନରୁ ହିଁ ସେ ରାଜନୀତି ତଥା ସାହିତ୍ୟ ସର୍ଜନା ପ୍ରତି ବେଶ ଆକର୍ଷିତ ଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ । ମହାବିଦ୍ୟାଳୟ ଜୀବନରେ ୧୯୫୧ ମସିହାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ । ପ୍ରଥମେ ୧୯୬୨ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ । ୧୯୬୮ରେ ସେ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ପ୍ରଚାର ଓ ସୂଚନା ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୭୨ରୁ ୭୩ ଓ ୧୯୭୪-୭୬ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ଏହି ବିଶିଷ୍ଟ ଲେଖିକାଙ୍କର ୭୫ ବର୍ଷ ବୟସରେ ୨୦୦୬ ଅଗଷ୍ଟ ୪ ତାରିଖରେ ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।

ଇତିହାସ

୧୮୭୦– ବ୍ରିଟିଶ ରେଡ୍ କ୍ରସ୍ ସୋସାଇଟିର ସ୍ଥାପନା ।

୧୯୨୯– ଅଭିନେତା ତଥା ଗାୟକ ଓ ନିର୍ଦ୍ଦେଶକ କିଶୋର କୁମାରଙ୍କ ଜନ୍ମ ।

୧୯୩୦– ୟୁରୋପୀୟ ଦେଶ ବେଲଜିୟମରେ ଶିଶୁ ଶ୍ରମିକ ଆଇନ ପ୍ରଣୟନ ହେଲା ।

୧୯୩୭– ପ୍ରସିଦ୍ଧ ଭାରତୀୟ ଐତିହାସିକ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଦ୍ୱାନ କାଶୀ ପ୍ରସାଦ ଜୟସବାଲଙ୍କ ପରଲୋକ ।

୧୯୪୭– ଜାପାନ ସୁପ୍ରିମକୋର୍ଟ ସ୍ଥାପିତ ।

୧୯୫୬– ଭାରତର ପ୍ରଥମ ପରମାଣୁ ଅନୁସନ୍ଧାନ ରିଆକ୍ଟର ଅପ୍ସରାର ଶୁଭାରମ୍ଭ ।

୧୯୬୧– ଆମେରିକାର ପ୍ରଥମ ଅଶ୍ୱେତ ରାଷ୍ଟ୍ରପତି ବାରାକ ଓବାମାଙ୍କ ଜନ୍ମ ।

୧୯୬୭– ବିଶ୍ୱର ଦୀର୍ଘତମ ଜଳପ୍ରପାତ ନାଗାର୍ଜୁନ ସାଗର ଡ୍ୟାମ୍‌ର ନିର୍ମାଣ ।

୨୦୦୪– ଅଲଟିକ୍ସ ସୁପରକମ୍ପ୍ୟୁଟର କେସିକୁ କଳ୍ପନା ଚାଓ୍ୱଲା ନାମରେ ନାମିତ କଲା ନାସା ।

୨୦୦୬– ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥୀଙ୍କ ପରଲୋକ ।

୨୦୦୭– ନାସା ପକ୍ଷରୁ ଫୋନିକ୍ସ ସ୍ପେସ୍‌କ୍ରାଫ୍ଟ ଲଞ୍ଚ୍ ହେଲା ।

୨୦୦୮– ସିପିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)କୁ ନବରତ୍ନ ମାନ୍ୟତା ।

କାଠର ସହର

ସ୍ୱିଡେନ୍‌ରେ ନିର୍ମାଣ ହେଉଛି ପ୍ରଥମ ସହର ଯାହାର ସବୁକିଛି କାଠରୁ ନିର୍ମାଣ କରାଯିବ । ଏହି ପ୍ରୋଜେକ୍ଟରେ ୨୫ ବ୍ଲକ,୩୦ଟି ଟିମ୍ବର ବିଲ୍ଡିଂ ନିର୍ମାଣ କରାଯିବ । ଯେଉଁଥିରେ ୭ ହଜାର ନୂଆ ଅଫିସ୍,୨ ହଜାର ଘରର ନିର୍ମାଣ କରାଯିବ । ଏହି ନିର୍ମାଣ ଆଗକୁ ୨୦୨୫ରେ ଆରମ୍ଭ ହେବ, ଯାହାର ପ୍ରଥମ ବିଲ୍ଡିଂ ୨୦୨୭ରେ ନିର୍ମାଣ ଶେଷ କରିବାକୁ ଯୋଜନା କରାଯାଇଛି । ଏହି ପ୍ରୋଜେକ୍ଟର ପଛର ଉଦ୍ଦେଶ୍ୟ ସ୍ୱିଡେନ୍‌କୁ ନୂଆ ରୂପ ଦେବା । ଏହାକୁ କଣ୍ଟ୍ରାକ୍ଟ ନେଇଥିବା କମ୍ପାନୀ ଅର୍ଟିୟମ ଲୁଙ୍ଗବର୍ଗ ଏହାକୁ ୧୫ ମିନିଟ୍‌ର ସହର କରିବାକୁ ଲକ୍ଷ ରଖିଛି । ଏହାର ଅର୍ଥ ସମସ୍ତଙ୍କ ଘର ପାଖରୁ ମାତ୍ର ୧୫ ମିନିଟର ଦୂରରେ ସବୁ ଜିନିଷ ଉପବଲବ୍ଧ କରାଯିବ । ଏହା ସ୍ୱିଡେନ୍ ଇତିହାସରେ ଏକ ବିରଳ ପଦକ୍ଷେପ ହେବ ବୋଲି ସମସ୍ତେ ମତ ଦେଉଛନ୍ତି ।

ସୋସିଆଲ କୋଟ୍ସ

"ସୀତା ହେବା ମୋ ପାଇଁ ଏତେ ସହଜ ନଥିଲା । ମୋତେ ଏଥିପାଇଁ ଘଣ୍ଟାଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା । ଏଥିପାଇଁ ମୁଁ ଅନେକ ସମୟ ୱାର୍କସପ୍ ଓ ନିର୍ଦ୍ଦେଶକଙ୍କ ସହ ବିତାଉଥିଲି ।

କ୍ରିତି ସନନ୍, ଅଭିନେତ୍ରୀ

"'କିସି କା ଭାଇ କିସି କା ଜାନ' ପାଇଁ ମୁଁ ଫାଇନାଲ ହୋଇ ସାରିଥିଲି । ହେଲେ ମୋତେ ଏକ ଫୋନକଲ୍ ଆସିଥିଲା ଯେଉଁଥିରେ ମୁଁ ରିଜେକ୍ଟ ହୋଇଥିବା ଜାଣିଥିଲି । ଏହା ଏକ ଲାଷ୍ଟ୍ର ମିନିଟ୍ ରିପ୍ଲେସ୍‌ମେଣ୍ଟ ଥିଲା ।

ଅବିକା ଗୌର, ଅଭିନେତ୍ରୀ

"ଆଜି ମୋ ପାଖରେ ସବୁ ଅଛି ଯେପରି ଷ୍ଟାରଡମ୍, ଫ୍ୟାନ୍ସ, ସବୁକିଛି । ବର୍ତ୍ତମାନ ଦୁନିଆ ଆମ ପାଇଁ ସମ୍ବେଦନଶୀଳ ହୋଇଛି । ହେଲେ ଦିନ ଥିଲା ମୁଁ ବଲିଉଡର ଡାର୍କସାଇଡ୍ ମଧ୍ୟ ଦେଖିଛି ।

କଙ୍ଗନା ରାଣାୱତ, ଅଭିନେତ୍ରୀ

ଯକୃତ ଯନ୍ତ୍ରଣା

ପରିବର୍ତ୍ତିତ ଜୀବନଶୈଳୀ ଓ ଖରାପ ଖାଦ୍ୟପେୟ ସକାଶେ ହଜମ ପ୍ରକ୍ରିୟା ଅସନ୍ତୁଳିତ ହୋଇଥାଏ । ଯାହାର ପ୍ରଭାବରୁ 'ଯକୃତ ଯନ୍ତ୍ରଣା' ଭଳି ସମସ୍ୟା ସୃଷ୍ଟି ହୁଏ ଓ ଏହା ସିରୋସିସ୍ ଭଳି ରୋଗର ରୂପ ନେଇପାରେ ।

ପିଞ୍ଜରା ହାଡ଼ ତଳ ପେଟର ଡାହାଣ ପଟେ ଯକୃତ ରହିଛି । ବିଶେଷ କରି ପାଚନ ପ୍ରକ୍ରିୟାରେ ଏହାର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ । ଯକୃତ ପିତ୍ତ ତିଆରି କରିଥାଏ । ପିତ୍ତ ହେଉଛି ଏକ ହଳଦିଆ-ସବୁଜ ରଙ୍ଗର ତରଳ ପଦାର୍ଥ । ଯାହା କ୍ଷୁଦ୍ରାନ୍ତ୍ରରେ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ଯକୃତ ଶର୍କରା ଗଚ୍ଛିତ କରେ ଓ ରକ୍ତର ଶର୍କରା ମାତ୍ରା ସନ୍ତୁଳନ କରେ । ଯକୃତ ପୁଷ୍ଟିସାର ଓ ସ୍ନେହସାରରୁ ଶର୍କରା ତିଆରି କରିଥାଏ । ହେଲେ କେତେକ କାରଣ ଯୋଗୁଁ ଏଥିରେ ସିରୋସିସ୍ ରୋଗ ଦେଖାଯାଏ । ସିରୋସିସ୍ ଏକ ପ୍ରକାରର ରୋଗ ଯେଉଁଥିରେ ଦୀର୍ଘକାଳୀନ କ୍ଷତି ଯୋଗୁ ଯକୃତ ଭଲ ରୂପେ କାର୍ଯ୍ୟ କରିପାରେନାହିଁ । ସ୍ୱାଭାବିକ ଭାବରେ ରୋଗ ବର୍ଷ ବର୍ଷ ଧରି ଧୀରେ ଧୀରେ ବଢ଼ିଚାଲେ । ରୋଗ ଆରମ୍ଭରେ କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ । ରୋଗ ଖରାପ ଦିଗକୁ ଗତି କଲେ ଦୁର୍ବଳ ଲାଗେ, ଦେହ କୁଣ୍ଡାଇ ହୁଏ, ଗୋଡ଼ ନିମ୍ନଭାଗ ଫୁଲିଯାଏ, ଚର୍ମ ହଳଦିଆ ହୁଏ, ସହଜରେ କ୍ଷତ ହୁଏ, ପେଟରେ ତରଳ ପଦାର୍ଥ ଜମିଯାଏ ଓ ପେଟରେ ବୁଢ଼ିଆଣି ବସା ପରି ଶିରାଳ ଦେଖାଯାଏ ।

ସିରୋସିସ୍‌ର କାରଣ– ଅତ୍ୟଧିକ ମଦ୍ୟପାନ, ହେପାଟାଇଟିସ-ବି, ହେପାଟାଇଟିସ-ସି ଓ ନନ୍ ଆଲକୋହୋଲିକ ଫାଟି ଲିଭର ଡିଜିଜ ଯୋଗୁ ସିରୋସିସ୍ ମୁଖ୍ୟତଃ ହୋଇଥାଏ । ଦୈନନ୍ଦିନ ୨ ବା ୩ ଥରରୁ ଅଧିକ ଅନେକ ବର୍ଷ ଧରି ମଦ୍ୟପାନ କଲେ ସମୟକ୍ରମେ ସିରୋସିସ୍ ରୋଗ ହୁଏ । ଅଟୋଇମ୍ୟୁନ ହେପାଟାଇଟିସ, ପ୍ରାଇମେରୀ ବିଲିଆରି ସିରୋସିସ୍, କେତେକ ଔଷଧ ଓ ଗଲଷ୍ଟୋନ (ପିତ୍ତକୋଷରେ ପଥର) ଥିଲେ ମଧ୍ୟ ଏହି ରୋଗ ହୋଇପାରେ । ସିରୋସିସ୍ ରୋଗରେ ଯକୃତ ତନ୍ତୁଗୁଡ଼ିକ ଫାଇବ୍ରୋସିସରେ ପରିବର୍ତ୍ତିତ ହୋଇଯାଏ । ଯାହା ଯକୃତ କାର୍ଯ୍ୟରେ ବାଧା ଉପୁଯାଇଥାଏ । ରକ୍ତ ପରୀକ୍ଷା, ମେଡିକାଲ ଇମେଜିଙ୍ଗ ଓ ଯକୃତ ବାୟୋପ୍ସି ଦ୍ୱାରା ଏହି ରୋଗ ନିର୍ଣ୍ଣୟ କରାଯାଏ ।

ଲକ୍ଷଣ:

ସିରୋସିସ୍ ରୋଗରେ ବିଶେଷ ଲକ୍ଷଣ ଦେଖାଯାଇ ନ ଥାଏ । ତଥାପି ଶରୀରର କେତେକ ପରିବର୍ତ୍ତନ ପ୍ରତି ଧ୍ୟାନ ଦେଲେ ଏହା ଜଣାପଡ଼ିଥାଏ ।

- ପେଟର ଡାହାଣ ପାଖ ଦରଜ ହେବା କିମ୍ବା ଯନ୍ତ୍ରଣା କରିବା ।
- ପାପୁଲିରେ ଏରିଡେମା ହେବା କିମ୍ବା ହରମୋନ୍ ବିଶୃଙ୍ଖଳା ଦେଖାଯିବା ।
- ଅଳ୍ପ କାମରେ ଥକିଯିବା ।
- ଭୋକ କମିଯିବା ଏବଂ ଅଚାନକ ଓଜନ ହ୍ରାସ ପାଇବା ।
- ମନ ଚଳଚଞ୍ଚଳ ହେବ ଓ ଦେହରୁ ଝାଳ ବୋହିବା ।
- ହାତର ପାପୁଲି ଲାଲ୍ ଓ ଧଳା ଦେଖାଯିବା । ପାଦ ତଳ ଛୁଞ୍ଚି ଫୁଟିଲା ଭଳି ଲାଗିବା ।
- ପେଟରେ ରକ୍ତ କୋଷିକାର ଜାଲି ଦେଖାଯିବା ।
- ତ୍ୱଚା ହଳଦିଆ ଦେଖାଯିବା ।

ଚିକିତ୍ସା

ସଧାରଣତଃ ଯକୃତର ନଷ୍ଟ ହୋଇଥିବା ଅଂଶକୁ ଠିକ୍ କରିବା କଷ୍ଟକର । ହେଲେ ଏହାର ସଂକ୍ରମଣକୁ ରୋକାଯାଇପାରେ । ଜୀବନଶୈଳୀରେ ପରିବର୍ତ୍ତନ ଓ ଆଣ୍ଟିବାୟୋଟିକ ସେବନ ଦ୍ୱାରା ଉପସମ ମିଳିପାରେ । ଅତି ଗମ୍ଭୀର ପରିସ୍ଥିତି ଥିଲେ ଯକୃତ ପ୍ରତିରୋପଣ କରିବାକୁ ପଡ଼ିଥାଏ । ସିରୋସିସ୍ ସାଥିରେ ଜଳ ଉଦରୀ ଥିଲେ ଲୁଣ କମ୍ ଖାଇବାକୁ ଉପଦେଶ ଦିଆଯାଏ । ବେଶି ପରିସ୍ରା କରାଇବା ପାଇଁ ଆଲ୍ଡୋସ୍ଟିରନ୍ ଆଣ୍ଟାଗୋନିଷ୍ଟ ଓ ଲୁପ୍ ଡାଇୟୁରେଟିକ୍ ଦିଆଯାଇଥାଏ ।

ବାସ୍ତୁ ଶାସ୍ତ୍ରରେ ଶୁଭ ମୂର୍ତ୍ତି

ବାସ୍ତୁଶାସ୍ତ୍ରରେ ସାତ ରଙ୍ଗ ଭଳି ୭ଟି ମୂର୍ତ୍ତି ଜୀବନରେ ପରିବର୍ତ୍ତନ ଆଣିପାରେ ବୋଲି ବର୍ଣ୍ଣନା ରହିଛି । ଏହାକୁ ଘରେ ରଖିଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ଜୀବନରେ ସ୍ନେହ, ପ୍ରେମ ଭରିଯାଇଥାଏ ।

ବାସ୍ତୁ ଶାସ୍ତ୍ର ଅନୁସାରେ ଦିଗ ଭିତ୍ତିରେ ଘରେ ହାତୀ, ହଂସଯୁଗଳ, କଇଁଛ, ଶୁଆ, ମାଛ, ଗାଈ ଓ ଓଟ ମୂର୍ତ୍ତି ରଖିଲେ ଏହାର ସକାରାତ୍ମକ ପ୍ରଭାବ ଜୀବନ ଉପରେ ପଡ଼ିଥାଏ । ହାତୀ ମା' ଗଜଲକ୍ଷ୍ମୀଙ୍କ ପ୍ରିୟ ହୋଇଥିବାରୁ ହାତୀକୁ ସୁଖ ଏବଂ ସମୃଦ୍ଧତାର ପ୍ରତୀକ ଭାବେ ଧରାଯାଏ । ଏଣୁ ଘରେ ଏହି ମୂର୍ତ୍ତି ରଖିଲେ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ । ହାତୀ ମୂର୍ତ୍ତି ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଅତ୍ୟନ୍ତ ଶୁଭ । ସେହିଭଳି ପ୍ରେମ, ଶାନ୍ତି ଏବଂ ସମନ୍ୱୟର ପ୍ରତୀକ ଭାବରେ ହଂସ ଯୁଗଳଙ୍କୁ ବିବେଚନା କରାଯାଏ । ଶୟନ କକ୍ଷରେ ଏକ ଯୁଗଳ ହଂସ ପ୍ରତିମୂର୍ତ୍ତି ରଖିଲେ, ପ୍ରେମ ସମ୍ପର୍କ ବୃଦ୍ଧି ହେବା ସହ ପାରିବାରିକ ସମ୍ପର୍କ ମଜଭୁତ ରୁହେ । ଘରେ କଇଁଛ ରହିବା ଅତ୍ୟନ୍ତ ଶୁଭ । କଇଁଛ ପ୍ରଭୁ ବିଷ୍ଣୁଙ୍କର ରୂପ । ତେଣୁ ଉତ୍ତର ଦିଗରେ କଇଁଛ ମୂର୍ତ୍ତି ରଖିଲେ ଘରେ ଧନ ଓ ସମୃଦ୍ଧିର ବୃଦ୍ଧି ହୁଏ । ଶୁଆକୁ ପ୍ରେମ ଏବଂ ସୁଖର ପ୍ରତୀକ । ପିଲାଙ୍କ କୋଠରୀରେ ଶୁଆ ମୂର୍ତ୍ତି କିମ୍ବା ଚିତ୍ର ରଖିଲେ ସେମାନଙ୍କ ଏକାଗ୍ରତା ଶକ୍ତି ବୃଦ୍ଧି ପାଏ । ଏପରିକି ଶୁଆ ମୂର୍ତ୍ତି ଯୋଗୁ ଘରପରିବେଶ ଶାନ୍ତ ରୁହେ । ବାସ୍ତୁଶାସ୍ତ୍ର ଅନୁସାରେ ଘରେ ପିତ୍ତଳ କିମ୍ବା ରୁପା ମାଛ ମୂର୍ତ୍ତି ରଖିବା ଶୁଭ । ଏହାକୁ ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ରଖିଲେ ଶୁଭ ଫଳ ମିଳିଥାଏ । ଗାଈକୁ ଦେବାଦେବୀଙ୍କର ଦ୍ୱିତୀୟ ରୂପ ଭାବେ ବିବେଚନା କାରାଯାଏ । ଗାଈର ମୂର୍ତ୍ତି ଘରେ ରହିଲେ ଧନର ଅଭାବ ରହିନଥାଏ । ପିତ୍ତଳ କିମ୍ବା ଧଳା ପଥରରେ ନିର୍ମିତ ଗାଈ ମୂର୍ତ୍ତି ରଖିବା ଅତ୍ୟନ୍ତ ଶୁଭ । ଓଟକୁ ପ୍ରଗତି ଏବଂ ସାହସର ପ୍ରତୀକ ଭାବେ ବିବେଚନା କରାଯାଏ । ସେହିପରି ଉତ୍ତର-ପଶ୍ଚିମ ଦିଗରେ ଓଟର ମୂର୍ତ୍ତି ବ୍ୟବସାୟରେ ସଫଳତା ଆଣିବା ସହ ମନରେ ଅଦମ୍ୟ ସାହସ ଭରିଥାଏ ।

ଯୋଗରୁ ମିଳିଥାଏ ଶାନ୍ତି

ଆଜିକାଲିର ବ୍ୟସ୍ତ ବହୁଳ ଜୀବନରେ ମାନସିକ ଶାନ୍ତି ଏକ ପ୍ରକାର ଅମୂଲ୍ୟ ହୋଇଯାଇଛି । ମାନସିକ ଶାନ୍ତି ପାଇଁ ସମସ୍ତେ ଖୁବ ପରିଶ୍ରମ କରୁଛନ୍ତି । ତେବେ ସମସ୍ତଙ୍କ ତାଲିକାରେ ସବୁଠାରୁ ଆଗରେ ରହିଛି ଯୋଗ । ତେବେ ଯୋଗ କାହିଁ କେଉଁ କାଳରୁ ଜୀବନ ସହିତ ମନରେ ଶାନ୍ତି ବଜାୟ ରଖିବାକୁ ବ୍ୟବହାର ହେଉଛି । ଏହା ଯେ କେବଳ ଶରୀରକୁ ସମୃଦ୍ଧ କରିଥାଏ ତାହା ନୁହେଁ ଏହା ଆମକୁ ଖୁବ ମାନସିକ ଶାନ୍ତି ମଧ୍ୟ ପ୍ରଦାନ କରିଥାଏ । କିଛି ଯୋଗ ବା ଆସନ ପ୍ରାଣାୟମ ରହିଛି ଯାହାକୁ କରିବା ଫଳରେ ଆମେ ମାନସିକ ଶାନ୍ତି ପାଇଥାଉ । ଦିନର ଆରମ୍ଭ ଧ୍ୟାନରୁ କରନ୍ତୁ, ଯାହା ଆପଣଙ୍କୁ ଶାନ୍ତି ପ୍ରଦାନ କରିବା ସହିତ ଏକାଗ୍ରତା ବଢାଇଥାଏ । ଧ୍ୟାନ ଭଳି ଅନେକ ଯୋଗ ଓ ପ୍ରାଣାୟମ ରହିଛି ଯାହା ମାନସିକ ସ୍ୱାସ୍ଥ୍ୟା ପାଇଁ ଖୁବ ଉପକାରୀ ହୋଇଥାଏ । ତେଣୁ ପ୍ରତିଦିନ ନିଜ ଦୈନନ୍ଦିନ କାର୍ଯ୍ୟରେ ଯୋଗକୁ ସାମିଲ କରନ୍ତୁ ଖୁବ ଉପକାର ମିଳିବ ।

ରିଆଲିଟି ଶୋ ଟର୍ଣ୍ଣିଂ ପଏଣ୍ଟ

ଅନେକ ସେଲିବ୍ରିଟିମାନେ ରିଆଲିଟି ଶୋ କରିବାପରେ ସେମାନଙ୍କର କ୍ୟାରିୟରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି ତାଲିକାରେ ଅନେକ ସେଲିବ୍ରିଟିଙ୍କର ନାଁ ସାମିଲ ରହିଥାଏ । ସେହି ତାଲିକାରେ ଏବେ ନିକଟରେ ଯୋଡି ହୋଇଛନ୍ତି ଆଉଜଣେ ସେଲିବ୍ରିଟି ଗୌରବ ଖନ୍ନା । ନିକଟରେ ହୋଇଥିବା ସେଲିବ୍ରିଟି ମାଷ୍ଟର ସେଫର ପ୍ରଥମ ସିଜନ୍‌ର ବିଜେତା ହୋଇଛନ୍ତି ଗୌରବ । ପ୍ରଥମ ଏପିସୋଡରେ ଗୌରବଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ହେଲେ ସମସ୍ତଙ୍କୁ ଚକିତ କରି ସେ ଶେଷ ପର୍ଯ୍ୟନ୍ତ ରହିବା ସହିତ ବିଜେତା ହୋଇଥିଲେ । ଏହି ଶୋରେ ଟେଲିଭିଜନର ଅନେକ ବଡବଡ ସେଲିବ୍ରିଟି ଭାଗ ନେଇଥିଲେ, ଯେଉଁମାନଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ସୌରଭ । ତେବେ ସୂଚନା ଅନୁସାରେ ସୌରଭଙ୍କର ଏହା ହେଉଛି ପ୍ରଥମ ରିଆଲିଟି ଶୋ' ଯେଉଁଥିରେ ସେ ଭାଗନେବା ସହ ବିଜେତା ମଧ୍ୟ ହୋଇଛନ୍ତି । ଏହି ଶୋଟି ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ବୋଲି ସେ ମତ ଦେଇଛନ୍ତି । ଆଗକୁ ତାଙ୍କୁ ଏହି ଶୋରେ ଶିଖିଥିବା ବିଭିନ୍ନ କଥା ବେଶ୍ କାମରେ ଲାଗିବ ବୋଲି ସେ ବିଭିନ୍ନ ସାକ୍ଷାତକାରରେ ପ୍ରକଶ କରିଥିଲେ । ଟିଭି ଦୁନିଆର ଗୌରବ ହେଉଛନ୍ତି ଜଣେ ପରିଚିତ ଚେହେରା ଯିଏ ନିଜର ଅଭିନୟ ଜରିଆରେ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି ।

କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରକଳ୍ପର ଭିତ୍ତିଭୂମିର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି ।

ବଳଙ୍ଗା ପୀଡ଼ିତାଙ୍କ ପାଇଁ କବର ପ୍ରସ୍ତୁତ

ବିମାନବନ୍ଦର, ଗାଁରେ କଡ଼ା ସୁରକ୍ଷା

ଭୁବନେଶ୍ୱର(ସବ୍ୟୁ): ଦିଲ୍ଲୀ ଏମ୍ସରେ ଶନିବାର ରାତିରେ ଆଖି ବୁଜିଛନ୍ତି ବଳଙ୍ଗା ପୀଡ଼ିତା । ଏମ୍ସରେ ପୋଷ୍ଟମର୍ଟମ ପରେ ବଳଙ୍ଗା ପୀଡିତାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ଏବଂ ଏହାକୁ ବିମାନ ଯୋଗେ ଓଡିଶା ଅଣାଯିବ । ରବିବାର ରାତି ୧୧ଟା ସମୟରେ ବଳଙ୍ଗା ପୀଡ଼ିତାଙ୍କ ମୃତଦେହ ଦିଲ୍ଲୀ ଏମ୍ସରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ ବୋଲି କୁହାଯାଉଛି । ଏହାପରେ ମୃତଦେହକୁ ଗାଁକୁ ନିଆଯିବ । ଏହା ପୂର୍ବରୁ ବିମାନବନ୍ଦର ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସେଠାରେ କବରସ୍ଥାନରେ କବର ଦିଆଯିବଛ ଇତି ମଧ୍ୟରେ କବର ଖୋଳା ସରିଥିବାବେଳେ ପରିବାର ସଦସ୍ୟ ଅନ୍ତିମ ସଂସ୍କାର ପାଇଁ ରୀତିନୀତିରେ ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି ।

ଗତ ୧୯ ତାରିଖରେ ବଳଙ୍ଗା ଅଞ୍ଚଳରେ ଗାଁ ନଦୀ ବନ୍ଧରୁ ଅର୍ଦ୍ଧଦU ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା । କୁହାଯାଉଥିଲା ତାଙ୍କୁ ୩ ଯୁବକ ନିଆଁ ଲଗାଇ ଦେଇଥିଲେ । ଏହାପରେ ଗୁରୁତର ଥିବାରୁ ଜୁଲାଇ ୧୯ ତାରିଖରେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ପୀଡ଼ିତାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଇଥିଲେ । ଜୁଲାଇ ୨୦ରେ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ଏମସରୁ ଦିଲ୍ଲୀ ଏମସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ଚିକିତ୍ସା ନିମନ୍ତେ ସ୍ପେଶାଲ ମେଡିକାଲ ଟିମ୍ ଗଠିତ ହେଉଥିଲା । ଦୁଇ ଥର ତାଙ୍କର ସ୍କିନ୍ ଗ୍ରାଫଫିଂ ଅସ୍ତ୍ରୋପଚାର ବି ହୋଇଥିଲା । ଧୀରେ ଧୀରେ ସେ ସୁସ୍ଥ ହୋଇ ଆସିଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବହୁ ସାଂସଦ ଦିଲ୍ଲୀ ଏମ୍ସରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ପିଲାଟି ସୁସ୍ଥ ହୋଇଥିବା ଜାଣି ରାଜ୍ୟବାସୀ ବି ଆଶ୍ୱସ୍ତ ହେଉଥିଲେ ।

ମାତ୍ର ହଠାତ ସବୁ କିଛି ଓଲଟିଗଲା । ଆଉ ବହୁ ଚେଷ୍ଟା ସତ୍ତ୍ୱେ ଗତ ରାତିରେ ପୀଡ଼ିତା ଆଖି ବୁଜିଲେ । ଆଉ ନିଜ ଜନ୍ମମାଟିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଗାଁକୁ ଝିଅର ମରଶରୀର ରବିବାର ଫେରିବ । ତେଣୁ ତା'ପାଇଁ ସମାଧୀ ଖୋଳିଲେଣି ପରିବାର ଓ ସମ୍ପର୍କୀୟ । ଗାଁରେ ବି ପୋଲିସ୍ କଡ଼ା ପଇଁତରା ମାରୁଛି । କୌଣସି ଅଘଟଣ ଆଶଙ୍କାରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି । ଏହି ଘଟଣାକୁ ରାଜନୀତିରୁ ଦୂରେଇ ରଖିବାକୁ ପୀଡ଼ିତାଙ୍କ ପରିବାର କୋହଭରା କଣ୍ଠରେ ନିବେଦନ କରିଛନ୍ତି । ରାଜ୍ୟ ସରକାରଙ୍କ ସମେତ ଡାକ୍ତରମାନେ ବି ପୀଡ଼ିତାଙ୍କୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ହେଲେ ଝିଅ ଆମ ଭାଗ୍ୟରେ ନ ଥିଲା ବୋଲି କୋହଭରା କଣ୍ଠରେ ପରିବାର ଲୋକେ କହିଛନ୍ତି ।

ଗୋପ ବ୍ଲକ ବିଡ଼ିଓଙ୍କ ସ୍ୱାମୀଙ୍କୁ ଆକ୍ରମଣ ମାମଲା: ୨ଗିରଫ

ନିମାପଡା, (ସବ୍ୟୁ) : କାର ଓ ବାଇକ ସାଇଟ ମରାକୁ କେନ୍ଦ୍ର କରି ଶନିବାରି ସନ୍ଧ୍ୟାରେ ନିମାପଡା ତଳ ଅଣ୍ଡିଆ ଛକ ଠାରେ ଗୋପ ବିଡ଼ିଓଙ୍କ ସ୍ୱାମୀଙ୍କୁ କେତେକ ଯୁବକ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ସୁନା ଚେନ ଲୁଟ କରିଥିବା ନେଇ ନିମାପଡା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଏହି ମାମଲାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ଗୋପ ବିଡ଼ିଓଙ୍କ ସ୍ୱାମୀ ଅବନୀ ରଞ୍ଜନ ପଟ୍ଟନାୟକ ଗତ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ରୁ କାରରେ ଗୋପ ଆସୁଥିବା ବେଳେ ହରିପୁର ବ୍ରିଜ ଠାରେ ବାଇକରେ ମେଳି ହୋଇ ଆସୁଥିବା କିଛି ଯୁବକ ଗାଡି ସାଇଟ ମରାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ଯୁକ୍ତି ତର୍କ ହୋଇଥିଲା । ଯୁବକ ମାନେ ତାଙ୍କ କାର ପିଛା କରି ଆସି ତଳ ଅଣ୍ଡିଆ ଛକ ଠାରେ ତାଙ୍କ କାର ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ, ଠେଲା ପେଲା କରି ତାଙ୍କ ବେକରୁ ସୁନା ଚେନ ଛଡାଇ ନେଇ ଥିଲେ । ଏସମ୍ପର୍କରେ ଶ୍ରୀ ପଟ୍ଟନାୟକ ନିମାପଡା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରିଥିଲା । ମାମଲାରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତ ନିମାପଡା ଗୁହାଳପଡା ଗ୍ରାମର ସନ୍ତୋଷ ପରିଡା ଓ ଆଶିଷ ଲେଙ୍କା କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

ଅବସରକୁ ୧୨ବର୍ଷ - ମିଳୁନାହିଁ ନିୟମିତ ପେନ୍‌ସନ୍

ଭୁବନେଶ୍ୱର,(ତଥ୍ୟ) ସରକାରୀ ଚାକିରିରୁ ଅବସର ଗ୍ରହଣର ପ୍ରାୟ ୧୨ବର୍ଷ ପରେ ମଧ୍ୟ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ନିୟମିତ ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ଏବଂ ଅଦାଲତ ଅବମାନନା ମାମଲାରେ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଅମଲାତନ୍ତ୍ରର ନଥିତଳେ ସବୁ ଚାପି ହୋଇ ରହିଯାଇଛି। ହାଇକୋର୍ଟଙ୍କ ନିକଟରେ ଗୁହାରି କରିବା ପୂର୍ବରୁ ଜାନକୀ ଦାସ ନାମ୍ନୀ ଏହି ଅବସରପ୍ରାପ୍ତ ଭିନ୍ନକ୍ଷମ ସରକାରୀ କର୍ମଚାରୀ ଜଣକ ତଳୁ ଉପର ପର୍ଯ୍ୟନ୍ତ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ନିକଟରେ ସମସ୍ୟା ସମାଧାନ ପାଇଁ ବାରମ୍ବାର ଗୁହାରି କରିଥିଲେ। ଶେଷରେ ନିଜ ବଞ୍ଚିବାର ଅଧିକାର ଲାଗି ସେ ଆଇନ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ସଂପୃକ୍ତ ମହିଳାଙ୍କ ସମସ୍ୟାର ତ୍ୱରିତ ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ।

ଏକାକୀ ଚଳାଚଳ କରିପାରୁନଥିବା ଏହି ୭୦ବର୍ଷ ବୟସ୍କା ଭିନ୍ନକ୍ଷମ ଅବସରପ୍ରାପ୍ତ ମହିଳା କର୍ମଚାରୀ କଷ୍ଟେମଷ୍ଟେ ବିଭିନ୍ନ ଦପ୍ତରକୁ ଦୌଡୁଥିବାବେଳେ ତାଙ୍କ ପ୍ରତି ଦରଦ ପ୍ରକାଶ କରିବା ପରିବର୍ତ୍ତେ ତାତ୍ସଲ୍ୟ କରି କେହି କେହି କହୁଛନ୍ତି ଯେ ଅଦାଲତରେ ୧୦ ହଜାରରୁ ଅଧିକ ଅଦାଲତ ଅବମାନନା ମାମଲା ପଡ଼ିଛି। ଏ ସଂକ୍ରାନ୍ତରେ ଏବେ ଏହି ମହିଳା ଜଣକ ପୁଣିଥରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ଦେବା ପାଇଁ ନିବେଦନ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଜାନକୀଙ୍କ ରିଟ୍ ପିଟିସନ୍‌ର ଫଇସଲା ୨୦୨୪ ଏପ୍ରିଲ ମାସରେ କରି ସୀମିତ ସମୟ ମଧ୍ୟରେ ତାଙ୍କ ସମସ୍ୟାର ସମାଧାନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ନିୟମିତ ପେନ୍‌ସନ୍ ନମିଳିବାରୁ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ୧୪/୦୨/୨୦୨୫ରେ ଏହି ଅଦାଲତ ଅବମାନନା ମାମଲା ଉପରେ ଓଡ଼ିଶା ହାଇକୋର୍ଟ ଅନ୍ୟ ଏକ ନିର୍ଦ୍ଦେଶ ଦେଇ ସୀମିତ ଅବଧି ଭିତରେ ଆବେଦନକାରିଣୀଙ୍କୁ ତାଙ୍କ ପ୍ରାପ୍ୟ ଦିଆନଗଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏହା ଉଦ୍ଦେଶ୍ୟମୂଳକ ଅଦାଲତ ଅବମାନନା ବୋଲି ଗଣାଯାଇ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହୋଇ କୈଫିୟତ ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ ଉଲ୍ଲେଖ କରିଥିଲେ। ଏସବୁ ସତ୍ତ୍ୱେ ବି ଆବେଦନକାରିଣୀଙ୍କୁ ଏଯାବତ୍ ନିୟମିତ ପେନ୍‌ସନ୍ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ।

ଓଡ଼ିଶା ବାଳିକା ବାଟାଲିଅନ୍ ଏନ୍‌ସିସିର ତାଲିମ ଶିବିର

ଭୁବନେଶ୍ୱର (ସବ୍ୟୁ): କଟକ ଗ୍ରୁପ୍ ଏନସିସି ଅଧୀନରେ ଓଡ଼ିଶା ବାଳିକା ବାଟାଲିଅନ୍ ଏନସିସି ଆଇଟିଇଆର ବିଶ୍ୱବିଦ୍ୟାଳୟ ପରିସରରେ ଜୁଲାଇ ୨୮ ରୁ ଅଗଷ୍ଟ ୦୬ ପର୍ଯ୍ୟନ୍ତ ଏହାର ମିଳିତ ବାର୍ଷିକ ତାଲିମ ଶିବିର ତଥା ଥଲ ସୈନିକ କ୍ୟାମ୍ପ (ବାଳିକା) ଆୟୋଜନ କରିଛି ।. ଏହି ଶିବିରରେ ବ୍ରହ୍ମପୁର, କଟକ ଏବଂ ସମ୍ବଲପୁରର ତିନି ଗୋଷ୍ଠୀରୁ ଝିଅମାନେ ଯୋଗ ଦେଉଛନ୍ତି। ପ୍ରତିଷ୍ଠିତ ଥଲ ସୈନିକ କ୍ୟାମ୍ପ ଦିଲ୍ଲୀ ପାଇଁ ଆନ୍ତଃ ଗୋଷ୍ଠୀ ପ୍ରତିଯୋଗିତା ଏବଂ ଚୟନ ଏଠାରେ ଅନୁଷ୍ଠିତ ହେବ ଏବଂ ସର୍ବଶ୍ରେଷ୍ଠ ଚୟନ କରାଯିବ, ତାଲିମ ଦିଆଯିବ ଏବଂ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦିଲ୍ଲୀ ପଠାଯିବ। ଏଥିରେ ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ କର୍ଣ୍ଣେଲ ସଞ୍ଜୀବ ଦେୱାନ, କମାଣ୍ଡିଂ ଅଫିସର ଓଡ଼ିଶା ବାଳିକା ବାଟାଲିୟନ ଏନସିସି। ଲେଫ୍ଟନାଣ୍ଟ କର୍ଣ୍ଣେଲ ଆର. କେ. ବାଲ୍ ହେଉଛନ୍ତି ଶିବିରର ଡେପୁଟି କମାଣ୍ଡଟ୍। ଏହି ଶିବିରର ଉଦ୍ଦେଶ୍ୟ ହେଉଛି (ସ) ଥଲ୍ ସୈନିକ କ୍ୟାମ୍ପ ଦିଲ୍ଲୀ ପାଇଁ କ୍ୟାଡେଟମାନଙ୍କୁ ଚୟନ ଏବଂ ତାଲିମ ଦେବା ଏବଂ ନୂଆଦିଲ୍ଲୀର ଗଣତନ୍ତ୍ର ଦିବସ କ୍ୟାମ୍ପ ପାଇଁ କ୍ୟାଡେଟମାନଙ୍କୁ ଚିହ୍ନଟ ଏବଂ ସର୍ଟଲିଷ୍ଟ କରିବା।

(ସସ) କ୍ୟାଡେଟମାନଙ୍କୁ

ଅତ୍ୟାବଶ୍ୟକ ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କର 'ଏ' 'ବି' ଏବଂ 'ସି' ସାର୍ଟିଫିକେଟ୍ ପରୀକ୍ଷାରେ ହାଜର ହେବାକୁ ଯୋଗ୍ୟ କରିବା। କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, ଗ୍ରୁପ କମାଣ୍ଡର କଟକ, ମୁଖ୍ୟ ପ୍ରଶିକ୍ଷଣ ଅଧିକାରୀ ୩୦ ଜୁଲାଇ ୨୦୨୫ ରେ କ୍ୟାମ୍ପସ ପରିଦର୍ଶନ କରିଥିଲେ ଏବଂ ତାଲିମ ମାନକ ପରିଦର୍ଶନ କରିଥିଲେ। ସେ କ୍ୟାଡେଟମାନଙ୍କୁ ମଧ୍ୟ ସମ୍ବୋଧିତ କରିଥିଲେ ଏବଂ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବା ପାଇଁ ପ୍ରେରିତ କରିଥିଲେ। ଫାୟାରିଂ, ପର୍ସନାଲିଟି ଡେଭଲପମେଣ୍ଟ କ୍ଲାସ୍, ମ୍ୟାପ୍ ରିଡିଂ, ଡ୍ରିଲ୍, ପିଟି, ଜଜିଂ ଡିଷ୍ଟାନ୍ସ, ଫିଲ୍ଡ ସିଗନାଲ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି କାର୍ଯ୍ୟକ୍ରମ ସହିତ ଏକ ପାୱାର ପ୍ୟାକ୍ ହୋଇଥିବା ୧୦ ଦିନ ଲାଇନରେ ଅଛି । ଏନସିସି କ୍ୟାଡେଟମାନେ ଶାରୀରିକ ସୁସ୍ଥତା, ଜ୍ଞାନ ଏବଂ ଶୃଙ୍ଖଳା ସହିତ ଅଧିକ ଆତ୍ମବିଶ୍ୱାସୀ ଏବଂ ସଶକ୍ତ ହେବେ। ଏହି ଶିବିର ଅଗଷ୍ଟ ୬ ତାରିଖ ୨୫ ତାରିଖରେ ଶେଷ ହେବ।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ର ଆଲୋଚନା ଚକ୍ର

ଖୋର୍ଦ୍ଧା, (ସବ୍ୟୁ): ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାର ଖୋର୍ଦ୍ଧା ଠାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଆଲୋଚନା ଚକ୍ର ଶୀର୍ଷକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ସର୍ବ ଭାରତୀୟ ଶିକ୍ଷକ ସଂଘ ର କୋଷାଧକ୍ଷ ପ୍ରକାଶ ମହାନ୍ତି ଯୋଗ ଦେଇ କହିଥିଲେ କି ପ୍ରାଥମିକ ଶିକ୍ଷକ ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କଲେ ଗୁଣାତ୍ମକ ଶିକ୍ଷା ହୋଇପାରିବ ନାହିଁ।ବିଦ୍ୟାଳୟର ଭିତି ଭୂମି ବିକାଶ ନ କରି ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଥିବାରୁ ଏହାର ସଫଳତା ସମ୍ଭବ ନୁହେଁ ବୋଲି ଦର୍ଶାଇଥିଲେ। ତେଣୁ ଶିକ୍ଷା ର ବିକାଶ ନିମନ୍ତେ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। ଏହି ଆଲୋଚନା ଚକ୍ର ରେ ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥି

ଯୋଗଦେଇ ଛାତ୍ର, ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାର ବିକାଶ ନିମନ୍ତେ ଏକ ବଡ଼ ପରିବର୍ତ୍ତନ ର ଆବଶ୍ୟକତା ଅଛି। ଯାହା ଦ୍ୱାରା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଆଗକୁ ଯାଇ ପାରିବ ବୋଲି ମତ ଦେଇଥିଲେ। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତି ଉଠାଇ ନିୟମିତ ଶିକ୍ଷକ ନିଯୁକ୍ତି, ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାର ରେ ଦରମା, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳ କୁ ମୂଳ ଚାକିରୀରେ ଗଣନା କରିବା ଓ ପୁରୁଣା ପେନସନ ପୁନଃ ପ୍ରଚଳନ କରିବାକୁ ଆଲୋଷ୍ଟର ସାଧାରଣ ସମ୍ପାଦକ ମତ ପ୍ରକାଶ କରିଥିଲେ।

ଏହି ଆଲୋଚନା ଚକ୍ର ବ୍ରହ୍ମାନନ୍ଦ ମହାରଣା ସଭାପତିତ୍ୱ କରିଥିଲେ। ଓଷ୍ଟା ର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଭିତି ପତ୍ର ଉପସ୍ଥାପନ କରିଥଲେ। ଦ୍ୱିତୀୟ ଅଧିବେଶନରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ର ରାଜ୍ୟ ନିର୍ବାଚନ କରଯାଇଥିଲା, ଏହି ନିର୍ବାଚନ ପରିଚାଳନା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କରିଥିଲା। ନିର୍ବାଚନରେ ବ୍ରହ୍ମାନନ୍ଦ ମହାରଣା ରାଜ୍ୟ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ କୃଷ୍ଣ ଚନ୍ଦ୍ର ବେହେରା, ଧରଣୀ ଧର ମଲ୍ଲିକ, ଟୁଲୁ ଦେଇ, ସୁଧାଂଶୁ ମଣ୍ଡଳ, ଶ୍ରୀକାନ୍ତ ବାରିକ ,ଉପସଭାପତି ଭାବେ ଦାମୋଦର ପଣ୍ଡା, ସନ୍ତୋଷ ଦୁବେ, ଚିନ୍ତାମଣି ପାଢ଼ୀ, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଅଗାଧୁ ସେଠି, ଯୁଗ୍ମ ସମ୍ପାଦକ ଭାବେ, ବିରୁପାକ୍ଷ ସେଠି, ମୁକ୍ତି ରାମ ପାଣିଗ୍ରାହୀ, ଗତିକୃଷ୍ଣ ପ୍ରଧାନ, ବିପିନ ବିହାରୀ ପାତ୍ର, ସଂଗଠନ ସମ୍ପାଦକ ଭାବେ ଆଭାଲିନ ପରିଡା, ଶରତ ସେଠି, ଦେବକାନ୍ତ ମେହେର, କୋଷାଧକ୍ଷ ଭାବେ ଗୋପାଳ କିଶୋର ସେନ୍ ଅଡିଟର ଭାବେ ଜନ୍ମେଜୟ ପରିଡା, ସଞ୍ଜୟ ଦଳେଇ ଓ ପ୍ରଭୋଜିତ୍ ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଦାବୀ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଥିଲା। ଶେଷରେ ଅଭ୍ୟର୍ଥନା କମିଟି ର ସମ୍ପାଦକ ଅଗାଧୁ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ

ଛାତ୍ର କଂଗ୍ରେସର ମହମବତୀ ଶୋଭାଯାତ୍ରା

ଭୁବନେଶ୍ୱର,(ସବ୍ୟୁ): ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ଛାତ୍ର କଂଗ୍ରେସର କର୍ମୀମାନେ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ମୋହନ ସରକାର ବଳଙ୍ଗା ପୀଡ଼ିତାକୁ ନ୍ୟାୟ ନଦେବା ପାଇଁ ଚକ୍ରାନ୍ତ କରିଛନ୍ତି । ଘଟଣାକୁ ଚପାଇ ଦେବାପାଇଁ ମିଛ କାହାଣୀ ରଚନା କରାଯାଇଛି ।

ବାଲେଶ୍ୱର ଏଫଏମ ସଂୟଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ଯେପରି ଚପେଇ ଦେବାପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି । ସେହିଭଳି ବଳଙ୍ଗା ପୀଡ଼ିତାର ମୃତ୍ୟୁ ପଛରେ ଥିବା କାହାଣୀ ମଧ୍ୟ ଲୋକଲୋଚନକୁ ଆସିପାରିବ ନାହିଁ । ସେହିଭଳି ଛାତ୍ର କଂଗ୍ରେସର ଉପସଭାପତି ସାଗର ପଟ୍ଟନାୟକ ଏବଂ ଛାତ୍ର କଂଗ୍ରେସ ନେତା ଦେବୀ ପ୍ରସାଦ ଜେନା (ବୁବୁ) ଏହି ଘଟଣାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଖଳନାୟିକା ବୋଲି କହିଛନ୍ତି । ଏହି ସରକାରରେ ନାରୀଙ୍କୁ ନ୍ୟାୟ ମିଳିବ ନାହିଁ । ଛାତ୍ର କଂଗ୍ରେସ ନାରୀଙ୍କୁ ନ୍ୟାୟ ଦେବାପାଇଁ ଆନ୍ଦୋଳନ କରିବ । କାର୍ଯ୍ୟକ୍ରମରେ ରାଜେଶ ବେହେରା, ଏସକେ ଜିଆଉଦ୍ଦିନ, ଦେବାଶିଷ ମଙ୍ଗରାଜ, ସନାତନ ବେହେରା, ଟିଟୁ ରାଉତରାୟ, ଅନିଲ ପଣ୍ଡା, ସୁବ୍ରତ ସ୍ୱାଇଁ, ସ୍ପନ୍ଦନ ସ୍ୱାଇଁ, ରାହୁଲ ରାଓ, ରାହୁଲ ମାଝୀ, ଆୟୁଶ ଖୁଣ୍ଟିଆ, ରାଜେଶ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ଅମ୍ଳାନ ମହାନ୍ତି ଓ ରବିନାରାୟଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ସଚେତନ ନାଗରିକ ହିଁ ସଠିକ୍ ସମୟରେ କର ଦେଇ ଦେଶର ଆର୍ଥିକ ଅଭିବୃଦ୍ଧି କରାଉଛନ୍ତି : ଆୟକର କମିଶନର

କଟକ, (ସବ୍ୟ

ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କଟକ, (ସ୍ୱପ୍ନ): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିରିବାଟୀ ଠାରେ ଅନୁଷ୍ଠିତ

ହୋଇଯାଇଛି । ରାଜ୍ୟ ସଭାପତି ସୁଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଙ୍କ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ବୈଠକରେ ସଂଘର ସାଧାରଣ ସମ୍ପାଦକ ଯାଭେଦ ଅକ୍ତତରଙ୍କ ସମେତ ୨୮ ଜିଲ୍ଲାରୁ ଆସିଥିବା ସଭାପତି ଏବଂ ସମ୍ପାଦକ ମାନେ ଉପସ୍ଥିତ ରହି ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏଆଇଙ୍କ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ୍ କରିବା, ରେଭିନ୍ୟୁ ସୁପରଭାଇଜରଙ୍କ ପଦ ନାମ ପରିବର୍ତ୍ତନ କରିବା, ଖାଲିଥିବା ପଦବୀ ପୂରଣ କରିବା ସହିତ ବର୍ତ୍ତମାନ ସମୟରେ ସରକାରଙ୍କ ଯେଉଁସବୁ କାର୍ଯ୍ୟକ୍ରମଗୁଡ଼ିକ ଚାଲିଛି ତାହା ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ରାଜସ୍ୱ କ୍ଷେତ୍ର ଅଧିକାରୀ (ଆରଆଇ) ମାନଙ୍କ ସମସ୍ତ ଅସୁବିଧାର ଆଶୁ ସମାଧାନ କରିବା ପାଇଁ ଦାବି ଉପସ୍ଥାନ କରିଥିଲେ । ଯଦି ଏହି ଦାବି ଗୁଡିକ ପୂରଣ ନକରାଯାଏ ତେବେ ସଂଘ ବାଧ ହୋଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବ । ମୁଖ୍ୟଅତିଥି ବିଧାୟକ ଙ୍କ ପ୍ରକାଶ ସେଠୀ ସମସ୍ତ ଦାବି ଗୁଡିକୁ ଶୁଣି ପୂରଣ କରିବା ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ଏହି ପ୍ରସଙ୍ଗକୁ ଆଗାମୀ ବିଧାନସଭାରେ ଉଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ । କଟକ ଜିଲ୍ଲା ସଭାପତି ସଞ୍ଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଓ ସାଥୀମାନେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

ଡିପିଏସ୍ କଳିଙ୍ଗରେ ମୁନ୍-୨୦୨୫

ଫୁଲନଖରା ,(ସବ୍ୟୁ): ସ୍ଥାନୀୟ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗରେ ମଡେଲୟୁନାଇଟେଡ୍ ନେସନ୍ (ମୁନ୍-୨୦୨୫) ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉ"ଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍ମେଣ୍ଟ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ କମ୍ୟୁନିକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡଃ. ଆଶିଷ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲଶ ବେଳେ ଉଦଯାପନୀ ସମାପନ ସମାରୋହରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବା ସହ କୃତି ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପ୍ରମାଣପତ୍ର ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ଶ୍ରୀମତୀ ସ୍ନାତୀ ନାଥ ଏବଂ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ମୁସ୍ତାକ୍ ଅହମଦ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଲା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଆୟୋଜକ କମିଟି ସଦସ୍ୟଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ "ଆନ୍ତର୍ଜାତିକ ଗଣମାଧ୍ୟମ, ସାଇବର ଅପରାଧ ଦମନ, କ୍ରୀଡ଼ା କ୍ଷେତ୍ରରେ ଲିଙ୍ଗ ସମତା, ସ୍ୱାଧୀନ ଭାରତ ପାଇଁ ଏକ ସମ୍ବିଧାନ, ଅବୈଧ ମାଦକ ଦ୍ରବ୍ୟ ବ୍ୟବସାୟ ନିୟନ୍ତ୍ରଣ ତଥା ଘାତକ ସ୍ୱାୟତ୍ତ ହତିଆର ଆଦି ୬ଟି କମିଟୀରେ ବିଭକ୍ତ ହୋଇ ବିଭିନ୍ନ ବିଷୟରେ ମତବ୍ୟକ୍ତ କରି ନିଜର ନେତୃତ୍ୱ ଦକ୍ଷତା ଏବଂ ତର୍କ ଯୋଗ୍ୟତା ପ୍ରଦର୍ଶନ କରିଥିଲେ ।

ଭଦ୍ରକ ସମ୍ମିଳନୀ ଓ ଜାତୀୟକବି ବାଞ୍ଛାନିଧି ସ୍ମୃତିସଂସଦର 'ମେଘ ମେଘ ଆକାଶ' ବର୍ଷାବରଣ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଅଗଷ୍ଟ ମାସ ୩ ତାରିଖରେ ଜାତୀୟକବି ବାଞ୍ଛାନିଧି ସ୍ମୃତିସଂସଦ ଓ ଭଦ୍ରକ ସମ୍ମିଳନୀ ମଳତ ଆନୁକୁଲ୍ୟରେ ବର୍ଷାବରଣ କବିତା ପାଠୋତ୍ସବ ସ୍ଥାନୀୟ ରେଡକ୍ରସ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଞ୍ଛାନିଧି ସ୍ମୃତି ସଂସଦର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଭଦ୍ରକ ସମ୍ମିଳନୀର ସଭାପତି ଡ ପ୍ରଭାତକୁମାର ପାଢୀ ସ୍ୱାଗତ ଭାଷଣ ରଖିଥିଲେ । ବରିଷ୍ଠ କବି ଓ ଭଦ୍ରକ ସମ୍ମିଳନୀର ଉପଦେଷ୍ଟା ଡ ରବିନାରାୟଣ ସେନାପତି ପ୍ରଥମ କବତାପାଠ କରବା ସହିତ ଜାତୀୟକବିଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଉପଦେଷ୍ଟା ବରିଷ୍ଠ ଐତିହାସିକ ଡ ନିହାର ରଞ୍ଜନ ପଟ୍ଟନାୟକ ଜାତୀୟକବିଙ୍କ ସ୍ମୃତିଚାରଣ କରିଥିଲେ । ଧନ୍ୟବାଦ ଦେଇଥିଲେ ଦୁଇଟିଯାକ ସଂଗଠନର ସମ୍ପାଦକ ନିରୋଦ କୁ ରାଉତ । ଭଦ୍ରକ ସମ୍ମିଳନୀକୁ ବଞ୍ଚେଇ ରଖିଥିବା ବଂଶୀଧର ଭୋଇ , ଅଧ୍ୟକ୍ଷ ବିଷ୍ଣୁ ମୋହନ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ନୂତନ ଭାବରେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ କବି ଓ ରାଜ୍ୟ ସଂଯୋଜକ ଦ୍ୱୟ ସୁରେନ୍ଦ୍ର ପାଣିଗ୍ରାହୀ ଏବଂ ଉମାକାନ୍ତ ରାଉତ । ବର୍ଷାବରଣ " ମେଘ ମେଘ ଆକାଶ"ର ଚମତ୍କାର ସଂଯୋଜନାରେ ପ୍ରାୟ ପଚାଶଜଣ କବି ଭାଗନେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ରାଜନୀତିରେ ବିଶ୍ୱଭୂଷଣ ବାବୁ ହେଉଛନ୍ତି ଆଦର୍ଶ ରାଜନେତା ଓ ଅଜାତଶତ୍ରୁ : ଡକ୍ଟର ଦାସ

କଟକ, (ସବ୍ୟୁ): ସାମ୍ପ୍ରତିକ ରାଜନୀତିରେ ପିତାମହ ଭୀଷ୍ମ ଭାବେ ପରିଚିତ ପୂର୍ବତନ ମହାମହିମ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ ତମ ଜନ୍ମ ଜୟନ୍ତୀ ଆଡମ୍ବପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ସରକାରୀ ସ୍ୱୀକୃତିପ୍ରାପ୍ତ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ଆୟୋଜିତ ଜୟନ୍ତୀ ସଭାରେ କେନ୍ଦ୍ରୀୟ ଅଧ୍ୟକ୍ଷ ଆଡ଼ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ମନ୍ଦିରର

ମୁଖ୍ୟପୂଜକ ପଣ୍ଡିତ ହୃଷିକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ବିଶ୍ୱଭୂଷଣ ବାବୁଙ୍କ ସୁସ୍ଥ ଓ ନିରାମୟ ଦୀର୍ଘ ଜୀବନ କାମନା କରି ଜଳାଭିଷେକ ଓ ଦୀପଦାନ କରାଯାଇଥିଲା। ସୋସାଇଟି ଚେଞ୍ଜାର୍ସର ସଭାପତି ସାରଦା ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅତିଥି ଭାବେ ପ୍ରଫେସର ପ୍ରଭାକର ମିଶ୍ର (ପ୍ରାଧ୍ୟାପକ) , ସମାଜସେବୀ ଗୌରାଙ୍ଗ ସାମଲ, କୃଷ୍ଣଚନ୍ଦ୍ର ବଳ, ନିବାସଚନ୍ଦ୍ର ମିଶ୍ର ଓ ଗଙ୍ଗାଧର ବେହେରା ପ୍ରମୁଖ ଯୋଗ ଦେଇ ବିଶ୍ୱଭୂଷଣବାବୁଙ୍କ ମୂଲ୍ୟବୋଧ ରାଜନୀତି ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରି ରାଜନୀତିରେ ସେ ଥିଲେ ଅଜାତଶତ୍ରୁ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଭୁ ଗଡ଼ଗଡ଼େଶ୍ୱର ତାଙ୍କୁ ଦୀର୍ଘାୟୁ କରନ୍ତୁ ବୋଲି ସମୁହ ପ୍ରାର୍ଥନା କରିଥିଲେ । ସଭାପତି ଭାଷଣ ରେ ଡକ୍ଟର ଦାସ କହିଲେ - ବିଶ୍ୱଭୂଷଣବାବୁଙ୍କ ଜୀବନର ଇତିହାସ ହେଉଛି ଏକ ବୃହତ ଅଭିଧାନ। ଉତ୍ତରପିଢ଼ି ରାଜନୀତି ନେତାଙ୍କ ପାଇଁ ସେ ହେଉଛନ୍ତି ଜଣେ ଆଦର୍ଶପୁରୁଷ। ଶେଷରେ ଆଡ଼ଭୋକେଟ ସଂଯୋଜ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ସାଙ୍ଗଠନିକ ବୈଠକ

ଅସ୍ତରଙ୍ଗ,(ସବ୍ୟୁ) : ଶୁକ୍ରବାର ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ସାଙ୍ଗଠନିକ ବୈଠକ ଅସ୍ତରଙ୍ଗ ଘଣ୍ଟିକଣ ସ୍ଥିତ ବାଲିଆପାଟ ରାଧା ଗୋବିନ୍ଦ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କ ସୁରକ୍ଷା, ପ୍ରଶାସନ କ୍ଷେତ୍ର ରେ ଅନେକ ସମୟ ରେ ସାମ୍ବାଦିକ ମାନଙ୍କୁ ଅଣଦେଖା, ଓ ଆସନ୍ତା ସ୍ୱାଧୀନତା ଦିବସ ପାଳନ ପାଇଁ ଏହି ବୈଠକ ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।ଏହି ବୈଠକରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ସ୍ଥାନୀୟ ତହସିଲଦାର ଙ୍କୁ ଦାବିପତ୍ର ଦିଆଯିବା ସହିତ ସମାଜ କଲ୍ୟାଣ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ନିଷ୍ପତି ନିଆଯାଇଛି ।ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ନିଷ୍ପତି ହୋଇଛି । ଏହି ବୈଠକରେ ସଭାପତି ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, ସମ୍ପାଦକ ଲୋକନାଥ ସ୍ୱାଇଁ, ପରାମର୍ଶ ଦାତା ନିରଞ୍ଜନ ଦାସ, ପ୍ରଶାନ୍ତ ବାରିକ ଓ ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ,କୋଷାଧ୍ୟକ୍ଷ ସମୀର କୁମାର କର, ଉପସଭାପତି ସମୀର ବେହୁରା, ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ, ସଭ୍ୟ ସୁଧୀର କର,ଆଦିତ୍ୟ ବିଶ୍ୱାଳ, ଆର୍ତ୍ତ ତ୍ରାଣ ମହାନ୍ତି ଉପସ୍ଥିତ ରହିଥିଲେ । ସମସ୍ତ କାର୍ଯ୍ୟକୁ ସଙ୍ଘ କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ ପରିଚାଳନା କରିଥିଲେ ।

ଓଡ଼ିଶାରେ ଜିଓର ଦବ୍‌ଦବା

ଜୁନ୍ ମାସରେ ଯୋଡ଼ିଛି ସର୍ବାଧିକ ନୂତନ ଗ୍ରାହକ - ଟ୍ରାଇ ତଥ୍ୟ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ରିଲାଏନ୍ସ ଜିଓ ଜୁନ୍ ମାସରେ ଓଡ଼ିଶାରେ ସର୍ବାଧିକ ନୂତନ ଗ୍ରାହକ ଯୋଡ଼ିବା ସହିତ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଜିଓ ଜୁନ୍ ମାସରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ୫ଜି ଏଫଡବ୍ଲୁଏ କ୍ଷେତ୍ରରେ ୧.୧୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି। ତଥ୍ୟ ଅନୁଯାୟୀ, ଜିଓ ଜୁନ୍ ମାସରେ ଓଡ଼ିଶାରେ ୯୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୧ ହଜାରରୁ ଅଧିକ ନୂତନ ଜିଓଫାଇବର ଓ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହିତ ଓଡିଶାରେ ଜୁନ ଶେଷ ସୁଦ୍ଧା ଜିଓ ନେଟୱାର୍କରେ ୧.୬୩ କୋଟିରୁ ଅଧିକ ମୋବାଇଲ ଗ୍ରାହକ, ୩.୪ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୧.୯୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି। ଟ୍ରାଇ ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୭୩ ହଜାର ବୃଦ୍ଧି ପାଇ ୩.୫୩ କୋଟି ଅତିକ୍ରମ କରିଛି। ଜୁନ୍ ମାସରେ ଜିଓ ସର୍ବାଧିକ ୯୭ ହଜାର ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ ଆଇଡ଼ିଆ ମାତ୍ର ୪୫୭୬ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଅନ୍ୟପକ୍ଷରେ ଉଭୟ ଏୟାରଟେଲ ଓ ବିଏସଏନଏଲ ଏହି ମାସରେ ରାଜ୍ୟରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି । ଜୁନ୍ ମାସରେ ଏୟାରଟେଲ ଓଡ଼ିଶାରେ ୧୨ ହଜାରରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ବେଳେ ବିଏସଏନଏଲ ୧୬ ହଜାରରୁ ଅଧିକ ଗ୍ରାହକ ହରାଇଛି। ଜାତୀୟ ସ୍ତରରେ, ଜିଓ ଜୁନ୍ ମାସରେ ସର୍ବାଧିକ ୧୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି । ଏହା ସହିତ, ଜିଓର ଲୋକପ୍ରିୟ ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ଏବେ ଦେଶରେ ୭୪ ଲକ୍ଷରୁ ଅଧିକ ଗ୍ରାହକ ହାସଲ କରି ବିଶ୍ୱର ସର୍ବବୃହତ ଏଫଡବ୍ଲୁଏ ସେବା ପ୍ରଦାନକାରୀ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ରିଲାଏନ୍ସ ଜିଓ ମେ ୨୦୨୫ ରେ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଜିଓଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ହାସଲର ମାଇଲଖୁଣ୍ଟ ଛୁଇଁସାରିଛି; ଅତିକ୍ରମ କରିଛି। ରାଜ୍ୟରେ ୪୬ ପ୍ରତିଶତରୁ ଅଧିକ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ, ୫୦ ପ୍ରତିଶତରୁ ଅଧିକ ୱାୟାରଲାଇନ୍ ଉପଭୋକ୍ତା ବଜାର ଅଂଶ ଏବଂ ପ୍ରାୟ ୮୪ ପ୍ରତିଶତ ୫ଜି ଏଫଡବ୍ଲୁଏ ଗ୍ରାହକ ବଜାର ଅଂଶ ସହିତ ଜିଓ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ସ୍ଥାନ ବଜାୟ ରଖିଛି। ଓଡ଼ିଶାର କୋଣ ଅନୁକୋଣରେ ଜିଓର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ବଳରେ ଏହା ସମ୍ଭବ ହୋଇଛି।

ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ପୁରସ୍କାର ବିତରଣ ଉତ୍ସବ

କଟକ, (ସ୍ୱପ୍ନ): ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ୍ ଇଣ୍ଡିଆନ୍ ମଡେଲ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ କୃଷ୍ଣଚନ୍ଦ୍ର ଆଇଚ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଓ ବରିଷ୍ଠ ପ୍ରଶାସକ ଡ଼ଃ ଧରଣୀଧର ନାଥ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟ ଅତିଥିରୂପେ ଅର୍ଚ୍ଚନା ରାଣୀ ଭୂୟାଁ, ଶ୍ୟାମସୁନ୍ଦର ଶାସ୍ତ୍ରୀ, ଙ୍କ ମନୋରଞ୍ଜନ ମହାନ୍ତି, ଙ୍କ ସୁବ୍ରତ ଘଡ଼ାଇ, ସଞ୍ଜୟ କୁମାର ଜେନା, ହିମାଂଶୁ ଷଡ଼ଙ୍ଗୀ, ରାକେଶ ତ୍ରିପାଠୀ, ବରଦା ନାୟକ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଡ଼ଃ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅଧ୍ୟକ୍ଷା ଡ଼ଃ ମଞ୍ଜୁଶ୍ରୀ ଶାସ୍ତ୍ରୀ ପିଲାମାନଙ୍କୁ କିଭଳି ଠିକ୍ ପାଠ ପଢ଼ି ଜୀବନରେ ଭଲ ଓ ଆଦର୍ଶ ମଣିଷ ହେବେ ତାହା ସୂଚାଇଥିଲେ । ସ୍କୁଲର

ବିଭିନ୍ନ ପ୍ରତିଯୋଗିତା, ପ୍ରକଳ୍ପ ପ୍ରଦର୍ଶନୀ ଓ ବାର୍ଷିକ କ୍ରୀଡ଼ାରେ ଭାଗ ନେଇ କୃତିତ୍ୱ ଲାଭ କରିଥିବା ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ପୁରସ୍କାର ସେମାନଙ୍କୁ ଭବିଷ୍ୟତରେ ପ୍ରତିଯୋଗିତା ମନୋଭାବକୁ ବଢାଇବା ସହିତ ଭଲ ପାଠ ପଢିବାକୁ ପ୍ରେରଣା ଯୋଗାଇବ ବୋଲି ବିଦ୍ୟାଳୟର ନିର୍ଦ୍ଦେଶକ ଡ଼ଃ ଙ୍କ ଚୌଧୁରୀ ସମ୍ପତ୍ ଦାସ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ ।

ସୀମାରେ ଯବାନ ଭାଇ ପିନ୍ଧିବେ ଯାଜପୁର ରାକ୍ଷୀ

ସେନା ମୁଖ୍ୟାଳୟକୁ ସଚେତନ ନାଗରିକ ମଞ୍ଚ ପଠାଇଲା ଦୁଇ ହଜାର ରାକ୍ଷୀ

ଚଣ୍ଡିଖୋଲ(ସବ୍ୟୁ) ଦେଶର ସୀମା ଜଗୁଥିବା ଭାରତୀୟ ସେନା ବାହିନୀର ଯବାନ ଭାଇମାନେ ଆଗାମୀ ରାକ୍ଷୀ ପୂର୍ଣ୍ଣିମାରେ ପିନ୍ଧିବେ ଯାଜପୁର ଜିଲ୍ଲାର ରାକ୍ଷୀ । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଏହି ଉପଲକ୍ଷେ ସ୍କୁଲରେ ଯବାନ ଭାଇ ପିନ୍ଧିବେ ଯାଜପୁରର ରାକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମନେ ଦେଶାତ୍ମ ବୋଧକ ସଂଗୀତ ଓ ନୃତ୍ୟ ପରିବେଶଣ କରିବା ସହିତ ଏକ ପାଟୁଆରରେ ତୀରଙ୍ଗା ଯାତ୍ରା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଂଚିବାପରେ ଦେଶର ଯବାନ ଭାଇ ମାନଙ୍କ ମଙ୍ଗଳକାମନା ପାଇଁ ପୂଜାର୍ଚନା କରି

ବଳଙ୍ଗା ନାବାଳିକା ପୋଡ଼ି ଘଟଣା

ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ସରକାରଙ୍କୁ ମହାଙ୍ଗା ପଡ଼ିବ : ଅଳକା ଲାମ୍ବା

ଦୀଲ୍ଲୀ/ଭୁବନେଶ୍ୱର,(ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ୧୫ ବର୍ଷୀୟା ନାବାଳିକାକୁ ତିନି ଜଣ ଦୁର୍ବୃତ୍ତ ଅପହରଣ କରି ଜୀବନ୍ତ ପୋଡ଼ିଦେଲେ । ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସ ଅଣା ଯାଇଥିଲା ପିଡ଼ୀତାଙ୍କ ଜୀବନ ବଞ୍ଚାଇବା ପାଇଁ। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡିତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରଛନ୍ତି । ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଆମେ ପଚାରି ଆସୁଛୁ ସେ ତିନି ଅଭିଯୁକ୍ତ ଗଲେ କୁଆଡେ ।

ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆମେ ଦାବି କରି ଆସୁଥିବା ବେଳେ କୁହାଯାଉଛି କି ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି। ଯାହା ଆମକୁ ଆଶ୍ଚର୍ଯ୍ୟ କରିଛି । ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହେଲେ। କିନ୍ତୁ ଏବେ ୧୫ ବର୍ଷର ନାବାଳିକା ଉପରେ ଦୋଷ ଲଦୁଛନ୍ତି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ପୋଲିସ କହିଛି ଏ ଘଟଣାରେ କୌଣସି ବ୍ୟକ୍ତି ସାମିଲ ନାହାନ୍ତି । ଆମେ ନାବାଳିକାକୁ ଭେଟିବା ପାଇଁ ଅନେକ ଉଦ୍ୟମ କଲୁ । କିନ୍ତୁ ଭେଟିବାକୁ ଦେଲେ ନାହିଁ । ମୁଁ ଓ ମୋ ସହଯୋଗୀ ମାନେ ସଂସଦ ଘେରାଉ କଲୁ ଆମକୁ ପୋଲିସ ଆଠ ଘଣ୍ଟା ଅଟକ ରଖିଲେ । ଆମ ସ୍ୱରକୁ ଚାପିବାକୁ ଉଦ୍ୟମ କରାଯାଇଛି । ସେମିତି ଓଡ଼ିଶାର ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରୀ କରି ,ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଳଙ୍ଗା ପୀଡ଼ିତା ବି ମରିଗଲା ହସ୍ପିଟାଲ ବେଡରେ ନ୍ୟାୟ ମାଗି ମାଗି । ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲି । କିନ୍ତୁ ମୋତେ ପୋଲିସ ଘରେ ଅଟକ ରଖିଲା। ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି ସରକାର । ତେଣୁ ମହିଳା ମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ ନ୍ୟାୟ ମାର୍ଚ୍ଚ କରିବ ମହିଳା କଂଗ୍ରେସ ବୋଲି ରବିବାର ନୂଆଦିଲ୍ଲୀ ସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଅଖିଳ ଭାରତ ମହିଳା କଂଗେସ ସଭାନେତ୍ରୀ ଅଳକା ଲାମ୍ବା ।

ସେ କହିଛନ୍ତି,ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ ଆମେ ଲଢ଼ିବୁ । ମୁଖ୍ୟମନ୍ତ୍ରୀ ଓଡ଼ିଶାରେ କୁନ୍ତୀର କାନ୍ଦଣା କାନ୍ଦୁଛନ୍ତି । କହୁଛନ୍ତି ନାବାଳିକା ନିଜେ ନିଜକୁ ଜଳାଇ ଦେଲା । ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ ଦେଇ ଦେଲେ । ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରନ୍ତୁ । ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

ଯୁବ ସାନ୍ତାଳୀ କବି ଫାଗୁ ବାସ୍କେ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ନିକଟରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ପାଇଁ ମନୋନୀତ ହୋଇଥିବା ସାନ୍ତାଳୀ ଯୁବକବି ଫାଗୁ ବାସ୍କେଙ୍କୁ ସ୍ଥାନୀୟ ତକତପୁର ସ୍ଥିତ ଶିକ୍ଷତାଲିମ କେନ୍ଦ୍ରର ସଭାଗାରରେ ଉତ୍କଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ଯୁବଲେଖକ ବିଭାଗ, ଓଡ଼ିଶା ଶାଖାଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି ।

ଏହି ଅବସରରେ ମୁଖ୍ୟଅତିଥି ରୂପେ ସାନ୍ତାଳୀ ଲେଖକ ଡଃ ଗଙ୍ଗାଧର ହାଁସଦାଃ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିବା ସହିତ ତାଙ୍କର ଲେଖା ଗୁଡ଼ିକ ଗଜ ଲୟର ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳ ପ୍ରାଧ୍ୟାପକ ଆନପା ମାଣ୍ଡି ମାଣ୍ଡି, ସମ୍ମାନୀତ ବକ୍ତା ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡଃ ଲକ୍ଷ୍ମଣ ବାସ୍କେ ଏବଂ ଅନ୍ୟତମ ବକ୍ତାଭାବେ ଶିକ୍ଷତାଲିମ କେନ୍ଦ୍ରର ଅଧ୍ୟକ୍ଷ କାନ୍ଦାନ ମାଝୀ ଉପସ୍ଥିତ ରହି ଯୁବକବିଙ୍କର ଲେଖାକୁ ପ୍ରଶଂସା କରିଥିଲେ । ଦ୍ୱିତୀୟ ସତ୍ରରେ ଅନେକ ଯୁବକବି ସ୍ୱରଚିତ କବିତା ପାଠ କରିଥିଲେ ଏବଂ ସେଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ଏହି ସଭାର ପରିଚାଳନା ସଂଘର ସମ୍ପାଦିକା ସୁମିତ୍ରା ମୁର୍ମୁ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସଂଘର ଉପସଭାପତି ଲକ୍ଷ୍ମଣ କିସ୍କୁ । ସଭା ପରିଚାଳନାରେ ମାଙ୍ଗାତ ମୁର୍ମୁ, ସିରାମ ଟୁଡୁ, ଅଧ୍ୟାପକ ଦୁର୍ଗା ସରେନ୍ ଓ ହାଜାମ ବାସ୍କେ ଆଦି ସହଯୋଗ କରିଥିଲେ ।

ଅଟଳବାହୀନି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): ଅଟଳ ଯୁବ ବାହିନୀ ତରଫରୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବି.ରବି ରାଓଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ଶ୍ରୀରାମନଗର ସ୍ଥିତ ଭଜରାମ ବିହାର ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଟଳ ଯୁବ ବାହିନୀ ଗଞ୍ଜାମ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବୃକ୍ଷରୋପଣ ଅଭିଯାନ କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତ୍ତି ନେଇଛି । ଏହି ପରିପ୍ରେକ୍ଷୀରେ ଆଜି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ବୃକ୍ଷ ହିଁ ଜୀବନକୁ ମୂଳମନ୍ତ୍ର କରି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମା' ପାଇଁ ଗଛଟିଏ ମନ୍ତ୍ରର ଆହ୍ୱାନକୁ ନେଇ ଆଜି ୧୦୦ରୁ ଊର୍ଦ୍ଧ ବୃକ୍ଷରୋପଣ କରାଯାଇଛି । ଅଟଳ ଯୁବ ବାହିନୀର ସଭାପତି ଶିବ ଶଙ୍କର ପତି ଯୋଗ ଦେଇ କହିଛନ୍ତିଯେ, ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ପରିବେଶ ସୁରକ୍ଷା ଉଦ୍ୟମର ଏକ ଅଂଶ, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ତିଆରି କରିବା । ଏହି ବୃକ୍ଷରୋପଣ ଅଭିଯାନ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ କମଲ ପାତ୍ର, କିଶୋର କୁମାର ସାହୁ, ଜି.ବିଜୟ ପାତ୍ର, ଆଇନଜୀବୀ କୁଞ୍ଜବିହାରୀ ପଣ୍ଡା, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଶକ୍ତି ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଜ୍ୟୋର୍ତିବିଦ୍ ଘନଶ୍ୟାମ ମିଶ୍ରଙ୍କ ପୁସ୍ତକ ଜ୍ୟୋତିଷ ଶିକ୍ଷା ଉନ୍ମୋଚିତ

ବୁଗୁଡା, (ସବ୍ୟୁ): ଜ୍ୟୋର୍ତିବିଦ ଶ୍ରୀ ଓ ଜ୍ୟୋତିଷ ସୁଧାକର ଉପାଧିରେ ବିଭୂଷିତ ଅଞ୍ଚଳର ସୁନାମଧନ୍ୟ ଜ୍ୟୋତିଷ ଘନଶ୍ୟାମ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ ଜ୍ୟୋତିଷ ଶିକ୍ଷାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରେମଚାନ୍ଦ ନଗରସ୍ଥିତ ଘନଶ୍ୟାମ ମିଶ୍ରଙ୍କ ବାସଭବନ ପରିସରରେ ପ୍ରକୃତି ବନ୍ଧୁ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା କବି ଅନନ୍ତ କର, ସମ୍ମାନିତ ଅତିଥି ଭାବେ ବୁଗୁଡା ମିଡିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ, ବିଭୁତି ଭୂଷଣ ତ୍ରିପାଠୀ, କମ୍ବୁପାଣି ଦାଶ, ଗୋକୁଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ ଜ୍ୟୋତିଷ ଶିକ୍ଷାର ଉନ୍ମୋଚନ ସାଙ୍ଗକୁ ଏହାର ଉପାଦେୟତା ସମ୍ପର୍କେ ଆଲୋକପାତ କରିଥିଲେ । ଏ ଅବସରରେ ସ୍ୱଶରୀରକୁ ସମ୍ପୂର୍ଣ୍ଣ ଅଙ୍ଗଦାନ ଚୁକ୍ତିରେ ଆବଦ୍ଧ ହୋଇଥିବା ୭୯ ବର୍ଷ ବୟସ୍କ ଘନଶ୍ୟାମ ମିଶ୍ରଙ୍କ ଦ୍ୱାରା ପୂର୍ବରୁ ଲିଖିତ ଅନ୍ୟ ୫ଟି ପୁସ୍ତକ ଧର୍ମ ଭକ୍ତିର ଅମୃତ ଧାରା, ଜଗଦୀଶ ଚଉତିଶା, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସିମ୍ପଲ୍ ଏଣ୍ଡ ଇଜି ଇଂଲିଶ୍ ଗ୍ରାମାର, ସଂକ୍ଷିପ୍ତ ରାମାୟଣ ଆଦି ସମ୍ପର୍କରେ ମଧ୍ୟ ବ୍ୟାପକ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଆଶୁତୋଷ ମିଶ୍ର, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ସୁରଜିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ, ଜଙ୍ଗଲ ଜମିପଟ୍ଟା ଓ ଭୂମିହୀନ ପଟ୍ଟା ବାଣ୍ଟିଲେ ମନ୍ତ୍ରୀ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ତରଫରୁ ପୌର ପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ)-୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସାଧାରଣ ଉଦ୍ୟୋଗ ବିଭାଗ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭରତ ପାତ୍ର, ଉପାଧ୍ୟକ୍ଷା ସୀମା ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାହୁ ବିସ୍ତୃତ ଭାବେ ସରକାରଙ୍କ ଜନକଲ୍ୟାଣକାରି ଯୋଜନା ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ଜନ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ଡଃ ମହାପାତ୍ର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେବଳ ଗ୍ରାମାଞ୍ଚଳରେ ସୀମିତ ନୁହେଁ ଏହା ସହରାଞ୍ଚଳରେ ବାସ କରୁଥିବା ଘର ନଥିବା ଗରିବଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ମଧ୍ୟ ଗୃହ ଯୋଗାଇ ଦିଆଯାଉଛି ।

ଏଥିସହିତ ମନ୍ତ୍ରୀ କହିଥିଲେ ଯେ, ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକ ଗୁଡିଏ କାର୍ଯ୍ୟ ହାତକୁ ନିଆଯାଉଛି । ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ । ପୌର ପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ । ତତ୍‌ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଂଚଳ କରାଯିବା ନେଇ ଯୋଜନା କରାଯାଉଛି । ଏହି ବିକାଶ ଧାରାରେ ସମସ୍ତଙ୍କ ସହଭାଗୀତା ଓ ସହଯୋଗ ଆବଶ୍ୟକ । ତେଣୁ ବାରିପଦା ସହରକୁ ସୁସ୍ଥ, ସୁନ୍ଦର ଓ ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ଆମେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀ ଏହି ଅବସରରେ ସହରର ବିଭିନ୍ନ ୱାର୍ଡର ୪୯ଜଣ ହିତାଧିକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ବସୁନ୍ଧରା ଯୋଜନା ଅନ୍ତର୍ଗତ ୧୩ଜଣ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର, କାନ୍ଦ୍ରା ସୋରେନ, ରଜନୀ କାନ୍ତ ବିଶ୍ୱାଳଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି, ହିତାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ବ୍ରହ୍ମପୁର ସବୁଜବାହିନୀ ପକ୍ଷରୁ ଆସ ବୃକ୍ଷ ସହ କରିବା ମିତ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): ଅଗଷ୍ଟ ମାସ ପ୍ରଥମ ରବିବାର ହେଉଛି ବନ୍ଧୁତା ଦିବସ । ଏହି ଅବସରରେ ବ୍ରହ୍ମପୁର ସବୁଜବାହିନୀ ଓ କଳିଙ୍ଗ ବିଦ୍ୟା ମନ୍ଦିରର ମିଳିତ ଆନୁକୁଲ୍ୟରେ ଏକ ନିଆରା କାର୍ଯ୍ୟକ୍ରମ ଆସ ବୃକ୍ଷ ସହ କରିବା ମିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ସହରରେ ଥିବା ଶହଶହ ପୁରୁଣା ବଡ଼ବଡ଼ ବଟ ଓ ଅଶ୍ୱତ୍ଥ ବୃକ୍ଷ ଗୁଡ଼ିକର ସୁରକ୍ଷା ପାଇଁ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ସହ ମିଶି ପରିବେଶ ଅନୁକୂଳ ଫୁଲ ଓ ନଡ଼ିଆ ଗଛର ପତ୍ରରେ ତିଆରି କରାଯାଏ । ମିତ୍ରତାର ଡୋରି ଓ ସେହି ଡୋରିକୁ ସମସ୍ତେ ଗଛରେ ବାନ୍ଧି ବୃକ୍ଷ ସହ ମିତ୍ରତା କରିବା ସହ ଗଛକୁ ସୁରକ୍ଷା ଦେବା ପାଇଁ ଶପଥ ନେଉଥିବା ବେଳେ ଏହି ବର୍ଷ ସୂକୁଣ୍ଡା ହଜ ଠାରେ ବିଗତ ଦିନରେ ଲଗାଯାଇଥିବା ବିଭିନ୍ନ ପ୍ରକାରର ବୃକ୍ଷ ମାନଙ୍କୁ ପରିବେଶ ଅନୁକୂଳ ଫୁଲ ଓ ପତ୍ରରେ ମିତ୍ରତାର ଡୋରି ତିଆରି କରିବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥିଲା । ଡୋରି ତିଆରି କରି ବୃକ୍ଷକୁ ବାନ୍ଧିଥିଲେ। ସଂଗଠନର ସଦସ୍ୟ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସୋଚେତନ ଓ ଉତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର ନାରା ବନ୍ଧୁତା ଦିବସରେ ନେବା ଶପଥ, ଆସ ବୃକ୍ଷ ସହ କରିବା ମିତ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଭିନ୍ନ ପର୍ବ ପର୍ବାଣୀରେ ଲୋକ ମାନଙ୍କୁ ପ୍ରକୃତି ସହିତ ଜଡିବା ଓ ପରିବେଶର ସୁରକ୍ଷା ଦେବା ଯାହା ଦ୍ୱାର ବୃକ୍ଷର ସୁରକ୍ଷା ସହିତ ବୃକ୍ଷର ଉପକାରିତା ସମ୍ପର୍କରେ ଲୋକମାନେ ସଚେତନ ହେବେ ଓ ପରିବେଶ ସହିତ ଜୋଡ଼ିହେବେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କରିଥିଲା ସଂଗଠନର ସଭାପତି ଶିବରାମ ପାଣିଗ୍ରାହି, ସମ୍ପାଦକ ସାଗର ପ୍ରସାଦ ପାତ୍ର, ଉପ ସଭାପତି ଏ ପ୍ରକାଶ, ପି ବିନୋଦ, ଅନିଲ ଚୌଧୁରୀ, ଅଜୟ ସାହୁ, ପ୍ରବୀଣ ନାୟକ, ସୀମାଦ୍ରି ବାଲାଜୀ ଓ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

ରାଜସ୍ୱ ଅମଲା ସଂଘ ସମ୍ବଲପୁର ଶାଖାର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ସମ୍ବଲପୁର ଜିଲ୍ଲା ଶାଖାର ଏକ କାର୍ଯ୍ୟକାରିଣୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରରେ କାର୍ଯ୍ୟରତ ଅମଲା ମାନଙ୍କର ଦାବି ପୂରଣରେ ରାଜ୍ୟ ସରକାରଙ୍କର ଅହେତୁକ ବିଳମ୍ବ ହେତୁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଆଜିର ବୈଠକ କରାଯାଇ ସରକାରଙ୍କ ପାଖରେ ଏହି ୧୦ ଦଫା ଦାବି ପହଞ୍ଚାଇବା ସକାଶେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଶାଖା ସଭାପତି ମନମୋହନ ସାହୁଙ୍କ ନେତୃତ୍ୱରେ ଦାବୀ ସମୂହ ଉପରେ ଏହି ସାଧାରଣ ପରିଷଦ ବୈଠକରେ ଆଲୋଚନା କରଯାଇଥିଲା । ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି - ୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ତାରିଖ - ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କ

ନଦୀବନ୍ଧ ଉପରେ ଜାଲ ଶୁଖାଇବାରୁ ଗଣ୍ଡଗୋଳ

ମହାକାଳପଡ଼ା ,(ସବ୍ୟୁ): ସ୍ଥାନୀୟ ବ୍ଲକ ଅଧୀନ ମାର୍ଶାଘାଈ ଥାନା ଅନ୍ତର୍ଗତ ଅମେଇପାଳ ପଞ୍ଚାୟତ ମହାନଙ୍ଗଳା ଗ୍ରାମର ନରେଶ ନାୟକ ମାଛ ଧରିବା ପରେ ନଦୀ ବନ୍ଧ ରେ ଜାଲ ଶୁଖାଇଥିଲେ । ବନ୍ଧ ଉପରେ ଜାଲ ଶୁଖୁଥିବା ର ଦେଖି ଗ୍ରାମସ୍ଥ ଆଦର୍ଶ ମହାପାତ୍ର ନରେଶ ଙ୍କ ସହିତ ପାଟିତୁଣ୍ଡ କରି ଜାଲ ଫୋଫାଡ଼ି ଦେଇଥିଲେ । ପାଟିତୁଣ୍ଡ ଶୁଣି ନରେଶଙ୍କ ସାନଭାଇ ବିକାଶ ଘଟଣା ସ୍ଥଳକୁ ଯିବାରୁ ଆଦର୍ଶ ଉତକ୍ଷିପ୍ତ ହୋଇ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ । ଠେଙ୍ଗା ବାଡ଼ିରେ ଆକ୍ରମଣ କରିବାରୁ ନରେଶଙ୍କ ମୁଣ୍ଡ ଫାଟି ଯାଇ ତଳେ ପଡିଯିବାରୁ ତାଙ୍କର ଅନ୍ୟ ସହଯୋଗୀମାନେ ତାଙ୍କୁ ବାଡେଇ ଡାହାଣ ଗୋଡ଼ କ୍ଷତାକ୍ତ କରିଥିଲେ । ଚିତ୍କାର ଶୁଣି ମା ରଜନୀ ଓ ଭଉଣୀ ସୁମିତ୍ରା ସେଠାକୁ ଯିବାରୁ ଆଦର୍ଶ ଓ ତାଙ୍କ ସହଯୋଗୀ ମାନେ ମା ଓ ଭଉଣୀଙ୍କ ଇଜ୍ଜତ ନେଇ ଗାଳିଗୁଲଜ କରିବା ନେଇ ନେଇ ନରେଶ ମାର୍ଶାଘାଈ ଥାନାରେ ଅଭିଯୋଗ କରିଥିଲେ । ଆକ୍ରମଣ କାରି ମାନଙ୍କ ପକ୍ଷରୁ ମିନତୀ ମହାପାତ୍ର ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି । ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନରେଶ ଙ୍କ ଅଭିଯୋଗ କ୍ରମେ ୨୨୧/୨୫ଓ ମିନତୀ ଙ୍କ ଅଭିଯୋଗ କୁ ଭିତ୍ତି କରି ୨୨୨/୨୫ମୂଳେ ମାମଲା ରୁଜୁ କରିଛି । ପୋଲିସ ଦୁଇ ଦୁଇଟି ମାମଲା ନେଇ ଅନୁସନ୍ଧାନ ଜାରି ରଖିଥିବା ବେଳେ ଆକ୍ରମଣ କାରି ମାନେ ଏତଲା ପ୍ରତ୍ୟାହାର ନ କଲେ ନରେଶଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇପରବର୍ତ୍ତୀ ଦିନ ଘରେ ପଶି ସାନ ଭାଇ, ଭଉଣୀ ଓ ମା ଙ୍କୁ ଆକ୍ରମଣ କରି ଥିଲେ । ଏନେଇ ଭଉଣୀ ସୁମିତ୍ରା ନିଜର ତଥା ପରିବାର ଲୋକଙ୍କ ସୁରକ୍ଷା ନେଇ ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିଥିବାର ଜଣାପଡିଛି । ନରେଶ ଓ ମିନତୀ ଉଭୟଙ୍କ ଅଭିଯୋଗ ତଦନ୍ତ ଅଧିକାରୀ ରତିକାନ୍ତ ଶତପଥିଙ୍କୁ ପଚାରିବାରୁ ଅନୁସନ୍ଧାନ ଜାରି ରହିଛି ଓ ଆକ୍ରମଣ କାରିମାନେ ଅନୁପସ୍ଥିତି ଥିବାର କହିଛନ୍ତି ।

ତିନି ଆନ୍ତଃଜିଲ୍ଲା ଡ଼କାୟତ ଗିରଫ

ସ୍କର୍ପିଓ, ବନ୍ଧୁକ ସୁନା ରୁପା ଅଳଙ୍କାର ସହିତ ନଗଦ ଟଙ୍କା ଜବତ

ସାଲେପୁର,(ସବ୍ୟୁ): ନେମାଳ ଓ ସାଲେପୁର ଥାନା ଅଞ୍ଚଳରେ ଚୋରି ଘଟଣାରେ ୩ଜଣ ଆନ୍ତରଜିଲ୍ଲା ଡକାୟତି ଗିରଫ। ଏମାନଙ୍କ ନିକଟରୁ ଗୋଟିଏ ସ୍କର୍ପିଓ, ୩ଟି ବାଇକ, ୩୩ଗ୍ରାମ ସୁନା ଅଳଙ୍କାର,୧.୧୫୦ଗ୍ରାମ ରୁପା ଅଳଙ୍କାର, ୩ଟି ମୋବାଇଲ, ଗୋଟିଏ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ଓ ଗୋଟିଏ ଚାପଡ଼, ୧୦ହଜାର ଟଙ୍କା ଜବତ। ୩ଜଣ ଡକାୟତକୁ କୋର୍ଟ ଚାଲାଣ ନେଇ ସାଲେପୁର ଥାନା ପରିସରରେ ପ୍ରେସମିଟରେ ସୂଚନା ଦେଲେ ଗ୍ରାମଞ୍ଚଳ ଏସ୍ପି ସାଲେପୁର ଥାନା ପରିସର ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଯୋଗ ଦେଇ କହିଥିଲେ ନେମାଳ ଥାନା ଅନ୍ତର୍ଗତ ଚାରିରକବା ଗ୍ରାମର ରଞ୍ଜନ କୁମାର ସାହୁ କରିଥିବା ଅଭିଯୋଗ ସେ ବାଲି ଗରଡା ରେ ନିଜର ଅଳଙ୍କାର ଦୋକାନ ବନ୍ଦ କରି ଘରକୁ ଫେରିବା ବାଟରେ ହାଣ୍ଡିଡିଆ ପୋଲ ପାଖରେ କିଛି ଦୁର୍ବୁତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ବ୍ଲାଙ୍କ ଫାୟରିଂ କରି ଭୟଭୀତ କରିଥିଲେ ଏବଂ ତାଙ୍କ ପାଖରେ ଥିବା ସୁନା ରୁପା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ । ଏହି ଅଭିଯୋଗକୁ ଆଧାର କରି କଟକ ଗ୍ରାମାଞ୍ଚଳ ଏସ୍ପି ଙ୍କ ନିର୍ଦ୍ଦେଶରେ ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ପୋଲିସ ଟିମରେ ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ, ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ସାଲେପୁର

ଥାନା ଆଇଆଇସି ଅନିତା ସାହୁ ଏବଂ ସ୍ପେଶାଲ ସ୍କ୍ୱାର୍ଡ କଟକ ମିଳିତ ଭାବେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଘଟଣା ରେ ୩ଜଣ ଡ଼କାୟତ ଓ ଚୋରି ଜିନିଷ କିଣିବା ଅଭିଯୋଗ ରେ ଜଣକୁ ଗିରଫ କରିବା ରେ ସଫଳ ହୋଇଛନ୍ତି।ଏମାନେ ହେଲେ ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ଗୋଲିଆ ଗ୍ରାମର ତୋଫାନ ବିଶୋଇ ୩୦,କେନ୍ଦ୍ରାପଡା ଜିଲ୍ଲା ପଙ୍ଗାମୁଣ୍ଡାଇ ଥାନା ଦୋବଣ୍ଡ ଗ୍ରାମର ସନ୍ତୋଷ ମଲ୍ଲିକ ୪୨,ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ସାହାରଡ଼ିଆ ଗ୍ରାମର ପ୍ରଭାତ ମଲ୍ଲିକ ୨୯, ଏବଂ ଚୋରି ଜିନିଷ କିଣିବା ଅଭିଯୋଗରେ କଟକ ଜିଲ୍ଲା ଭଦ୍ରେସଓ୍ୱର ଥାନା ମତିପାରିଲୋ ଗ୍ରାମର ଦିବ୍ୟଜ୍ୟୋତି ନାୟକ ଙ୍କୁ ଗିରଫ କରିବା ସହିତ ଏମାନଙ୍କ ନିକଟରୁ ଗୋଟିଏ ସ୍କର୍ପିଓ, ୩ଟି ବାଇକ, ୩୩ଗ୍ରାମ ସୁନା ଅଳଙ୍କାର,୧.୧୫୦ଗ୍ରାମ ରୁପା ଅଳଙ୍କାର, ୩ଟି ମୋବାଇଲ, ଗୋଟିଏ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ଓ ଗୋଟିଏ ଚାପଡ଼, ୧୦ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଏମାନଙ୍କ ସହିତ ଡକାୟତି ଘଟଣା ରେ ସଂପୃକ୍ତ ଅନ୍ୟ ଦୁଇଜଣ ଅଭିଯୁକ୍ତ କେନ୍ଦୁଝର ପୋଲିସ ହେପାଯତରେ ଥିବା ସୂଚନା ଦେଇଥିଲେ।ପ୍ରାୟ ଏକ ବର୍ଷ ତଳେ ସାଲେପୁର କେନ୍ଦ୍ରାପଡା ମୁଖ୍ୟ ରାସ୍ତାର କୋଲଣ ପୁର ଛକ ନିକଟରେ ଥିବା ଫ୍ଲିପକ୍ୱାର୍ଟ କମ୍ପାନୀ ରୁ ହୋଇଥିବା ଡକାୟତି ଘଟଣା ରେ ଏମାନେ ସମ୍ପୃକ୍ତି ଥିବା ଏସ୍ପି ସୂଚନା ଦେଇଥିଲେ।

ମିଳିତ ଶିକ୍ଷକ କର୍ମଚାରୀ ସଂଘର ବିଇଓ ଅଫିସ ଆଗରେ ଧାରଣା

ରାଜକନିକା, (ସବ୍ୟୁ):ରାଜ୍ୟ ଶିକ୍ଷକ ସଂଘ ଆହ୍ୱାନରେ ରାଜକନିକା ବ୍ଲକ ସ୍କୁଲ କଲେଜ ମିଳିତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଏକ ଦିବସ ବ୍ୟାପୀ ଧାରଣା ଅନୁଷ୍ଠିତ ହୋଇ ଯାଇଛି। ବର୍ଷିୟାନ୍ ଶିକ୍ଷକ କାଳିପ୍ରସାଦ ନାୟକ ଙ୍କ ଦ୍ୱାରା ଉଦଘାଟିତ ଉକ୍ତ ଧାରଣା ରେ ବିଭିନ୍ନ ବିଦ୍ୟାଳୟର ୫୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ପୂର୍ବତନ ନେତୃତ୍ୱ ଯୋଗ ଦେଇଥିଲେ। ଆୟୋଜିତ ଉକ୍ତ ଧାରଣ କାର୍ଯ୍ୟକ୍ରମ ରେ ବ୍ଲକ ଅଲୋଷ୍ଟା ର ସଭାପତି ପ୍ରଦୀପ୍ତ କୁମାର ଦାଶ ପୌରୋହିତ୍ୟ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଓଷ୍ଟା ର ସମ୍ପାଦକ ପ୍ରଣବ କୁମାର ଜେନା, ଜିଲ୍ଲା ଓଷ୍ଟା ର ସମ୍ପାଦକ ଭଗବାନ ସାହୁ, ଉପସଭାପତି ସଞ୍ଜୟ କୁମାର ସାମଲ, ପ୍ରାକ୍ତନ ବ୍ଲକ ସମ୍ପାଦକ ନବ କିଶୋର ସୁତାର, ବରିଷ୍ଠ ଶିକ୍ଷକ ନେତା ରମାକାନ୍ତ ସାହୁ, ବିଜୟ କୁମାର ବେହେରା, ରତିକାନ୍ତ ଦାସ, ବଟକୃଷ୍ଣ ପଣ୍ଡା ପ୍ରମୁଖ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଶିକ୍ଷକ ମାନଙ୍କ ପ୍ରତି ସରକାର ଙ୍କର ବୈମାତୃକ ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ମାସ ୮ ତାରିଖ ରେ ଜିଲ୍ଲାପାଳ ଙ୍କ ଅଫିସ୍ ସମ୍ମୁଖରେ ଧାରଣା ଓ ଦାବୀ ଦିବସ ୧୬ ତାରିଖ ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବହୁ ସଂଖ୍ୟାରେ ଯୋଗ ଦେଇ ଆଗାମୀ ଆନ୍ଦୋଳନ କୁ ଜୋରଦାର୍ କରିବାକୁ ଆହ୍ୱାନ ଦେଇଥିଲେ।ବ୍ଲକ ଓଷ୍ଟା ସଭାପତି ସୁରେନ୍ଦ୍ର ନାଥ ରାଉତ, ଉପସଭାପତି ଅମର କୁମାର ବାରିକ, ଯୁଗ୍ମସଂପାଦକ ପ୍ରଭାତ କୁମାର ବାରିକ, କାର୍ଯ୍ୟକାରୀ ସଦସ୍ୟ ନିରୋଦ କୁମାର ରାଉତ, ଝିଲ୍ଲୀ ରାଣୀ ସାହୁ, ଶିକ୍ଷକ ଅରୁଣ କୁମାର ଧଳ ପ୍ରମୁଖ ଆଗାମୀ ଆନ୍ଦୋଳନ କୁ ସଫଳ କରିବାକୁ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ.।ସର୍ବଶେଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ,ଉଚ୍ଚ ଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା.

ପୋଖରୀରେ ପଡି ବୃଦ୍ଧାଙ୍କ ମୃତ୍ୟୁ

ମଙ୍ଗଳପୁର,(ସବ୍ୟୁ) : : ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥ ବାଉଁଶ ବାଡ଼ି ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ପତ୍ନୀ ହରପ୍ରିୟା ମହାନ୍ତି (୭୫)ଶନିବାର ରାତିରେ ପାଖରେ ଥିବା ଗଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯାଇ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରି ପାଇନଥିବାବେଳେ ରବିବାର ସଖାଳୁ ଏହି ଗଡ଼ିଆରେ ହରପ୍ରିୟା ଭାସୁଥିବାର ଦେଖିଥିଲେ । ଖବରପାଇ ଦଶରଥପୁର ଦମକଳ ବାହିନୀ ଓ ଦଶରଥପୁର ଥାନା କତୃପକ୍ଷ ଘଟଣା ସ୍ଥଳକୁ ଯାଇ ଶବକୁ ବାହାରକୁ ଆଣିଥିଲେ। ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

ନଦୀରେ ବୁଡି ଯୁବକ ମୃତ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଂଚୟତ ଦଣ୍ଡଶେଣା ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ଯାଇ ନଦୀରେ ବୁଡି ମୃତ୍ୟୁଯ ଘଟିଛି । ମୃତକ ଦଣ୍ଡଶେଣା ଗ୍ରାମର ଗୋବର୍ଦ୍ଧନ ପ୍ରଧାନଙ୍କ ପୁଅ ରାକେଶ ପ୍ରଧାନ(୧୯) ବୋଲି ଜଣାପଡିଛି । ସୂଚନା ଅନୁସାରେ ଆଜି ଅପରାହ୍ନ ୫ଟା ସମୟରେ ରାକେଶ ଶୌଚ ହେବାଲାଗି ବ୍ରାହ୍ମଣୀ ନଦୀକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ । ସେଠାରେ ଉପସ୍ଥିତ ଲୋକମାନେ ତାଙ୍କୁ ନଦୀରୁ ଉଦ୍ଧାର କରି ପରିବାର ଲୋକେଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ କରିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଜେନାପୁର ଥାନା ପୁଲିସ ଏକ ଅପମୃତୁଯ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

ବ୍ରେନ ଷ୍ଟ୍ରୋକରେ ପୀଡ଼ିତ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,(ସବ୍ୟୁ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ସାନ୍ତରା ସାହିର ବ୍ରେନ ଷ୍ଟ୍ରୋକରେ ପୀଡ଼ିତ ଯୁବକ ସ୍ୱର୍ଗତ ଶଙ୍କର୍ଷଣ ନାୟକଙ୍କ ବଡ଼ପୁଅ ସଂଜୟ କୁମାର ନାୟକ(୪୯)ଙ୍କର ରବିବାର ସକାଳେ ମୃତ୍ୟୁ ହୋଇଯାଇଛି। ସଂଜୟ ଗତ ବର୍ଷ ନଭେମ୍ବର ମାସରେ ବ୍ରେନ ଷ୍ଟ୍ରୋକରେ ପିଡ଼ିତ ହୋଇ କଟକ ବଡ଼ ଡ଼ାକ୍ତରଖାନାରୁ ଅସ୍ତ୍ରୋପଚାର ହୋଇ ଘରକୁ ଫେରିଥିଲେ। ମାତ୍ର ଘରକୁ ଫେରି ରିବାର କିଛି ମାସ ପରେ ସେ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ତେବେ ଶନିବାର ରାତିରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ଡ଼ାକ୍ତରଖାନାରେ ପହଂଚିବାର କିଛି ସମୟ ମଧ୍ୟରେ ତାଙ୍କର ପରଲୋକ ଘଟିଥିଲା। ପରିବାର ଲେଲାକ ମାନେ ତାଙ୍କର ମୃତ ଶରୀରକୁ ସ୍ୱର୍ଗରଥରେ ଆଣି ଗ୍ରାମରେ ପହଂଚିବା ପରେ ଗ୍ରାମବାସୀ ମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ପରେ ତାଙ୍କର ମୃତ ଶରୀରକୁ ଗ୍ରାମ ଶ୍ମଶାନନରେ ସତ୍କାର କରାଯାଇଥିଲା। ସାନ ଭାଇ ସନ୍ଦୀପ ମୁଖାଗ୍ନୀ ଦେଇଥିଲେ। ସ୍ୱର୍ଗତ ସଂଜୟ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଂଚଳରେ ପରିଚିତ ଥିବା ବେଳେ ତାଙ୍କର ମୃତ୍ୟୁ ଖବର ପାଇ ଗ୍ରାମବାସୀ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ।

ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଧର୍ମପରାୟଣ ମହିଳା ହେମଲତା ପଣ୍ଡାଙ୍କ ଦ୍ୱାଦଶ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ସନ୍ତୋଷ କୁମାର ଜେନା,ଦୁର୍ଗାପ୍ରସନ୍ନ ଦାଶ, ପ୍ରହ୍ଲାଦ ପଣ୍ଡା,ଡ଼କ୍ଟର ଗୌତମ ଜେନା, ଯତୀନ ଦାଶ, ରବୀନ୍ଦ୍ର ନାଥ ମିଶ୍ର, ସଞ୍ଜୟ ଦାଶ, ଶିକ୍ଷକ ସୁବାସ ପଣ୍ଡା ଓ ଭଗବାନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କ କାର୍ଯ୍ୟଧାରା ଓ ଜୀବନୀ ଉପରେ ଆଲୋକପାତ କରିଥିଲେ।ଶିଶୁ ସୌରଭର ସଂପାଦକ ଅଭିମନ୍ୟୁ ଧଳ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଇସ୍କନ ସଂଗଠନ ପକ୍ଷରୁ ଗୀତାଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା।। ବଡପୁଅ ଇଂଜିନିୟର ନିମାଇଁ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ସୁଭଦ୍ରା ମହତାବ କଲେଜର ପ୍ରତିଷ୍ଠା ଉତ୍ସବ

ନିଶ୍ଚିନ୍ତକୋଇଲି,(ସବ୍ୟୁ): : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ଠାରେ ଥିବା ସୁଭଦ୍ରା ମହତାବ ମହାବିଦ୍ୟାଳୟର ୪୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରାକ୍ତନ କଲେଜ ଅଧକ୍ଷ ପଦାରବିନ୍ଦ ବିଶ୍ୱାଳଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କଲେଜ ଅଧକ୍ଷ ପ୍ରଧାପକ ବିରଞ୍ଚିନାରାୟଣ ପଣ୍ଡାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜର ପ୍ରାକ୍ତନ ଅର୍ଥନୀତି ବିଜ୍ଞାନର ଅଧାପକ ଚନ୍ଦ୍ରମଣୀ ରଥ ,ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରଧାପିକା ମମତାକୁମାରୀ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ବିରୁପାକ୍ଷ ରାୟ, ପ୍ରାଧାପକ ସୁଶାନ୍ତ କୁମାର ନାୟକ, ପ୍ରାଧାପିକା ଡ଼ଃ ସୁପ୍ରଭା ପରିଡ଼ା, ପ୍ରାଧାପକ ପ୍ରତାପ ଚନ୍ଦ୍ର ସାହୁ ଯୋଗ ଦେଇ ଉକ୍ତ ଶିକ୍ଷାନୁଷ୍ଠାନର ଶୁଭେଚ୍ଛୁ ମାନଙ୍କୁ ପ୍ରଶଂସା କରିବା ସହିତ ଯେଉଁ ଲକ୍ଷ୍ୟ ନେଇ ଏହି ଅଞ୍ଚଳର ବୁଦ୍ଧିଜୀବୀ ମାନେ ଏହି ଅନୁଷ୍ଠାନକୁ ଗଠନ କରିଥିଲେ ତାହା ଏବେ ଦୁଇପାଦ ଆଗରେ ରହିଛି ବୋଲି ମତବ୍ୟକ୍ତ କରି ସେମାନଙ୍କୁ ସମ୍ମାନ ଜଣାଇଥିଲେ । ଅଧାପକ ବିଜୟ କୁମାର ପରିଡ଼ା,ରଂଜନ କୁମାର ସେଠୀ, ସୁଧୀର କୁମାର ଦାସ,ଡ଼ଃ ନରୋତ୍ତମ ବଳ, ରଜନୀକାନ୍ତ ପଣ୍ଡା,ଲୋଲୁପ କୁମାର ମହାରଣା, ଉମାକାନ୍ତ ସାମଲ, ଅନୁସୂୟା ରାଉତରାୟ,ଜ୍ୟୋତିପ୍ରଭା ସିଂ,ଅଂଜିତା ଦାସ,ସୂର୍ଯ୍ୟକାନ୍ତ ମଲ୍ଲିକ, ଡ଼ଃ କବିତା ଷଡଙ୍ଗୀ, ସୁବାଷ ଚନ୍ଦ୍ର ବେହେରା, ପ୍ରତାପକିଶୋର ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଧାପକ ମନମୋହନ ଖଟୁଆ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଡ଼ଃ ସୁପ୍ରଭା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ବଢୁନି ତେଲ ମସଲା ପଇସା ଅଙ୍ଗନୱାଡିରେ ରୋଷେଇ ହେବ କିପରି ?

ମାହାଙ୍ଗା ,(ସବ୍ୟୁ): ସରକାର ବଦଳିଗଲେ ହେଲେ ପୂର୍ବ ସରକାରଙ୍କ ନିୟମ ବଦଳିନି । ଏପଟେ ସିଡିପିଓମାନଙ୍କର ତାଗିଦ୍ ରୋଷେଇ ଅଙ୍ଗନୱାଡିରେ ଠିକ୍ ଠାକ୍ କର । ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ଅଙ୍ଗନୱାଡି କେନ୍ଦ୍ରରେ ୧୦/୧୨ ଜଣ ପିଲା ଅଛନ୍ତି ସେ କେନ୍ଦ୍ରରେ ରୋଷେଇ ହେବ କିପରି ? ସରକାର ଅଣ୍ଡାର ଦର ବଢାଇ ଦେଲେ । ପୂର୍ବରୁ ଅଣ୍ଡାର ଦର ଗୋଟି ପିଛା ୫ଟଙ୍କା ଥିଲା । ଏବେ ୭ ଟଙ୍କା ହୋଇଛି । ପନିପରିବା ତେଲ ଓ ମସଲା ପାଇଁ ସରକାର ୬୪ ପଇସା ଦେଉଛନ୍ତି । ପୂର୍ବରୁ ହରଡଡାଲି କିଲୋ ପିଛା ସରକାର ୬୦ପଇସା ଦେଉଥିଲେ । ବଜାରରେ ହରଡଡାଲିର ଦର କିଲୋ ପିଛା ୧୮୦ ଟଙ୍କା ହୁଇ ତିନି ବର୍ଷ ତଳୁ ଦର ବଢିଲାଣି । ୬୦ ଟଙ୍କାରେ ହରଡଡାଲି କିଣା ଯାଇ ପାରିବ ତ ? ସେହିପରି ତେଲ କିଣିବା ପାଇଁ ଲିଟର ପିଛା ସରକାର ୯୦ ଟଙ୍କା ଦେଉଛନ୍ତି । ବର୍ତ୍ତମାନ ଭଲ ତେଲର ଦର ବଢିଯାଇଛି । ସେହିପରି ସକାଳ ଜଳଖିଆ ପାଇଁ ରାଜ୍ୟ ସରକାର ୧.୫୦ ପ. ଦେଉଛନ୍ତି। ଚକ୍‌ଲେଟ୍‌ର ମୂଲ୍ୟ ବଢିଗଲାଣି । ୧.୫୦ ପ. ରେ ଚୁଡା ବାଦାମ ଲଡ୍ଡୁ, ଅଟା ଲଡ୍ଡୁ, ଗଜା ମୁଗ, ପିଲାମାନଙ୍କୁ ଦେବା ସମ୍ଭବ କି ? ଛୋଟ ପିଲାମାନଙ୍କୁ ସକାଳ ଜଳଖିଆ ନାମରେ ଅଙ୍ଗନୱାଡି କେନ୍ଦ୍ରରେ ରାଜ୍ୟ ସରକାର ଭଣ୍ଡାଉଛନ୍ତି । ବିଭିନ୍ନ ଆପ୍ ଖୋଲି କର୍ମୀଙ୍କ ଉପରେ କାର୍ଯ୍ୟଭାର ଲଦି ଦିଆଯାଉଛି । ଏପରିକି ବିଭାଗୀୟ ମନ୍ତ୍ରୀ ବଡବଡ ଭାଷଣ ଦେଉଛନ୍ତି । ଯୋଜନାର ସଫଳତା କିପରି ହେବ ସେ ସଂପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଜ୍ଞାନ ଅଛି ତ ! ଅଙ୍ଗନୱାଡି କର୍ମୀଙ୍କୁ ମାସିକ ପାରିଶ୍ରମିକ ବଢାଇବାକୁ କହି ଏକ ବର୍ଷ ବିତିଗଲା ବିଭାଗୀୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାରରେ ପରିଣତ ହୋଇଛି । ଏଣୁ ଅଙ୍ଗନୱାଡି କେ

ଅନଲାଇନ ଉପସ୍ଥାନ ବ୍ୟବସ୍ଥାକୁ ବିରୋଧ

ନୟାଗଡ଼,(ସବ୍ୟୁ): ଅନଲାଇନ ଛାତ୍ରଛାତ୍ରୀ ଓ ଶିକ୍ଷକ ଉପସ୍ଥାନ ବ୍ୟବସ୍ଥାକୁ ନୟାଗଡ଼ ବ୍ଲକ ମିଳିତ ଶିକ୍ଷକ ସଂଘ ବିରୋଧ କରିଛି । ନୟାଗଡ଼ ବ୍ଲକରେ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ, ଆଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ଆଦି ମିଳିତ ଭାବେ ବିରୋଧ ପ୍ରଦର୍ଶନ କରିଛନ୍ତି ।ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡିକୁ ଯୋଗାଇ ନଦେଇ କେବଳ ଅନଲାଇନ୍ ଉପସ୍ଥାନ ପାଇଁ ଚିଠି କରାଯିବା ବିଷୟ କୁ ମିଳିତ ଶିକ୍ଷକ ସଂଘ ବିରୋଧ ଓ ପ୍ରତିବାଦ କରିଛ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ଦାବିପତ୍ର ପ୍ରଦାନ କରିଛି । ପ୍ରତିବାଦ ଶୋଭାଯାତ୍ରା ରେ ଶିକ୍ଷକ ନେତା ମାଣିକେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମହାନ୍ତି, ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ଶେଖ ଅବଦୁଲ ଖାଲିକ, ସୁରେଶ କୁମାର ସେଠି, ଭଗବାନ ପଣ୍ଡା, ଲକ୍ଷ୍ମୀଧର ସାହୁ, ବିଭୁତି ମିଶ୍ର, ସୌଦାମିନୀ ସ୍ୱାଇଁ, ସଂଗ୍ରାମ କେଶରୀ ସାହୁ, ମୃତ୍ୟଞ୍ଜୟ ଷଡ଼ଙ୍ଗୀ, ଉମେଶ ସ୍ୱାଇଁ, ସଲିମ ଇବ୍ରାହିମ ଆଦି ଶତାଧିକ ଶିକ୍ଷକ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଙ୍କୁ ପ୍ରଦାନ କରିଥିଲେ ।

ପୀଡ଼ିତାଙ୍କ ମୃତ୍ୟୁରେ ଗ୍ରାମବାସୀ ସ୍ତବ୍ଧ

ବଳଙ୍ଗା, (ସବ୍ୟୁ) : ପୀଡ଼ିତାଙ୍କ ମୃତ୍ୟୁ ହେବା ଘଟଣାକୁ କେହି ବିଶ୍ୱାସ କରିପାରୁ ନାହାନ୍ତି । ସମଗ୍ର ବାୟାବର ନୁଆଗୋପାଳପୁର ଗ୍ରାମ ସ୍ତବ୍ଧ ହୋଇଯାଇଛି । ଅପରପକ୍ଷରେ ଗ୍ରାମରେ ସକାଳୁ ସକାଳୁ ଗୋଟେ ପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ପରିବାର ଲୋକ ଏବଂ ସାଇ ଭାଇଙ୍କ ସହ ମିଶି ତାଙ୍କ ସମ୍ପ୍ରଦାୟରେ ଗ୍ରାମରେ ମଶାଣିରେ କବର ଖୋଳାଯାଇଛି । ଏପଟେ ପୀଡ଼ିତାଙ୍କ ମୃତ୍ୟୁ ଖବର ଆସିବା ପରେ ବାଳଙ୍ଗା ଥାନାରେ ସୁରକ୍ଷା ବ୍ୟବସ୍ଥାରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ଅଗ୍ନିଶମ ବାହିନୀର ଗୋଟେ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଥାନାର ସୁରକ୍ଷା ପାଇଁ ସୁରକ୍ଷା କର୍ମୀଙ୍କ ପାଖରେ ବର୍ତ୍ତି ପ୍ରୋଟେସନ ଜ୍ୟାକେଟ, ଟିଅର ଗ୍ୟାସ ସହିତ ଲାଠି ଏବଂ ହେଲମେଟ ରଖାଯାଇଥିବା ଦେଖିବାକୁ ମିଳିଛି । କୌଣସି ପରିସ୍ଥିତିରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ତାହାର ମୁକାବିଲା ପାଇଁ ବଳଙ୍ଗା ପୋଲିସର ସତନ୍ତ୍ର ପ୍ରସ୍ତୁତି ।ଅନ୍ୟ ପକ୍ଷରେ ପୀଡ଼ିତାଙ୍କ ଘର ସାମ୍ନାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହ ପୋଲିସର ସତନ୍ତ୍ର କ୍ୟାମ୍ପ ଲଗାଯାଇଥିବା ଦେଖିବାକୁ ମିଳିଛି ।

ଓଡ଼ିଶାଭାସ୍କର ଲାଇଭ୍ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

ମାମଲା ରୁଜୁ କଲା ପିପିଲି ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଶନିବାର ଭୁବନେଶ୍ୱର ନିକଟବର୍ତ୍ତୀ ସିଫାଠାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ସହାୟତା ରାଶି ଚାଷୀମାନଙ୍କୁ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଓଡ଼ିଶାଭାସ୍କର ଡିଜିଟାଲର ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମାମଲା ରୁଜୁ କରିଛି ପୋଲିସ । ସାମ୍ବାଦିକ ଶ୍ରୀ ପ୍ରଧାନ କାର୍ଯ୍ୟକ୍ରମରେ ଖବର ସଂଗ୍ରହ କରୁଥିଲାବେଳେ ସେ ଓ ତାଙ୍କ କ୍ୟାମେରାମ୍ୟାନ୍ ସେକ୍ ଅବଦୁଲ ମନ୍ନୁଓ୍ୱରଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ସେ ପିପିଲି ଥାନାରେ ଅଭିଯୋଗ କରିଥିଲେ । ସେ କେତେକ ମହିଳାଙ୍କ ଠାରୁ ବାଇଟ୍ ଓ କ୍ୟାମେରାମ୍ୟାନ୍ ଫଟୋ ନେଉଥିଲା ବେଳେ ଜଣେ ବ୍ୟକ୍ତି ଆସି ସେମାନଙ୍କୁ ବିରୋଧ କରି ମୋବାଇଲ ଛଡ଼ାଇ ନେଇଥିଲେ ।

କ୍ୟାମେରାରେ ଥିବା ତଥ୍ୟ ମଧ୍ୟ ଡିଲିଟ୍ କରିବା ପାଇଁ ବାଧ୍ୟ କରିଥିଲେ । ସାମ୍ବାଦିକ ଶ୍ରୀ ପ୍ରଧାନ ଓ କ୍ୟାମେରାମ୍ୟାନ୍ ଏହାର ବିରୋଧ କରିବାରୁ ସେ ବ୍ୟକ୍ତି ଜଣଙ୍କ କ୍ୟାମେରା ଛଡ଼ାଇ ନେଇ ଭାଙ୍ଗି ଦେଇଥିଲେ ଓ ତାଙ୍କୁ ଆକ୍ରମଣ କରିଥିଲେ । ଏହି ଘଟଣାକୁ ନେଇ ସାମ୍ବାଦିକ ଜଣଙ୍କ ପିପିଲି ଥାନାରେ ଅଭିଯୋଗ କରିବା ପରେ ରବିବାର ଏନେଇ ପୋଲିସ ବିଧିବଦ୍ଧ ଭାବେ ମାମଲା ରୁଜୁ କରିଛି । ତେବେ ଘଟଣା ଘଟିବାର ୨୪ ଘଣ୍ଟାରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ କରାଯାଇ ନଥିବାରୁ ସାମ୍ବାଦିକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

କଂଗ୍ରେସର ଅନଲାଇନ ଅଭିଯୋଗ ଶୁଣାଣି ଆପ୍ ଲୋକାର୍ପିତ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ କଂଗ୍ରେସ ନେତା ମନୋଜ ରଥ ଏକ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି । ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପ ସଭାଗୃହରେ ଶ୍ରୀ ରଥ ମୋବାଇଲ ଆପ କୁ ଲୋକାର୍ପଣ କରିଥିଲେ । ଅଞ୍ଚଳବାସୀଙ୍କ ସମସ୍ୟା ଦୁରୀକରଣ କରି ସେମାନଙ୍କ ସୁଖ ସ୍ୱଚ୍ଛନ୍ଦ ପ୍ରତି ଜନପ୍ରତିନିଧି ମାନେ ଯତ୍ନଶୀଳ ହେବା ଜରୁରୀ ବୋଲି ଏହି ଅବସରରେ ସେ କହିଥିଲେ । ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଅଭିଯୋଗ ଶୁଣାଣୀ ମୋବାଇଲ ଆପ ଏବଂ ସ୍କାନର ପ୍ରତି ଗାଁରେ ସଚେତନତା କରିବାକୁ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଆମେ ଲୋକଙ୍କ ନିକଟତର ହେବାରେ ଏହା ମାଧ୍ୟମ ହୋଇପାରିବ । ଅଞ୍ଚଳର ସମସ୍ୟା ସମ୍ପର୍କରେ ଅଧିକାରୀ ଓ ସରକାରଙ୍କ ନିକଟରେ ପହଞ୍ଚାଇବାରେ ଏହି ଉଦ୍ୟମ ଲୋକାଭିମୁଖୀ ହୋଇପାରିବା ନେଇ ସେ ଆଶା ପୋଷଣ କରିଛନ୍ତି । ଆପ କୁ କିଭଳି ସାଧାରଣ ଲୋକେ ବ୍ୟବହାର କରିବେ ଏହାର ଡେମୋ ପ୍ରଦର୍ଶନ କରାଯାଇଥିଲା । ଏହି ଆପ ର ସ୍କାନରକୁ ଗୁଗଲ ଲେନ୍ସ ରେ ସ୍କାନ କରି ଆପରେ ଅଭିଯୋଗକାରୀ ସମସ୍ୟା ର ବିବରଣୀ ଦାଖଲ କଲେ କରିପାରିବେ ।

ଦଳମତ ନିର୍ବିଶେଷରେ ସବୁ ବର୍ଗର ଜନସାଧାରଣ ନିଜସ୍ୱ କିମ୍ବା ଅଞ୍ଚଳିକ ସମୁହ ସମସ୍ୟା ନେଇ ଅଭିଯୋଗ କରିପାରିବେ । ସତ୍ୟବାଦୀ ଓ କଣାସ ବ୍ଲକର କଂଗ୍ରେସ ନେତା, ଯୁବ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମ ର ସଫଳତା କାମନା କରିଥିଲେ । କଂଗ୍ରେସ କମିଟିର ଧନେଶ୍ୱର ବରାଳ, କାଳୁ ପାଣି ,ପବିତ୍ର ସୁବୁଦ୍ଧି ,ରଞ୍ଜିତ ପଲେଇ, ପବିତ୍ର ସଓ୍ୱାଇଁ, ବାଦଲ ପ୍ରାସାଦ ପାତ୍ର, ପ୍ରଭାତ ପୁରୀ ପ୍ରମୁଖ ମନୋଜ ରଥଙ୍କ ଏହି ଜନକଲ୍ୟାଣ ସୁବିଧା ସମ୍ପର୍କରେ ଜନସଚେତନତା କରିବାପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ବୋଲବମ୍ ଭକ୍ତଙ୍କ ପାଇଁ ଆଲୋକ ବ୍ୟବସ୍ଥା

କଣ୍ଟିଲୋ, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରାବଣ ମାସରେ ପ୍ରତି ସୋମବାର ପାଇଁ ବୋଲବମ୍ ଭକ୍ତ ମାନେ କଣ୍ଟିଲୋ ନିକଟରେ ପ୍ରବାହିତ ମହାନଦୀ ଘାଟରୁ ପାଣି ଭାର ନେଇ ସରଣକୁଳ ଲଡୁବାବା ,ଖୁଣ୍ଟପଡାର ରାମେଶ୍ୱର ,ପୁରୀ ଶ୍ରୀ ଲୋକନାଥ ଆଦି ଶୈବ ପୀଠକୁ ହଜାର ହଜାର ସଂଖ୍ୟା ରେ ପାଣି ଭାର ନେଇ ଯାଇଥାନ୍ତି । ପ୍ରତି ସପ୍ତାହର ଶୁକ୍ରବାର ଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ବୋଲବମ୍ ଭକ୍ତ ମାନଙ୍କର ଗହଳି ଚହଳି ଲାଗିଥାଏ । ପ୍ରଥମ ଓ ଦ୍ୱିତୀୟ ସୋମବାରରେ ବହୁ ଭକ୍ତମାନେ ପାଣି ଉଠାଇଥିଲେ । ଭକ୍ତ ମାନଙ୍କ ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗ ପୋଲିସ ପ୍ରଶାସନ ସଜାଗ ରହି ସୁରକ୍ଷା ଯୋଗାଉଥିବା ଦେଖିବାକୁ ମିଳିଥିଲା । କିନ୍ତୁ ରାତିରେ ଅନ୍ଧାର ଯୋଗୁ ଭକ୍ତମାନେ ଅସୁବିଧା ସମ୍ମୁଖୀନ ହେଉଥିଲେ । ଏହାକୁ ହୃଦୟଙ୍ଗମ କରି କଣ୍ଟିଲୋ ସରପଞ୍ଚ ଶ୍ରୀୟା ରାଣୀ ବେହେରା ପାଣି ପମ୍ପ ହାଉସ ଠାରୁ ଚୌରାସିଂହ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିଥିବାରୁ ଭକ୍ତ ମାନେ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ମହାନତା ପାଇଁ ବୋଲବମ୍ ଭକ୍ତଙ୍କ ସମେତ ଜନସାଧାରଣ ଧନ୍ୟବାଦ୍ ଦେଇଛନ୍ତି ।

ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ରକ୍ଷାବନ୍ଧନ ଉତ୍ସବ

ବାଲିପାଟଣା, (ସବ୍ୟୁ) : ପ୍ରଜାପିତା ଇଶ୍ରୀୟ ବିଶ୍ୱବିଦ୍ୟାଳୟ ବାଲିପାଟଣା ଶିକ୍ଷାକେନ୍ଦ୍ର ତରଫରୁ ରବିବାର ଅପରାହ୍ନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ଧର୍ମ ସଭା ରେ ରଶ୍ମି ଭଉଣୀ,ସୀତା ଭଉଣୀ,ଗୋଲାପ ଭଉଣୀ, ବୀଣା ଭଉଣୀ,ନିରଞ୍ଜନ ଭାଇ,ରମେଶ ସାହୁ, ଦିଲ୍ଲୀପ କୁମାର ଓଝା,ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ପରମ ପୂଜନୀୟ ଶିବ ବାବା ଙ୍କ ଆଶୀର୍ବାଦ ଲାଭ କରି ଜଗତର ମଙ୍ଗଳ ପାଇଁ କାର୍ଯ୍ୟ କଲେ ଜୀବନର ସାର୍ଥକତା ପ୍ରାପ୍ତି ହେବ ବୋଲି କହିଥିଲେ।ଏହି ଅବସରରେ ଶତାଧିକ ଉପସ୍ଥିତ ଭାଇ ଭଉଣୀ ମାନେ ରକ୍ଷାବନ୍ଧନ ର ପବିତ୍ର ସୂତ୍ର ବାନ୍ଧି ଶିବ ବାବାଙ୍କ ସହିତ ପବିତ୍ର ସମ୍ପର୍କ କୁ ସ୍ମରଣୀୟ କରିଥିଲେ। ଭାଇ ଭଉଣୀର ସମ୍ପର୍କ ସବୁ ସମୟରେ ପ୍ରତ୍ୟେକ ଙ୍କର ଜୀବନ ଧାରା କୁ ମଧୁମୟ କରିଥିବାରୁ ଏଭଳି କାର୍ଯ୍ୟକ୍ରମ ର ତାତ୍ପର୍ଯ୍ୟ ସମସ୍ତେ ଉପଲବ୍ଧି କରିଥିଲେ।

ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ଧାରଣା

ଅସ୍ତରଙ୍ଗ, (ସବ୍ୟୁ): ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ବା ଓଷ୍ଟାର ଅସ୍ତରଙ୍ଗ ଶାଖା ତରଫରୁ ଶହେରୁ ଉର୍ଦ୍ଧ ଶିକ୍ଷକ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ବିଭିନ୍ନ ସମସ୍ୟାକୁ ନେଇ ଏହି ଶିକ୍ଷକମାନେ ଦୀର୍ଘ ବର୍ଷ ହେବ ସରକାରଙ୍କୁ ନିଜ ୬ ଦଫା ଦାବି ବିଷୟରେ ଅବଗତ କରାଇ ଆସୁଥିଲେ ସୁଧା ଆଜି ପର୍ଯ୍ୟନ୍ତ ସରକାର ଏମାନଙ୍କ ଦାବୀକୁ ଗ୍ରହଣ କରୁନଥିବାରୁ ଏମାନେ ସାରା ରାଜ୍ୟରେ ବିଭିନ୍ନ ବ୍ଲକ ସ୍ତରୀୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସରର ବୟସ ୬୨ ବର୍ଷକୁ ବୃଦ୍ଧି,ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ରୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ ଟି ଇନ୍କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ସ୍କିମକୁ ପୁନଃ ପ୍ରଚଳନ କରିବା ଭଳି ୬ ଗୋଟି ଦାବି ପାଇଁ ସଙ୍ଘର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଏହି ଆନ୍ଦୋଳନରେ ଭାଗ ନେଇଛନ୍ତିଛ ଆଗାମୀ ୮ ତାରିଖରେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ସଙ୍ଘ ସୂଚନା ଦେଇଛି । ଯଦି ଆସନ୍ତା ୮ ତାରିଖରେ ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନକରିବେ ତେବେ ଅଗଷ୍ଟ ୧୬ ତାରିଖରେ ସମ୍ପୂର୍ଣ୍ଣ ସଙ୍ଘ ରାଜ୍ୟ ସ୍ତରୀୟ ଆନ୍ଦୋଳନକୁ ଓହ୍ଲାଇ ପିଏମଜି ର ଧାରଣା ଦେବାକୁ କୁହାଯାଇଛି ।

ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

ବାଙ୍କୀ ,(ସବ୍ୟୁ): ବାଙ୍କୀ ଥାନା ଅନ୍ତର୍ଗତ ବରପୁଟ ଗ୍ରାମ ପଞ୍ଚାୟତର ପାଥପୁର ଗ୍ରାମର କାଶୀନାଥ ମାଝୀଙ୍କ ପୁଅ ବଳଭଦ୍ର ମାଝି (୨୫) ଶନିବାର ସନ୍ଧ୍ୟାରେ ଜମି ରୁ ଘର୍ କୁ ଫେରୁଥିବା ବେଳେ ହଠାତ ବଜ୍ରପାତ ଘଟିଥିଲା । ଫଳରେ ଘଟଣାସ୍ଥଳରେ ସେ ଢଳି ପଡ଼ିଥିଲେ । ଏହି ଖବର ଗାଆଁ ରେ ପ୍ରଚାରିତ ହେବା ମାତ୍ରେ ସଙ୍ଗେ ସଙ୍ଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ରବିବାର ଦିନ ଶବ ବ୍ୟବଚ୍ଛେଦ କରା ଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ତାଙ୍କ । ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବରପୁଟ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସ୍ୱାଇଁ ନିବେଦନ କରିଛନ୍ତି ।

ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିନରେ ନୀଳମାଧବଙ୍କୁ ପୂଜାର୍ଚ୍ଚନା

କଣ୍ଟିଲୋ, (ସବ୍ୟୁ): ଓଡ଼ିଶା ପୂର୍ବତନ ମନ୍ତ୍ରୀ, ଆନ୍ଧ୍ର ଓ ଛତିଶଗଡ଼ ର ପୂର୍ବତନ ରାଜ୍ୟପାଳ, ବହୁ ମୁଖି ପ୍ରତିଭାର ଅଧିକାରୀ ବିଶ୍ ଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ଉତ୍ସବ କଣ୍ଟିଲୋ ଠାରେ ପାଳିତ ହେଇଯାଇଛି। ରବିବାର ପ୍ରାତଃ ସମୟ ରେ ଜଗନ୍ନାଥ ସଂସ୍କୃତି ର ଆଦିପିଠ ନୀଳମାଧବ ଙ୍କ ଠାରେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ପୂଜାର୍ଚ୍ଚନା ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଶୀ ଦଶକର ବିପ୍ଳବୀ ଛାତ୍ର ନେତା ତଥା ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ଓ ସାମ୍ବାଦିକ ରାମେଶ୍ୱର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶ୍ରୀ ହରି ଚନ୍ଦନ ଙ୍କୁ ଭଲ ପାଉଥିବା ବହୁ ବ୍ୟକ୍ତି ଯୋଗଦାନ କରି ତାଙ୍କର ଗୁଣାବଳି ବର୍ଣ୍ଣନା କରିଥିଲେ ।

ବାରବାଟୀକୁ ପାନୀୟ ଜଳ ଯୋଗାଣ ବନ୍ଦ

ବୋଲଗଡ଼, (ସବ୍ୟୁ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇଦେଶ ପଞ୍ଚାୟତର ବାରବାଟୀ ଗ୍ରାମରେ ବସୁଧା ଯୋଜନା ଅନ୍ତର୍ଗତ ପାଇପ ତ୍ରୁଟି ଥିବାରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇପଡ଼ିଛି । ଫଳ ସ୍ୱରୂପ, ଗତ କିଛି ସପ୍ତାହ ଧରି ଗ୍ରାମବାସୀମାନେ ପିଇବା ପାଣି ଅଭାବରେ ଦୁଃଖ ଭୋଗୁଛନ୍ତି । ବାରବାଟୀ ଗ୍ରାମରେ ପ୍ରାୟ ୫ଶହ ଲୋକ ବସବାସ କରୁଛନ୍ତି । ବର୍ଷ କେତେକ ହେବାକୁ ଥିଲା ଯେଉଁଠାରେ ବସୁଧା ଯୋଜନା ମାଧ୍ୟମରେ ପାଣି ଯୋଗାଣ ଆରମ୍ଭ ହୋଇଥିଲା । ସେଥିରେ ବର୍ତ୍ତମାନ ଅକାମି ପମ୍ପ ଏବଂ ଅନୁରକ୍ଷଣର ଅଭାବ ଦ୍ୱାରା ଅବରୋଧ ସୃଷ୍ଟି ହୋଇଛି ।

ଗ୍ରାମବାସୀଙ୍କ ଅନୁଯାୟୀ, ଅଧିକାରୀ ଓ ବିଭାଗୀୟ କର୍ମଚାରୀମାନେ ଏଥିପାଇଁ ଗୁରୁତ୍ୱ ଦେଉନାହାନ୍ତି । ଉଲ୍ଲେଖନୀୟ ଯେ, ବୋଲଗଡ଼ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଆରମ୍ଭ ହୋଇଥିବା ବେଳେ କେବଳ ଅଳ୍ପ ଗ୍ରାମକୁ ହିଁ ଏପର୍ଯ୍ୟନ୍ତ ପାଣି ଯୋଗାଣ ହୋଇପାରିଛି । ବ୍ଲକର ଅଧିକାଂଶ ପଞ୍ଚାୟତ ଏହି ବ୍ୟବସ୍ଥାରୁ ବଞ୍ଚିତ ରହିଛନ୍ତି । ଗ୍ରାମବାସୀ ଦ୍ୱାରା ଦାବି କରାଯାଇଛି ଯେ, ଶୀଘ୍ର ଭାବେ ପାଇପ ଓ ପମ୍ପ ମରାମତି କରି ଗ୍ରାମକୁ ପୁନଃ ପାଣି ଯୋଗାଣ ଦିଆଯିବା ଉଚିତ । ଏହି ଦିଗରେ ପ୍ରଶାସନ ଦ୍ୱାରା ଗମ୍ଭୀର ଭାବେ ପଦକ୍ଷେପ ନିଆଯିବ କି, ସେଥିପାଇଁ ଗ୍ରାମବାସୀ ଅପେକ୍ଷା କରୁଛନ୍ତି ।

ଅଦିନିଆ ବର୍ଷାରେ ଭାଙ୍ଗିଲା ଘର : ପଲିଥିନ ପ୍ରଦାନ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ନିରାକାରପୁର ରାଜସ୍ୱ ନୀରିକ୍ଷକ ଅଧୀନ ଡିଆ ପଂଚାୟତ କାଶିପୁର ଗୋପୀନାଥପୁର ଗ୍ରାମର ଆଖରି ଦେଇଙ୍କ ଘର ଗତ ଦୁଇ ଦିନର ଅଦିନିଆ ବର୍ଷରେ ଭାଙ୍ଗି ଯାଇଛି। ତେଣୁ ବର୍ଷ ଓ ଖରାରୁ ରକ୍ଷା ପାଇବା ପାଇଁ ଶନିବାର ଦିନ ନିରାକାରପୁର ରାଜସ୍ୱ ନୀରିକ୍ଷକ ଯୋଗେଶ ରାଉତରାୟ ବିପନ୍ନ ମହିଳାଙ୍କୁ ବିଭାଗ ତରଫରୁ ଏକ ପଲିଥିନ ପ୍ରଦାନ କରିଛନ୍ତି।

ବଳଭଦ୍ରପ୍ରସାଦ ପଞ୍ଚାୟତରେ ପ୍ରକଳ୍ପ ଶିଳାନ୍ୟାସ

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ପଞ୍ଚାୟତରେ ଦୁଇଟି ପ୍ରକଳ୍ପ ନିର୍ମାଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସଓ୍ୱାଇଁ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବଳଭଦ୍ରପ୍ରସାଦ ଗ୍ରାମରେ ପ୍ରାୟ ୧୦

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୬)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

ଏତାନ୍ୟପି ତୁ କର୍ମ୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ ।
କର୍ତ୍ତବ୍ୟାନୀତି ମେ ପାର୍ଥ ! ନିଶ୍ଚିତଂ ମତମୁତ୍ତମମ୍ ।। ୬ ।।

(ଯେନ ପ୍ରକାରେଣ କୃତାନି ଏତାନି ପାବନାନି ଭବନ୍ତି ତଦ୍‌ପ୍ରକାରଂ ଦର୍ଶୟନ୍ ଆହ)–ହେ ପାର୍ଥ ! (ଯାନିଯଜ୍ଞାଦୀନି କର୍ମ୍ମାଣି ମୟା ପାବନାନି ଇତି ଉକ୍ତାନି) ଏତାନି କର୍ମ୍ମାଣି ଅପି ସଙ୍ଗଂ (କର୍ତ୍ତୃତ୍ୱାଭିନିବେଶଂ) ଫଳାନି ଚ ତ୍ୟକ୍ତ୍ୱା (କେବଳଂ ଈଶ୍ୱରାଧନତୟା) କର୍ତ୍ତବ୍ୟାନି (ଅବଶ୍ୟମେବାନୁଷ୍ଠେୟାନି ଇତି ମେ (ମମ) ନିଶ୍ଚିତଂ (ଯୁକ୍ତିଭିଃ ନିର୍ଦ୍ଧାରିତଂ) (ଅତଃ) ଉତ୍ତମ ମତଂ ।।୬ ।।

ଭାରତର ନୂତନ ଶିକ୍ଷାନୀତି, ୨୦୨୦

ଭାରତର ନୂତନ ଶିକ୍ଷାନୀତି ହେଉଛି ଜାତୀୟ ଶିକ୍ଷା ନୀତି (NEP) ୨୦୨୦ । ସ୍ୱାଧୀନ ଭାରତରେ ସରକାରମାନେ ଭାରତର ଶିକ୍ଷା ଉପରେ ବହୁ ପରୀକ୍ଷା ନୀରିକ୍ଷା କରି ଆସିଥିଲେ । ଅନେକ ନୀତି ମଧ୍ୟ ନିର୍ଦ୍ଧାରଣ କରିଥିଲେ । ମାତ୍ର ଆମ ଦେଶର ସାମଗ୍ରିକ ଭାବେ କୁଶଳତା ଭିତ୍ତିରେ ଯେଉଁ ଶିକ୍ଷା ନୀତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୦ରୁ ଆରମ୍ଭ କରିଛନ୍ତି, ତାହାକୁ ବିଭିନ୍ନ ବର୍ଗର ଲୋକେ ପ୍ରଶଂସା କରି ଆସୁଥିବା ପରିଲକ୍ଷିତ ହୋଇଛି ।

ଏହି ନୂତନ ଶିକ୍ଷାନୀତି ଆଧାରରେ ଦୀର୍ଘଦିନରୁ ପ୍ରଚଳିତ ଥିବା ୧୦ ଯୁକ୍ତ ୨ ପ୍ରଣାଳୀର ପରିବର୍ତ୍ତନ କରାଯାଇ ତାହାକୁ ୫ ଯୁକ୍ତ ୩ ଯୁକ୍ତ ୩ ଯୁକ୍ତ ୪ ପର୍ଯ୍ୟନ୍ତ କରାଯାଇଛି ଓ ସ୍କୁଲରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କ ୧ରୁ ୩, ୩ ରୁ ୮, ୮ରୁ୧୧, ୧୧ରୁ ୧୪ ଓ ୧୪ରୁ ୧୮ ବୟସ ମଧ୍ୟରେ ଉପରୋକ୍ତ ପାଠ୍ୟକ୍ରମ ଅଧ୍ୟୟନ ନିମନ୍ତେ ସୁଯୋଗ ଦିଆଯାଇଛି । ଶିକ୍ଷାବିତ୍‌ମାନେ ଗବେଷଣା କରି ବହୁ ପରୀକ୍ଷାନୀରିକ୍ଷା ପରେ ପିଲାମାନଙ୍କର ମାନସିକ ସ୍ଥିତିକୁ ଅଧ୍ୟୟନ କରି ଏପରି ବ୍ୟବସ୍ଥା କରିଛନ୍ତି । ପ୍ରାଥମିକ ଅବସ୍ଥାରେ ପାଞ୍ଚ ବର୍ଷ ବୟସରୁ ଶିଶୁ ଶିକ୍ଷାର୍ଥୀମାନଙ୍କୁ ଆଠ ବର୍ଷ ପର୍ଯ୍ୟନ୍ତ ଖେଳିବା ସହିତ ଶିକ୍ଷା ଲାଭ କରିବାର ସୁଯୋଗ ଦିଆଯାଇଛି । ପ୍ରଥମ ଅବସ୍ଥାରେ ମଧ୍ୟ ପ୍ରାଥମିକ, ମଧ୍ୟମ ଓ ମାଧ୍ୟମିକ ଶିକ୍ଷା ପାଇଁ ୩,୩ ଓ ୪ ବର୍ଷ କ୍ରମାନ୍ୱୟରେ ରଖାଯାଇଛି । ଫଳରେ ଶିଶୁ ଶିକ୍ଷାର୍ଥୀର ମୂଳଦୁଆ କଠିନ ହେବା ସହିତ ଯେଉଁ ବିଷୟରେ ସେ ପଢ଼ିବ ଓ ପଢୁ ପଢୁ ବୃତ୍ତି କାର୍ଯ୍ୟ କରିବ, ସେଥିପାଇଁ ସେ ସେହି ମାର୍ଗରେ ଉନ୍ନତି କରିପାରିବ । ଏପରି ଶିକ୍ଷା ବ୍ୟବସ୍ଥା ଓଡ଼ିଶା ସମେତ ଭାରତର ଅନ୍ୟାନ୍ୟ ରାଜ୍ୟରେ ଖୁବ୍ ପ୍ରଭାବ ପକାଇବ, ଏଥିରେ ସନ୍ଦେହ ନାହିଁ । ଓଡ଼ିଶାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରହିଛନ୍ତି । ମାତ୍ର ଭାରତର ଭବିଷ୍ୟତ ଶିଶୁ ଶିକ୍ଷାର୍ଥୀମାନଙ୍କ ପାଇଁ ବିଭିନ୍ନ କର୍ମଶାଳା ଓ ଆଲୋଚନା ମାଧ୍ୟମରେ କିପରି ଆକୃଷ୍ଟ କରାଯାଇ ପାରିବ, ସେ ଦିଗରେ ସେ ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ମନେ ହେଉଛି । ଅଭିଭାବକମାନଙ୍କ ସହିତ ବିଚାରବିମର୍ଷ କଲେ ଅନେକ ସମସ୍ୟା ଦୂର ହୋଇପାରିବ । ଏବେ ତ ଓଡ଼ିଶାରେ ବିଜେପି ସରକାର । ତେଣୁ ଓଡ଼ିଶାରେ ଶିକ୍ଷାର ଉନ୍ନତି ପାଇଁ ବିଶେଷଜ୍ଞମାନଙ୍କ ସହ ମଧ୍ୟ ବିଚାର ବିମର୍ଷ କରାଯିବା ଆବଶ୍ୟକ ।

ପ୍ରାଥମିକ ମାଧ୍ୟମିକ ସ୍କୁଲ ଓ କଲେଜ ସ୍ତରରେ ଥିବା ଶିକ୍ଷକମାନଙ୍କର ମଧ୍ୟ କମ୍ପ୍ୟୁଟର କ୍ଷେତ୍ରରେ ଅଧିକ ଦକ୍ଷତା ହାସଲ ପାଇଁ ସେମାନଙ୍କୁ ତାଲିମ ଦିଆଯିବା ଦରକାର । ମାତୃଭାଷାରେ ଏବେ ପାଠ୍ୟ ପୁସ୍ତକ ସବୁକୁ ଏହି ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଉଛି । ଏପରିକି ଉଚ୍ଚ ଶିକ୍ଷାରେ ବୈଷୟିକ ଶିକ୍ଷାର ପାଠ୍ୟ ପୁସ୍ତକଗୁଡ଼ିକ ମାତୃଭାଷାରେ ପ୍ରଚଳନ କରାଯାଉଛି । ଏଥିପାଇଁ କ୍ଲିଷ୍ଟ ଇଂରାଜୀ ଭାଷାର ବୋଝରୁ ଶିକ୍ଷାର୍ଥୀମାନେ ମୁକ୍ତି ପାଇପାରିବେ । ମାତ୍ର ଇଂରାଜୀ ଭାଷାକୁ ସମ୍ପୂର୍ଣ୍ଣ ପରିହାର କରି ହେବ ନାହିଁ । ରାଷ୍ଟ୍ରଭାଷା ହିନ୍ଦୀକୁ ମଧ୍ୟ ବିଦ୍ୟାର୍ଥୀମାନେ ଶିକ୍ଷା ଲାଭ କରିବା ଉଚିତ ।

ପାଠ୍ୟ ପୁସ୍ତକରେ ଭଲ ଭଲ ଓଡ଼ିଆ ଲେଖକମାନଙ୍କର ଲେଖା ରହିବା ଆବଶ୍ୟକ । ତା'ଛଡା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସ୍କୁଲ, କଲେଜ ବା ବିଶ୍ୱବିଦ୍ୟାଳୟକୁ ଡକାଇ ବିଭିନ୍ନ ବିଷୟରେ ବକୃତା ଦେବାକୁ ବା ପାଠ ପଢ଼ାଇବାକୁ ବ୍ୟବସ୍ଥା କରାଯିବା ଆବଶ୍ୟକ । ତଦ୍ୱାରା ଶିକ୍ଷାର ମାନ ବୃଦ୍ଧି ହେବା ସହିତ ନିମନ୍ତ୍ରିତ ଅତିଥିଙ୍କ ସହିତ ଶିକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରି ଆନନ୍ଦ ଲାଭ କରିବେ ଏବଂ ତଦ୍ୱାରା ବିଦ୍ୟାର୍ଥୀମାନେ ଲାଭବାନ ମଧ୍ୟ ହୋଇପାରିବେ ।

ଇଂରେଜ ଶାସନ ସମୟରେ ଓଡ଼ିଶାରେ ଶିକ୍ଷାଦାନକୁ ଯେପରି ଭାବରେ ଅବହେଳା କରାଯାଇଥିଲା, ସେ ବିଷୟରେ ଆଲୋଚନା ହେଉନାହିଁ । ଭାରତର ଶିକ୍ଷାନୀତି ବୋଲି କିଛି ନଥିଲା । ସ୍ୱର୍ଗୀୟ କର୍ମବୀର ଗୌରୀଶଙ୍କର ରାୟ ଠାଏ ଲେଖିଛନ୍ତି, 'ଅବଶ୍ୟ ଓଡ଼ିଶାର ସାଧାରଣ ଲୋକଙ୍କ ମଧ୍ୟରେ ସାକ୍ଷରତା ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଅଧିକ ଥିଲା । ଓଡ଼ିଶାର ଭାଗବତ ଟୁଙ୍ଗୀଗୁଡ଼ିକ ଗଣଶିକ୍ଷାର ପୀଠ ଥିଲା । ପୋଥି ପାଠ, ପୋଥି ଲେଖା, ବ୍ରାହ୍ମଣ ଓ କରଣ ସମ୍ପ୍ରଦାୟରେ ଏହା ଏକଚାଟିଆ ବୃତ୍ତି ହୋଇ ଯାଇଥିଲା । ମାତ୍ର ଉଚ୍ଚତର ବିଦ୍ୟା ପାଇଁ କୌଣସି ବ୍ୟବସ୍ଥା ନଥିଲା ।'

ଏବେ ବି ସାଧାରଣ ବର୍ଗର ପରିବାରର ପିଲାମାନେ ଉଚ୍ଚ ଶିକ୍ଷା ଲାଭ କରିବାକୁ କେନ୍ଦ୍ର ବା ରାଜ୍ୟ ସରକାର ସେପରି କୌଣସି ସୁଯୋଗ ସୃଷ୍ଟି କରି ନାହାନ୍ତି । ଏଥିପ୍ରତି ଉଭୟ ସରକାର ଧ୍ୟାନ ଦେବା ଦରକାର ।

ସଙ୍କଳ୍ପ

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

ଗୋପବନ୍ଧୁ ଦାସ

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଜଳଧାରା ପ୍ରିୟ ଦେବଦେବ ମହାଦେବ

ଅନନ୍ତ ଗୋପାଳ ପଣ୍ଡା

ଋତୁଚକ୍ରର ପରିବର୍ତ୍ତନ ଅନୁସାରେ ନିଦାଘ ଗ୍ରୀଷ୍ମ ପରେ ଧରାପୃଷ୍ଠରେ ଅବତରଣ କରେ ମଙ୍ଗଳକାରୀ ବର୍ଷାଋତୁ । ବର୍ଷାର ଆଗମନରେ ଶୁଷ୍କ ନଦନଦୀ ହୁଅନ୍ତି ଜଳପୂର୍ଣ୍ଣ । ପତ୍ରଝଡ଼ା ପାଦପମାନ ହୁଅନ୍ତି ପଲ୍ଲବିତ । ଶୁଷ୍କ ଧରଣୀବକ୍ଷ ସବୁଜ ଦୁର୍ବାଦଳରେ ହୋଇଯାଏ ଆବୃତ । ସତେ ଯେପରି ଧରଣୀରାଣୀ ପୃଷ୍ଠରେ ବିଛାଡି ହୋଇ ପଡିଛି ଏକ ସବୁଜ ଗାଲିଚା । ବୃକ୍ଷରାଜି ସବୁଜ ପତ୍ରରେ ସୁଶୋଭିତ ହୋଇ ପ୍ରାକୃତିକ ଶୋଭାକୁ କରନ୍ତି ବର୍ଦ୍ଧନ । ଜଳକଷ୍ଟର ଯନ୍ତ୍ରଣା ହୁଏ ଦୂରୀଭୂତ । ଭକ୍ତକବି ମଧୁସୂଦନ ରାଓ ଏହି ବର୍ଷା ଋତୁର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି,

'ବର୍ଷାରେ ଆଷାଢ଼ ଶ୍ରାବଣ,
ମେଘ ବରଷେ ଘନ ଘନ'

******

'ବରଷା କାଳ ଅଟେ ମଙ୍ଗଳକାରୀ,
ପାଳଇ ପରଜାଙ୍କୁ ବରଷିବାରି ।'

ଜୀବଜଗତର ମଙ୍ଗଳକାରୀ ଭାବେ କବି ଷଡ଼ଋତୁମାନଙ୍କ ମଧ୍ୟରେ ବର୍ଷାଋତୁକୁ କରିଛନ୍ତି ଅଭିହିତ । ସେହି ବର୍ଷା ଋତୁ ଆଷାଢ଼ରେ ଆରମ୍ଭ ହେଉଥିଲେ ମଧ୍ୟ ଶ୍ରାବଣ ମାସରେ ବର୍ଷାର ପରିମାଣ ଥାଏ ଅଧିକ ।

ଶ୍ରୀମଦ ଭାଗବତରେ ଷଷ୍ଠ ସ୍କନ୍ଧ ଷଷ୍ଠ ଅଧ୍ୟାୟ ଅନୁଯାୟୀ ଦକ୍ଷ ପ୍ରଜାପତି ଓ ଆସ୍କିକୀ ସେମାନଙ୍କର ଷାଠିଏ ଗୋଟି କନ୍ୟା ମଧ୍ୟରୁ ଚନ୍ଦ୍ରଙ୍କୁ ୨୭ ଗୋଟି କନ୍ୟା ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ବାରଗୋଟି କନ୍ୟା ନାମକୁ ଆଧାର କରି ବାରଗୋଟି ଚାନ୍ଦ୍ରମାସ ହୋଇଛି ନାମିତ । ଶ୍ରବଣା ନକ୍ଷତ୍ରକୁ ଆଧାର କରି ମାସର ନାମ ହୋଇଛି ଶ୍ରାବଣ । ଯେଉଁ ମାସର ପୂର୍ଣ୍ଣିମା ଶ୍ରବଣା ନକ୍ଷତ୍ର ଯୁକ୍ତ ହୋଇଥାଏ, ସେହି ମାସ ଶ୍ରାବଣ ମାସ ଭାବେ ହୁଏ ଅଭିହିତ । ବିଭିନ୍ନ ପୁରାଣରେ ଏହି ମାସର ମହତ୍ତ୍ୱ ସମ୍ପର୍କରେ ରହିଛି ବର୍ଣ୍ଣନା । ବାସଦେବଙ୍କ କୃତ ସ୍କନ୍ଦ ପୁରାଣରେ ଈଶ୍ୱର ଓ ସନତକୁମାରଙ୍କ ମଧ୍ୟରେ ହୋଇଥିବା କଥୋପକଥନରେ ଏହି ମାସର ମହିମା ହୋଇଛି ପ୍ରଖ୍ୟାପିତ । କୁହାଯାଇଛି *'ଦ୍ୱାଦଶସ୍ୱାପି ମାସେଷୁ ଶ୍ରାବଣଃ ଶିବ ରୂପକଃ'*, ଅର୍ଥାତ ଦ୍ୱାଦଶ ମାସ ମଧ୍ୟରେ ଶ୍ରାବଣ ମାସ ଶିବ ସ୍ୱରୂପ ଅଟନ୍ତି । ଶିବ ସ୍ୱରୂପ ଯୁକ୍ତ ହୋଇଥିବାରୁ ଏହି ଶ୍ରାବଣ ମାସରେ ଶିବ ପୂଜନ କରଣୀୟ । ସମସ୍ତ ଦେବଦେବୀମାନଙ୍କ ମଧ୍ୟରେ ଶଙ୍କର ଶୀଘ୍ର ବର ପ୍ରଦାନ କରିଥାନ୍ତି । ଭକ୍ତର ଆକୁଳ ପ୍ରାର୍ଥନାକୁ ଗ୍ରହଣ କରି ତୁରନ୍ତ ବରପ୍ରଦାନ କରୁଥିବାରୁ ଶିବଙ୍କ ଅନ ଏକ ନାମ ହେଉଛି ଆଶୁତୋଷ । ପ୍ରଭୁ ସଦାଶିବ ଭକ୍ତ ଦ୍ୱାରା ପ୍ରଦତ୍ତ ଜଳରେ ହୁଅନ୍ତି ସନ୍ତୁଷ୍ଟ । ଶାସ୍ତ୍ରରେ କୁହାଯାଇଛି,

'ନମସ୍କାର ପ୍ରିୟୋ ଭାନୁଃ,
ଜଳଧାରା ପ୍ରିୟୋ ଶିବଃ ।
ଅଳଙ୍କାର ପ୍ରିୟୋ ବିଷ୍ଣୁଃ,
ବ୍ରାହ୍ମଣୋ ଭୋଜନ ପ୍ରିୟଃ ।'

ଅର୍ଥାତ୍ ପ୍ରଭୁଦିବାକର ନମସ୍କାର ପ୍ରିୟ ଅଟନ୍ତି । ସଂହାରକର୍ତ୍ତା ପ୍ରଭୁ ଶିବ ହେଉଛନ୍ତି ଜଳଧାର ପ୍ରିୟ । ସେହିପରି ପାଳନକର୍ତ୍ତା ବିଷ୍ଣୁ ପୁଷ୍ପ ତଥା ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ପୂର୍ବକ ପ୍ରସନ୍ନ ହେଉଥିବାବେଳେ ବ୍ରାହ୍ମଣମାନେ ଭୋଜନରେ ତୃପ୍ତି ଲାଭ କରିଥାନ୍ତି । ପ୍ରଭୁ ଚନ୍ଦ୍ରମଉଳି ଜଳଧାରା ପ୍ରିୟ ହୋଇଥିବାରୁ ପ୍ରତ୍ୟେକ ସୋମବାର ଓ ସଂକ୍ରାନ୍ତି ଦିବସରେ ଶିବାଳୟ ହୁଏ ଲୋକାରଣ୍ୟ । ଶ୍ରଦ୍ଧାଳୁମାନେ ଶ୍ରଦ୍ଧା ଓ ଭକ୍ତିର ସହିତ ଶିବଲିଙ୍ଗଙ୍କୁ ତ୍ରିଶାଖା ବିଲ୍ୱପତ୍ର, ପୁଷ୍ପ, କ୍ଷୀର ଓ ଗଙ୍ଗାଜଳରେ କରିଥାନ୍ତି ଅଭିଷେକ । ବିଶେଷକରି ଶ୍ରାବଣ ଶିବ ସ୍ୱରୂପ ମାସ ଭାବେ ବିବେଚିତ ହେଉଥିବାରୁ ଏହି ମାସ ପ୍ରତ୍ୟେକ ସୋମବାରରେ ଶିବଙ୍କୁ ପବିତ୍ର ଜଳ ଲାଗି କରିବା ପାଇଁ ଶୈବାଳୟମାନଙ୍କରେ ଭକ୍ତମାନଙ୍କର ଗହଳି ପରିଲକ୍ଷିତ ହୋଇଥାଏ ।

ଦେବଦେବ ମହାଦେବଙ୍କୁ ଜଳଲାଗି କରିବାର କାରଣ ବିଭିନ୍ନ ଶାସ୍ତ୍ରର ପୃଷ୍ଠାମାନଙ୍କରେ ହୋଇଥାଏ ଦୃଷ୍ଟିଗୋଚର । ଶ୍ରୀମଦ ଭାଗବତଙ୍କର ଅଷ୍ଟମ ସ୍କନ୍ଧରେ ରହିଛି ଏହାର ବର୍ଣ୍ଣନା । ଦୁର୍ବାସା ମୁନିଙ୍କର ଅଭିଶାପ ଫଳରେ ଦେବରାଜଙ୍କ ସମସ୍ତ ଐଶ୍ୱର୍ଯ୍ୟ ନିକ୍ଷେପିତ ହୋଇଛି ସିନ୍ଧୁ ବକ୍ଷରେ । ସେ ସବୁକୁ ଉଦ୍ଧାର କରିବା ସହିତ ସମୁଦ୍ରରେ ଲୁକ୍କାୟିତ ଭାବେ ପୂର୍ବରୁ ଥିବା ଅନେକ ଦୁର୍ଲ୍ଲଭ ବସ୍ତୁକୁ ପ୍ରାପ୍ତ ହେବା ପାଇଁ ଦେବତା ଓ ଦାନବମାନଙ୍କ ଦ୍ୱାରା କରାଯାଇଛି ସମୁଦ୍ର ମନ୍ଥନ । ବାସୁକୀ ନାଗ ହୋଇଛନ୍ତି ରଜ୍ଜୁ । ମନ୍ଦର ପର୍ବତ ହୋଇଛନ୍ତି ଖୁଆଦଣ୍ଡ । ମନ୍ଦର ପର୍ବତକୁ ପୃଷ୍ଠରେ ଧାରଣ କରିବାକୁ ଭଗବାନ ନେଇଛନ୍ତି କଚ୍ଛପ ଅବତାର । ବାସୁକୀଙ୍କ ମୁଖ ପଟରେ ରାକ୍ଷସମାନେ ଥିବାବେଳେ ତାଙ୍କୁ ଧାରଣ କରିଥାନ୍ତି ଦେବତାଗଣ । ଏହି ସମୁଦ୍ର ମନ୍ଥନ ଫଳରେ ବାସୁକୀନାଗ ମୁଖରୁ ନିର୍ଗତ ହୋଇଛି ହଳାହଳ ବିଷ । ଏହି ବିଷର ପ୍ରଭାବରେ ଜଳଚରମାନଙ୍କ ସହିତ ଜୀବଜଗତ ହୋଇଛନ୍ତି ପ୍ରଭାବିତ । ଶ୍ରୀମଦ ଭାଗବତଙ୍କର ବର୍ଣ୍ଣନାନୁସାରେ, *'ଏମନ୍ତ ବାସୁକୀ ଶରୀରେ,ଅତି ମଛନ ଖେଦଭରେ । ଗରଳ ଛାଡେ ଅତି ଦୁଃଖେ, ବରଷା ପ୍ରାୟ ସସ୍ର ମୁଖେ'* । ଜୀବଜଗତକୁ ଗରଳର ପ୍ରଭାବରୁ ରକ୍ଷା କରିବା ପାଇଁ ସମସ୍ତଙ୍କ ଅନୁରୋଧରେ ପଞ୍ଚାନନ କରିଛନ୍ତି ବିଷପାନ । ମହେଶ୍ୱର ଏହି ବିଷକୁ କଣ୍ଠଦେଶରେ ସ୍ଥାନିତ କରିବାରୁ କଣ୍ଠଦେଶ ନୀଳବର୍ଣ୍ଣ ଧାରଣ କରିଅଛି । ଫଳସ୍ୱରୂପ ସେହିଦିନ ଠାରୁ ମହାଦେବ ନୀଳକଣ୍ଠ ନାମରେ ହୋଇଛନ୍ତି ନାମିତ । ହଳାହଳ ବିଷପାନ ଫଳରେ କଣ୍ଠଦେଶରେ ସୃଷ୍ଟି ହୋଇଛି ଜ୍ୱଳନ । କିଛିକ୍ଷଣ ପାଇଁ ଚନ୍ଦ୍ରଶେଖର ହରାଇଛନ୍ତି ସମ୍ବିତ । ସଙ୍ଗେ ସଙ୍ଗେ ସୁରଗଣ ଶିବଙ୍କ ମସ୍ତକରେ ଜଳବୃଷ୍ଟି କରିବାରୁ ସଦାଶିବ ସମ୍ବିତ ଫେରିପାଇଛନ୍ତି । କଣ୍ଠଦେଶରେ ସୃଷ୍ଟ ସେହି ଜ୍ୱଳନକୁ ପ୍ରଶମିତ କରିବାପାଇଁ ଆଜି ମଧ୍ୟ ଭକ୍ତଗଣ ଜଳାଭିଷେକ ନିମନ୍ତେ ହୁଅନ୍ତି ତତ୍ପର ।

ବ୍ୟାସଦେବଙ୍କ କୃତ ଶିବ ପୁରାଣ ମଧ୍ୟ ସଂହାରକର୍ତ୍ତା ମହେଶ୍ୱରଙ୍କର ମହିମାକୁ କରିଛି ପ୍ରଖ୍ୟାପିତ ।

ଦକ୍ଷଯଜ୍ଞରେ ଅନିମନ୍ତ୍ରିତ ଭାବେ ମା' ଉମା ଯଜ୍ଞସ୍ଥଳକୁ ଆଗମନ କରିବାରୁ ଦକ୍ଷଙ୍କ କ୍ରୋଧାଗ୍ନି ହୋଇଥିଲା ପ୍ରଜ୍ୱଳିତ । ପିତାଙ୍କ ମୁଖରୁ ସ୍ୱାମୀଙ୍କ ନିନ୍ଦା ସହ୍ୟ କରି ନପାରି ସତୀ ଯୋଗାଗ୍ନିରେ ପ୍ରାଣ ବିସର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ସେ ହିମାଳୟ ଓ ମେନାଙ୍କ କନ୍ୟା ରୂପରେ ଜନ୍ମ ଗ୍ରହଣ କରି ପାର୍ବତୀ ନାମରେ ହୋଇଥିଲେ ନାମିତା । ପୁନର୍ବାର ଶିବଙ୍କୁ ପତି ରୂପେ ପ୍ରାପ୍ତ ହେବାପାଇଁ ସେ ତପସ୍ୟା କଲେ । ତାଙ୍କର ଏକନିଷ୍ଠ ତପସ୍ୟାରେ ସନ୍ତୁଷ୍ଟ ହୋଇ ଶିବ ଆବିର୍ଭୂତ ହୋଇ ଦେଇଥିଲେ ଦର୍ଶନ ଏବଂ ପାର୍ବତୀଙ୍କ ମନୋସ୍କାମନା କରିଥିଲେ ପରିପୂର୍ଣ୍ଣ । ଜନଶ୍ରୁତି ଅନୁଯାୟୀ ମା' ହୈମବତୀ ଏହି ଶ୍ରାବଣ ମାସରେ ଶିବଙ୍କ ଦର୍ଶନଲାଭ କରିଥିଲେ ଏବଂ ପରବର୍ତ୍ତୀ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀରେ ଶଙ୍କରଙ୍କୁ ପତି ରୂପେ ପ୍ରାପ୍ତ ହୋଇଥିଲେ ।

ମାର୍କଣ୍ଡେୟ ପୁରାଣ ଅନୁସାରେ ଋଷି ମୃକଣ୍ଡ ଥିଲେ ଅପୁତ୍ରିକ । ମହାଦେବଙ୍କୁ ନିତ୍ୟ ଆରାଧନା କରି ତାଙ୍କର ଆଶୀର୍ବାଦରୁ ଏକ ସ୍ୱଳ୍ପାୟୁ ପୁତ୍ର ସନ୍ତାନ ପ୍ରାପ୍ତ ହୋଇ ନାମ ରଖିଲେ ମାର୍କଣ୍ଡେୟ । ମାତ୍ର ଦ୍ୱାଦଶ ବର୍ଷ ଆୟୁଷ ଯୁକ୍ତ ବାଳକ ପାଞ୍ଚବର୍ଷ ବୟସରୁ ପ୍ରତ୍ୟହ ପିତାଙ୍କ ସହିତ ଶିବ ମନ୍ଦିରକୁ ଯାଇ ଶିବଙ୍କ ସ୍ତୋତ୍ରମାନ ପାଠ କରୁଥିଲେ । ଦ୍ୱାଦଶ ବର୍ଷ ପୂର୍ଣ୍ଣ ହେବାର ଅବ୍ୟବହିତ ପୂର୍ବରୁ ବାଳକ ମାର୍କଣ୍ଡେୟ ନିରନ୍ତର ଶିବଲିଙ୍ଗ ନିକଟରେ ଉପବେଶନ ପୂର୍ବକ ସ୍ତୋତ୍ରମାନ ଜପ କରିବାକୁ ଲାଗିଲେ । ଫଳସ୍ୱରୂପ ଯମରାଜ ମାର୍କଣ୍ଡେୟଙ୍କର ପ୍ରାଣକୁ କାଳପାଶ ବନ୍ଧନରେ ଆବଦ୍ଧ କରିନପାରି ପ୍ରତ୍ୟାବର୍ତ୍ତନ କଲେ ଯମାଳୟକୁ । ମଙ୍ଗଳମୟ ଆଶୁତୋଷଙ୍କ କୃପାରୁ ସ୍ୱଳ୍ପାୟୁ ମାର୍କଣ୍ଡେୟ ହେଲେ ସପ୍ତ କଳ୍ପାୟୁ । ପ୍ରଳୟ କାଳରେ ସେ ମଧ୍ୟ ବାଳମୁକୁନ୍ଦଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭକରି ତାଙ୍କର ଗର୍ଭରେ ହୋଇଥିଲେ ଅବସ୍ଥାପିତ । ମୁନି ମାର୍କଣ୍ଡେୟ ଏହି ଶ୍ରାବଣ ମାସରେ ଶିବଙ୍କ କୃପାଲାଭ କରି କଳ୍ପାୟୁ ହୋଇଥିଲେ ବୋଲି ରହିଛି ଜନଶ୍ରୁତି ।

ଶିବଙ୍କ ସ୍ୱରୂପ ଭାବେ ଅଭିହିତ ଶ୍ରାବଣ ମାସରେ ଜଳଧାରା ପ୍ରିୟ ପିନାକୀଙ୍କୁ ଜଳାଭିଷେକ କରିବା ପାଇଁ ଭକ୍ତମାନେ ହୋଇ ଉଠନ୍ତି ତତ୍ପର । ଶ୍ରଦ୍ଧାଳୁମାନେ ଯେକୌଣସି ନଦୀରୁ ଜଳ ଉତ୍ତୋଳନ କରୁଥିବାରୁ ପ୍ରସିଦ୍ଧ ଶୈବ ପୀଠମାନଙ୍କରେ ସେମାନଙ୍କ ଜଳକୁ ମୁଖ୍ୟ ଲିଙ୍ଗ ଉପରେ ଅର୍ପଣ କରିବାପାଇଁ ସୁଯୋଗ ଦିଆଯାଏ ନାହିଁ । ଏହାର ଅନ୍ତରାଳରେ ରହିଛି ଶାସ୍ତ୍ରୀୟ ବିଧାନ । ଅତ୍ରି ସଂହିତା ଅନୁଯାୟୀ ଚତୁର୍ମାସ୍ୟା ସମୟରେ ତଥା ହରିଶୟନ ଏକାଦଶୀରୁ ଆରମ୍ଭ ହେଉଥିବା ଅଶୁଦ୍ଧ କାଳରେ କେବଳ ଗଙ୍ଗାନଦୀକୁ ଛାଡ଼ି ଅନ ସମସ୍ତ ନଦୀ ହୁଅନ୍ତି ରଜସ୍ୱଳା ।

ଫଳତଃ ସେମାନଙ୍କ ଜଳ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ହୁଏ ଅନୁପଯୁକ୍ତ । ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ସମୟରେ ପ୍ରବଳ ବୃଷ୍ଟିପାତ ହେଉଥିବାରୁ ନାନାଦି ବର୍ଜବସ୍ତୁ ନଦୀରେ ମିଶି ଜଳକୁ ଦୂଷିତ କରିଥାଏ । ସେଥିପାଇଁ ସଚ୍ଚ ଏକନାଥ ଗଙ୍ଗାରୁ ଜଳ ନେଇ ଯାଇଥିଲେ ରାମେଶ୍ୱରମକୁ । ତେଣୁ ଅପସଂସ୍କୃତିକୁ ଗ୍ରହଣ ନକରି ଶ୍ରାବଣ ମାସ ସହିତ ପ୍ରତ୍ୟେକ ମାସର ସୋମବାର, ସଂକ୍ରାନ୍ତି ତଥା ପର୍ବପର୍ବାଣୀମାନଙ୍କରେ କୂପଜଳ ଅଥବା ଗଙ୍ଗାଜଳ ସହିତ ବିଲ୍ୱପତ୍ର ଓ ପୁଷ୍ପ ଶିବଙ୍କ ଲିଙ୍ଗଉପରେ ଅର୍ପଣ ପୂର୍ବକ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପ୍ରକଳ୍ପଗୁଡ଼ିକୁ...

ସମସ୍ତ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ । ଯେଉଁ କାର୍ଯ୍ୟଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବନ ବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଟେଣ୍ଡର କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟାନୁସାରେ କାର୍ଯ୍ୟକାରୀ କରିବା ଓ ସମସ୍ତ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ ।

କେନ୍ଦୁଝର ଜିଲ୍ଲା ପ୍ରଶାସନ ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶକୁ ବୃଦ୍ଧି କରିବା ପାଇଁ ଅନେକ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ହାତକୁ ନେଇଛି । ସେଗୁଡ଼ିକ ମଧ୍ୟରେ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତି, କେନ୍ଦୁଝର ବାଇପାସ୍ ରାସ୍ତା ନିର୍ମାଣ ବିଭିନ୍ନ ରାସ୍ତା ଏବଂ ସେତୁ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ । ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ-୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ । ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି । ଜିଲ୍ଲାରେ ଆଇନଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ ।

ପ୍ରସ୍ତାବିତ ବଡ଼ବିଲରୁ ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳିରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶିପୁର ଓ ପାଓ୍ୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ । ସେହିପରି ଜଙ୍ଗଲ ଜମି ହସ୍ତାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଘସିପୁରା ବଦ୍ରିନାରାୟଣ ପାତ୍ର, ବିଧାୟକ ଚମ୍ପୁଆ ସନାତନ ମହାକୁଡ଼, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଶେଷରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା' ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ । ଯାହା ଭକ୍ତ ମାନଙ୍କ ଧର୍ମୀୟ ଭାବନାକୁ ଅକ୍ଷୁଣ୍ଣ ରଖିବା ସହ ଭକ୍ତ ଓ ତାରିଣୀ ମା'ଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରିପାରିବ । ଆହୁରିମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ। ଯାହା ଦୂରଦୂରାନ୍ତରେ ଜନସାଧାରଣଙ୍କୁ ସଂସ୍କୃତି ଶିକ୍ଷା ସମ୍ବଳ ଯୋଗାଇବ । ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦଘାଟନ କରିଥିଲେ ।

ଜେଲ ...

କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ ନିହାର । ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା । ଯେଉଁଥିରେ ସତ ଉଗାରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ଏହାପରେ ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି ।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ପ୍ରକ୍ରିୟା ପରୀକ୍ଷା ବୋର୍ଡ ସହିତ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ, ଡାଟା ଏଣ୍ଟ୍ରି ଅପରେଟର ଜିତନ୍ ମହାରଣା ଲିକ୍ ଘଟଣାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିବା କହିଛନ୍ତି କ୍ରାଇମ୍ବ୍ରାଞ୍ଚ ଡିଜି । ମୁଖ୍ୟ ଅଭିଯୁକ୍ତ ଜିତନଙ୍କ ସହ ବୋର୍ଡ ଉପସଭାପତିଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା । ପ୍ରାୟ ୨ ମାସ ଭିତରେ ଉଭୟେ ୧୦୦ ଥର ଫୋନରେ କଥା ହୋଇଛନ୍ତି । ହେଲେ ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା । ଏହା ସତ୍ତ୍ୱେ ବି ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ସହ ଏତେ ଥର ଉପସଭାପତି କଥା କାହିଁକି ହୋଇଥିଲେ ତାହା ସନ୍ଦେହ ସୃଷ୍ଟି କରିଥିଲା । ଜିତନଙ୍କ ଭୂମିକା ସନ୍ଦେହଜନକ ଥିଲା ଉପସଭାପତି ସ୍ୱୀକାର କରିଛନ୍ତି । ନିହାରଙ୍କ ପାଖରେ ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ରହିଥିଲା । ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, ହେଲେ ସେ ସେପରି କରିନଥିଲେ । ଏଥିସହିତ ଉପସଭାପତି ଶ୍ରୀ ମହାନ୍ତି ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ । ଏତଦ୍ ବ୍ୟତୀତ ମହାରଣାଙ୍କ ଆକାଉଣ୍ଟକୁ ୨.୪ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପ ସହିତ ଏକ ସ୍ପଷ୍ଟ ଆର୍ଥିକ ଲିଙ୍କ ସ୍ଥାପନ କରିଥିଲା । ତେବେ ଘଟଣାର ତଦନ୍ତ ଚାଲିଛି । ଅନେକ ଲୋକଙ୍କର ସମ୍ପୃକ୍ତି କୁ ମଧ୍ୟ ଅନୁମାନ କରାଯାଉଛି । ସେହିଭଳି ଅର୍ଥନୈତିକ କାରବାରର ଯାଞ୍ଚ କରାଯାଉଛି ବୋଲି କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି । ତେବେ ନିର୍ଦ୍ଧାରିତ ଅବଧି ପୂର୍ବରୁ ଚାର୍ଜସିଟ୍ ଦଖଲ ସହ ଅଭିଯୁକ୍ତଙ୍କୁ ପଚରାଉଚୁରା ପାଇଁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ, ପ୍ରଥମତଃ ବୋର୍ଡ ଉପସଭାପତିଙ୍କ ଲାପଟପ୍ ପ୍ରଶ୍ନପତ୍ର ଆସିବା କଥା ନୁହେଁ । କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡର ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ଲାପଟପ୍ ଏଫଟିପି (ଫାଇଲ୍ ଟ୍ରାନ୍ସଫର୍ ପ୍ରୋଟକଲ୍) ମାଧ୍ୟମ ବଦଳରେ ଇ-ମେଲ୍ରେ ପ୍ରଶ୍ନପତ୍ର ଆସିଥିଲା । ଏଭଳି ସାଂଘାତିକ କାର୍ଯ୍ୟ କ୍ରାଇମ୍ବ୍ରାଞ୍ଚ ତଦନ୍ତରୁ ସାମ୍ନାକୁ ଆସିଛି । କିନ୍ତୁ ବୋର୍ଡରେ ବହୁଦିନରୁ ଚାଲି ଆସିଥିବା ଏଭଳି ଅନିୟମିତତାକୁ ଉଚ୍ଚ କର୍ତ୍ତୃପକ୍ଷ ଚୁପଚାପ୍ ସହିବା ଘଟଣା ଏବେ ଆଲୋଚନାର ପ୍ରସଙ୍ଗ ହୋଇଛି । ବୋର୍ଡର ରେଗୁଲେସନ୍ ଚାପ୍ଟର-୧୧ ଉପଧାରା ୧୫ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ ବୋର୍ଡ ସଂପାଦକଙ୍କ ଦାୟିତ୍ୱ । କିନ୍ତୁ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କ ବ୍ୟକ୍ତିଗତ ଲାପଟପ୍ ପ୍ରଶ୍ନର ସଫଟ୍ କପି କାହିଁକି ଆସିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି ।

ଭିଜିଲାନ୍ସ ...

ଚଢ଼ାଉ କରାଯାଉଛି। ବାରିପଦା, ବୌଦ୍ଧ ଏବଂ ଭୁବନେଶ୍ୱରରେ ତାଙ୍କର ୬ଟି ସ୍ଥାନରେ ଚଢ଼ାଉ ଚାଲିଛି। ଚଢ଼ାଉ ସମୟରେ ଶ୍ରୀ ହଂସଦାଙ୍କ ବାରିପଦାର ପ୍ରଫୁଲ୍ଲ ନଗରର ଆବାସିକ ଘର, ବୌଦ୍ଧରେ ଅବସ୍ଥିତ ତାଙ୍କର ଭଡା ଘର, ବୌଦ୍ଧର ଆରଟିଓ ଅଫିସରେ ଅବସ୍ଥିତ ଶ୍ରୀ ହାଂସଦାଙ୍କ ଅଫିସ ପ୍ରକୋଷ୍ଠ । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଲଡିହା ଗ୍ରାମରେ ଅବସ୍ଥିତ ଶ୍ରୀ ହାଂସଦାଙ୍କ ପୈତୃକ ଘର ।ଭୁବନେଶ୍ୱରର ପାଣ୍ଡରାରେ ତାଙ୍କ ଝିଅଙ୍କ ଭଡ଼ାଘର, ବାରିପଦାର ୱାର୍ଡ ନମ୍ବର ୨୮, ବାଗଡିହାରେ ତାଙ୍କ ନିକଟତମ ସହଯୋଗୀଙ୍କ ଘର ଉପରେ ଚଢ଼ାଉ ହୋଇଥିଲା ।

ଲ୍ୟାଣ୍ଡମାଇନ୍ ...

ବିସ୍ଫୋରଣ ସ୍ଥଳରୁ ଏକ କିଲୋମିଟର ବ୍ୟବଧାନରେ ଲାଲ ବାହିନୀ ପୋଷ୍ଟର ଲଗାଇଛନ୍ତି । ସୁରକ୍ଷା ଦୃଷ୍ଟିକୋଣରୁ ମୁମ୍ବାଇ-ହାଓ୍ୱାଡା ମୁଖ୍ୟ ରେଳମାର୍ଗରେ ରେଳ ଚଳାଚଳ ବନ୍ଦ ରହିଥିଲା । ସୁରକ୍ଷା ଦୃଷ୍ଟିକୋଣରୁ ସ୍ଥାନୀୟ ଅଞ୍ଚଳରେ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି । ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଶ୍ରା, ଭାଲୁଲତା ଓ ଜରାଇକେଲା ରେଳ ଷ୍ଟେସନରେ ଆରପିଏଫ୍ ଓ ଆରପିଏସ୍ଏଫ୍ ମୁତୟନ କରାଯାଇଛି । ଏହି ଷ୍ଟେସନଗୁଡ଼ିକ ଲାଲବାହିନୀ ପ୍ରଭାବିତ ହେବା ସହିତ ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳମାର୍ଗରେ ଅବସ୍ଥିତ ହୋଇଥିବାରୁ ରେଳ ପ୍ରଶାସନ ଏହି ୩ଟି ଷ୍ଟେସନ ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି ।ରେଳ ସୁରକ୍ଷାବଳ ଓ ସରକାରୀ ରେଳବାଇ ପୁଲିସକୁ ହାଇଆଲର୍ଟରେ ରଖାଯାଇଛି । ସମ୍ବେଦନଶୀଳ ମାର୍ଗରେ ଏକ୍ସପ୍ରେସ ଓ ଅନ୍ୟ ଯାତ୍ରୀବାହୀ ଟ୍ରେନ ଗୁଡ଼ିକର ଯାତ୍ରା ପୂର୍ବରୁ ମାଲବାହୀ ଟ୍ରେନ୍ ଚଳାଇବା ପାଇଁ ନିର୍ଦ୍ଦେଶ ଜାରିହୋଇଛି ଏହାବ୍ୟତୀତ ରେଳଟ୍ରାକ୍, ପୋଲ ଓ ଷ୍ଟେସନ ପରିସର ନିରନ୍ତର ଯାଞ୍ଚ କରାଯାଉଛି । କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ରେଳବାଇ ହେଲ୍ପଲାଇନ୍ କିମ୍ବା ନିକଟତମ ରେଳ ଷ୍ଟେସନକୁ ଜଣାଇବାକୁ ରେଳ ପ୍ରଶାସନ ଯାତ୍ରୀଙ୍କୁ ନିବେଦନ କରାଯାଇଛି ।

ବାୟାବର...

ହିଁ ଗଣମାଧ୍ୟମରେ କହିଥିଲେ କି ତିନିଜଣ ଯୁବକ ବାଇକରେ ଆସି ପୀଡ଼ିତାଙ୍କ ଉପରେ କିରାସିନି ଢାଳି ହତ୍ୟା ଉଦ୍ୟମ କରିଥିଲେ । ଦୁଇ ଦିନ ପରେ ଦୁଃଖୀଶ୍ୟାମ କହିଥିଲେ କି ରାତି ୨ଟା ପରେ ତିନିଜଣ ଯୁବକ ମୁହଁରେ ମାସ୍କ ବାନ୍ଧ ବାଇକରେ ଆସି ପରୋକ୍ଷରେ ହତ୍ୟା ଉଦ୍ୟମ କରିଥିଲେ । କିନ୍ତୁ ତଦନ୍ତରେ ପୁଲିସ ଏହି ତିନିଜଣ ଯୁବକ ପ୍ରସଙ୍ଗକୁ ମିଛ ବୋଲି କହିଛି । ଏଣୁ ଏହି ତିନିଜଣ ଯୁବକ ପ୍ରସଙ୍ଗ କେଉଁଠୁ ଆସିଲା ବା କିଏ ଏଭଳି କାହାଣୀ ରଚିଛି ତାହା ଜାଣିବା ପାଇଁ ଦୁଃଖୀଶ୍ୟାମଙ୍କୁ ପୁଲିସ ପଚରାଉଚରା କରିଥିବା କୁହାଯାଉଛି ।

ଗୁଣିଗାରେଡି ସନ୍ଦେହରେ ଯୁବକଙ୍କୁ ନିର୍ମମ ହତ୍ୟା, ୧୪ ଗିରଫ

ମାରଣାସ୍ତ୍ର, ୩ ଅଟୋ ଜବତ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ଆଦିବାସୀ ବହୁଳ ମୋହନା ବ୍ଲକର ଦୁର୍ଗମ ଗ୍ରାମାଞ୍ଚଳରେ ଗୁଣିଗାରେଡି ସନ୍ଦେହରେ ପୁଣି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ୧୪ ଜଣଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ସହ ୩ ଗୋଟି ଅଟୋକୁ ଜବତ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣା ନେଇ ଗଜପତି ଏସପି ଯତୀନ୍ଦ୍ର ପଣ୍ଡା ରବିବାର ଗଜପତି ଜିଲ୍ଲା ଏସ୍‌ପି ଅଫିସ ପରିସରରେ ଆୟୋଜିତ ପ୍ରେସମିଟରେ ସୂଚନାଦେଇ କହିଥିଲେଯେ, ଗଜପତି ଜିଲ୍ଲାର ମୋହନା ବ୍ଲକର ରାତାଗୁଡା ନାମକ ଦୁର୍ଗମ ଗ୍ରାମରେ ଗତ ୧୫ ଦିନ ତଳେ ସୁବାସ ମଲ୍ଲିକ ନାମକ ଜଣେ ଗ୍ରାମବାସୀଙ୍କ ପତ୍ନୀ କୌଣସି କାରଣରୁ ମୃତ୍ୟୁ ଘଟିଥିଲା । ଏହି ମୃତ୍ୟୁ ଗୁଣିଗାରେଡି ଜନିତ କାରଣରୁ ହୋଇଥିବା ଗ୍ରାମବାସୀମାନେ ସନ୍ଦେହ ପ୍ରକଟ କରିଥିଲେ। ଗୁଣିଗାରେଡି କରି ସେହି ଗ୍ରାମର ଗୋପାଳ ମଲ୍ଲିକ ଏପରି ଅକାଳ ମୃତ୍ୟୁ ଘଟାଉଛି ବୋଲି ସନ୍ଦେହ କରିଥିଲେ । ତେଣୁ ଗୋପାଳ ମଲ୍ଲିକକୁ ଉଚିତ ଶାସ୍ତି ଦେବା ପାଇଁ କ୍ରୋଧାନ୍ୱିତ ହୋଇ ଗ୍ରାମବାସୀମାନେ ସୁଯୋଗ ଅପେକ୍ଷାରେ ଥିଲେ। ଗ୍ରାମବାସୀଙ୍କ ଏପରି ଉଦ୍ଦେଶ୍ୟର ସୁରାକ ପାଇ ଗୋପାଳ ମଲ୍ଲିକ ଗ୍ରାମ ଛାଡି ଦୂରରେ ଥିବା ଶଶ୍ୱର ଘରକୁ ଚାଲି ଯାଇଥିଲା । ଗତକାଲି ଗୋପାଳ ତାର ଶଳା ସହ ମଟର ବାଇକରେ ନିଜ ଘରକୁ ଯାଇ ଜିନିଷପତ୍ର ଆଣିବା ଉଦ୍ଦେଶ୍ୟରେ ବାହାରିଥିଲେ। ଏହି ଖବର କୌଣସି କାରଣରୁ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ଥିଲା। ଗ୍ରାମବାସୀମାନେ ମଳାସପଦର ଗ୍ରାମ ନିକଟରେ ଲୁଚି ରହି ଗୋପାଳକୁ ଅପେକ୍ଷା କରିଥିଲେ । ଗୋପାଳ ବାଇକ ଯୋଗେ ସେହି ରାସ୍ତା ଦେଇ ଆସୁଥିବା ବେଳେ ଗ୍ରାମବାସୀମାନେ ତାକୁ ଅଟକାଇ ବାଇକରୁ ଘୋଷାଡ଼ି ନେଇ ରାତାଗୁଡା ଗ୍ରାମର କୋଠ ଘରକୁ ଉଠାଇ ନେଇଥିଲେ । ଗୁଣିଗାରେଡି ଦ୍ୱାରା ଲୋକଙ୍କୁ ମାରି ପ୍ରାଣ ରକ୍ଷା ପାଇଁ ନିଜ ଗାଁରୁ ଚମ୍ପଟ ମାରୁଛୁ ବୋଲି ଗାଳି ଗୁଲଜ କରିବା ସହ କୋଠ ଘରେ ଗୋପାଳକୁ ବିଭିନ୍ନ ଭାବେ ମାରପିଟ କରିଥିଲେ । ପରେ ଗ୍ରାମ ଠାରୁ କିଛି ଦୂରରେ ରହୁଥିବା ହରଭଙ୍ଗୀ ଡ୍ୟାମ ନିକଟକୁ ନେଇ ପୁଣି ବିଭିନ୍ନ ଭାବେ ମାଡ଼ ଦେବା ସହ ଗୋପାଳର ଯୌନାଙ୍ଗକୁ କାଟି ଦେଇଥିଲେ । ଏଥିରେ ଗୋପାଳ ଛଟପଟ ହୋଇ ମୃତ୍ୟୁବରଣ କରିବା ପରେ ଏକ ପଥରକୁ ଆଣି ଗୋପାଳର ମୃତଦେହ ସହ ବାନ୍ଧି ଡ୍ୟାମରେ ଥିବା ଗଭୀର ପାଣି ମଧ୍ୟକୁ ଫୋପାଡ଼ି ଦେଇଥିଲେ। ଏହି ଘଟଣା ଗୋପାଳର ଭାଉଜ ଜାଣିବା ପରେ ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣା ନେଇ ଅନୁସନ୍ଧାନ କରି ଡ୍ୟାମରୁ ମୃତଦେହକୁ ଉଦ୍ଧାର କରିବା ସହ ଗୋପାଳକୁ ହତ୍ୟା କରିବାରେ ବ୍ୟବହୃତ ମାରଣାସ୍ତ୍ର ଗୁଡିକୁ ପୋଲିସ ଜବତ କରିଥିଲେ । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୧୪ ଜଣ ଗ୍ରାମବାସୀ ୩ ଗୋଟି ଅଟୋରେ ଫେରାର ହେବା ପାଇଁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୧୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ଗଜପତି ଏସପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ଆସନ୍ତାକାଲି ଏହି ୧୪ ଜଣଙ୍କୁ କୋର୍ଟଚାଲାଣ କରାଯିବ। ଗଜପତି ଜିଲ୍ଲାରେ ଗୁଣି ଗାରେଡି ସନ୍ଦେହ ନେଇ ଅନ୍ଧ ବିଶ୍ୱାସର ନିକଟବର୍ତ୍ତୀ ହୋଇ ଏଭଳି ନିର୍ମମ ହତ୍ୟାକାଣ୍ଡ ଗତ ବହୁ ବର୍ଷ ଧରି ଲାଗି ରହିଛି । ସରକାର ଓ ପ୍ରଶାସନ ଏନେଇ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଅନ୍ଧ ବିଶ୍ୱାସରୁ ଦୁରେଇବା ପାଇଁ ଆବଶ୍ୟକ ସଚେତନ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଚାଲିଛି ରାସ୍ତାପାର୍ଶ୍ୱ ଗଛକଟା ଅଭିଯାନ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ-ଭାୟା ବୁଆଗଡିଆ ଠାରୁ ମଞ୍ଜୁରୀରୋଡକୁ ସଂଯୋଗକାରୀ ଗ୍ରାମଯ ଉନ୍ନୟନ ରାସ୍ତାର ଦୁଇ ପାର୍ଶ୍ୱରେ ପଞ୍ଚାୟତ ପକ୍ଷରୁ ରୋପଣ କରାଯାଇଥିବା ଗଛଗୁଡିକୁ ପ୍ରତିଯୋଗୀତା ପୂର୍ଣ୍ଣ ଭାବେ କଟାଯାଉଥିବା ଅଭିଯୋଗ ହୋଇଛି। ସାମ୍ପ୍ରତିକ ବିଶ୍ୱ ତାପାୟନ ସମସ୍ୟାର ଲାଘବ ପାଇଁ ବୃକ୍ଷରୋପଣକୁ ସର୍ବଶ୍ରେଷ୍ଠ ପରିବେଶ ଉପଯୋଗୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଗଛଟି ଲଗାଇବା ଦୂରର କଥା, ରୋପଣ ହୋଇଥିବା ଗଛଗୁଡିକୁ ଅବାଧରେ କାଟି ଦିଆଯିବା ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି। ୨୦୧୯ ମସିହାରେ ପଞ୍ଚାୟତ ପକ୍ଷରୁ ବୃକ୍ଷରୋପଣ କରାଯାଇ ରାସ୍ତାକୁ ସବୁଜ ଆଚ୍ଛାଦିତ କରାଯାଇଥିଲା। ଏହି ରାସ୍ତାର ପାର୍ଶ୍ୱ ଜମିକୁ ଅବରୋଧ କରାଯାଇ ଚାଷ କରାଯିବା ପରେ ଗଛଗୁଡିକ ଚାଷ ପ୍ରତି ସମସ୍ୟା ଭାବେ କୁହାଯାଇ ଗଛଗୁଡିକୁ ସମ୍ପୂର୍ଣ୍ଣ ଅଥବା ଆଂଶିକ କାଟି ଦିଆଯାଇଛି। ଏହା ଫଳରେ ଜୀବିତ ଥିବା ଗଛଗୁଡିକ ଅକାଳରେ ମୃତ୍ୟୁବରଣ କରିବା ସାର ହୋଇଛି। ଏଭଳି ଶହ ଶହ ସଂଖ୍ୟାରେ ଗଛକଟା ଦୈନିକ ପ୍ରତିଯୋଗୀତା ଭାବେ ଚାଲୁଛି। ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏହି କାର୍ଯ୍ୟକୁ ଦେଖି ନଦେଖିଲା ପରି ଆଡେଇ ଚାଲିଯାଉଛନ୍ତି। ଫଳରେ ଗଛକଟାଳିମାନେ ନିର୍ଭୟ ହୋଇ ଏହି ବେଆଇନ କାର୍ଯ୍ୟ କରୁଥିବା ଜଣାଯାଇଛି। ଏଭଳି ବେଆଇନ ଗଛକଟା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ମତଦେଇଛନ୍ତି।

ଅଗ୍ନି ବିପନ୍ନ ପରିବାରକୁ

ଓଡିଶା ବିକାଶ ପ୍ରାଧିକରଣ ଆଇନ ଅନୁଯାୟୀ ଆପିଲ୍ ମାମଲା

ଶୀଘ୍ର ସମାଧାନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ

ଭୁବନେଶ୍ୱର, (ସବୁ୍ୟ): ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୭୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୩୯ ଟି ମାମଲା ଗ୍ରହଣ ଏବଂ ନିଷ୍ପାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ।

ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଭୁବନେଶ୍ୱର, (ସବୁ୍ୟ) : ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷାବର୍ଷର ଜ୍ଞାନବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏହି ବାର୍ଷିକ ଜ୍ଞାନବିଜ୍ଞାନ ମେଳାରେ ଉଦ୍ଘାଟନୀ ଉତ୍ସବରେ ଭୁବନେଶ୍ୱର ନାଇଜରର ରିସର୍ଚ୍ଚ ଆସୋସିଏଟ ଡ. ଐଶ୍ୱର୍ଯ୍ୟା ଭଟ୍ଟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ବାଗ ସମ୍ପାଦକ ପଙ୍କଜ କର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ମାନସିଂ ଯୋଗ ଦେଇଥିଲେ। କନିଷ୍ଠ, ଶିଶୁ, ବାଲ୍ ଓ କିଶୋର ବର୍ଗରେ ୪୦୪ ଜଣ ଶିଶୁ ଅଂଶଗ୍ରହଣ କରି ସେମାନଙ୍କ ବିଜ୍ଞାନ, ଗଣିତ ଓ ମୂର୍ତ୍ତିକଳାରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେହିଭଳି ଅନ୍ୟାନ୍ୟ ପ୍ରତିଯୋଗିତାରେ ୧୮୮ ଜଣ ଭାଗ ନେଇଥିଲେ। ଉଦ୍ୟାପନୀ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରହ୍ଲାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଆରତୀ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ ସେବିକା ସହଯୋଗ କରିଥିଲେ

ପ୍ରତିଷେଧକ ଟୀକା ଯୋଗ୍ୟ ରୋଗରୁ ମୁକ୍ତି ପାଇଁ

ପିଲାମାନଙ୍କୁ ସମୟାନୁସାରେ ବୁଷ୍ଟର ଡୋଜ୍ ପ୍ରଦାନ ଉଚିତ୍

ଭୁବନେଶ୍ୱର (ସବୁ୍ୟ): ପ୍ରତିଷେଧକ ଟୀକା ଯୋଗ୍ୟ ରୋଗରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତର ନିରନ୍ତର ପ୍ରୟାସ ମଧ୍ୟରେ, ଚିକିତ୍ସା ବିଶେଷଜ୍ଞମାନେ ସ୍କୁଲ ପ୍ରବେଶ ବୟସରେ ଡିପଥେରିଆ, ଟିଟାନସ୍, ପର୍ଟୁସିସ୍ ଏବଂ ପୋଲିଓ ବିରୁଦ୍ଧରେ ବୁଷ୍ଟର ଡୋଜ୍ ସମୟକ୍ରମେ ପ୍ରଦାନ କରିବାକୁ ଅନୁରୋଧ କରୁଛନ୍ତି। ଯଦିଓ ଶୈଶବ ସମୟରେ ପ୍ରାଥମିକ ଟୀକାକରଣ ପ୍ରାରମ୍ଭିକ ସୁରକ୍ଷାର ମୂଳଦୁଆ ଗଠନ କରେ, ସେହି ରୋଗ ପ୍ରତିରୋଧକ ଶକ୍ତି ସମୟ ସହିତ ଦୁର୍ବଳ ହୋଇଯାଏ ଏବଂ ଚାରି ରୁ ଛଅ ବର୍ଷ ବୟସ ମଧ୍ୟରେ ଏହାକୁ ସୁଦୃଢ଼ କରାଯିବା ଆବଶ୍ୟକ।

ଭାରତୀୟ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମ (ଏନଆଇପି) ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରେ ଯେଉଁଥିରେ ୬, ୧୦ ଏବଂ ୧୪ ସପ୍ତାହରେ ଡିଟିପି ଟୀକା ଅନ୍ତର୍ଭୁକ୍ତ। ସେହିପରି ୧୬ ରୁ ୨୪ ମାସ ମଧ୍ୟରେ ଏକ ବୁଷ୍ଟର ଆବଶ୍ୟକ। ପୋଲିଓ ଟିକା ୬ ଏବଂ ୧୪ ସପ୍ତାହ ମଧ୍ୟରେ ଅଂଶିକ ଡୋଜ୍‌ରେ ଦିଆଯାଇଥାଏ। ଅଧ୍ୟୟନ ସୂଚିତ କରେ ଯେ, ଚାରି ବର୍ଷ ବୟସ ସୁଦ୍ଧା ଆଂଟିବଡି ସ୍ତର ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥାଏ। ବିଶେଷକରି ଯେତେବେଳେ ପିଲାମାନେ ସ୍କୁଲ ପରିବେଶ ମଧ୍ୟରେ ବଡ଼ ସମକକ୍ଷ ଗୋଷ୍ଠୀରେ ସାମିଲ ହେବା ଆରମ୍ଭ କରିଥନ୍ତି। ଓଡ଼ିଶାର ଅନୁଗୁଳର ଡିଭାଇନ୍ କିଡ୍‌ଜ ପେଡିଆଟ୍ରିକ୍ କ୍ଲିନିକର ଡାକ୍ତର କୃଷ୍ଣ ପ୍ରସାଦ ବେହେରା କୁହନ୍ତି, ଯେତେବେଳେ ପିଲାମାନେ ସ୍କୁଲ ଯିବା ଆରମ୍ଭ କରନ୍ତି, ସେମାନଙ୍କର ସାମାଜିକ ପରିବେଶ ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଥାଏ। ସେୟାର ଖେଳଣାଠାରୁ ଆରମ୍ଭ କରି ଭିଡ଼ ଶ୍ରେଣୀଗୃହ ପର୍ଯ୍ୟନ୍ତ, ସଂସ୍ପର୍ଶର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଏ। ଠିକ୍ ଏହି ସମୟରେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ସମୟୋଚିତ ଭାବେ ବୃଦ୍ଧି କରିବାର ଆବଶ୍ୟକ ହୋଇଥାଏ।

ଆମେ ପ୍ରାୟତଃ ସ୍କୁଲ ପ୍ରସ୍ତୁତି ଭଳି ଦୃଶ୍ୟମାନ ମାଇଲଖୁଂଟ ଉପରେ ଗୁରୁତ୍ୱାରୋପ କରୁଛୁ କିନ୍ତୁ ସ୍ୱାସ୍ଥ୍ୟ ମାଇଲଖୁଂଟ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ୪ ରୁ ୬ ବର୍ଷ ବୟସରେ ଏକ ବୁଷ୍ଟର ଡୋଜ୍ ପିଲାମାନଙ୍କୁ ପ୍ରାରମ୍ଭିକ ଟୀକାରୁ ଦୃଢ଼ ସୁରକ୍ଷା ପ୍ରଦାନ କରିବାକୁ ନିଶ୍ଚିତ କରେ, ଯାହା ସେମାନଙ୍କୁ ଆତ୍ମବିଶ୍ୱାସର ସହିତ ବୃଦ୍ଧି, ଶିଖିବା ଏବଂ ନିୟୋଜିତ କରିବାକୁ ଅନୁମତି ଦେଇଥାଏ। ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଆଧୁନିକ ମିଶ୍ରଣ ଟୀକା ବ୍ୟବହାର କରିବାକୁ ସୁପାରିଶ କରେ। ଯାହା ଗୋଟିଏ ଡୋଜ୍ ସହିତ ଅନେକ ସଂକ୍ରମଣ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାଏ।

ବୁମବକ୍ସ ଓରିଜିନାଲ୍ସର ୨ୟ ଟ୍ରାକ 'ସଜନା ମେରା' ଉନ୍ମୋଚିତ

ଭୁବନେଶ୍ୱର, (ସବୁ୍ୟ): ୟୁନିଭର୍ସାଲ ମ୍ୟୁଜିକ ସହ ସହଭାଗିତାରେ ରୟାଲ ଷ୍ଟାଗର ଫ୍ଲାଗସିପ ମ୍ୟୁଜିକ ଆଇପି, ରୟାଲ ଷ୍ଟାଗ ବୁମବକ୍ସ ପକ୍ଷରୁ ଏହାର ୨ୟ ଟ୍ରାକ 'ସଜନା ମେରା'ର ଶୁଭାରମ୍ଭ କରାଯାଇଛି। ରୟାଲ ଷ୍ଟାଗ୍ ବୁମବକ୍ସ ଓରିଜିନାଲ୍ସ ଅଧିନରେ ଲଂଚ ହୋଇଥିବା ଚଳିତ ସିଜନର ଏହି ନୂଆ ଟ୍ରାକରେ ଗାୟିକା ନୀତି ମୋହନ, ପାଛର ଓ ରାଭାଟରଙ୍କ ଶକ୍ତିଶାଳୀ ସହଯୋଗିତା ଦେଖିବାକୁ ମିଳିବ। ଗତ ୩ ବର୍ଷ ମଧ୍ୟରେ ଦେଶର ଏକାଧିକ ୟୁଥ୍ ହବ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିବା ପରେ ରୟାଲ ଷ୍ଟାଗ ବୁମବକ୍ସ ବ୍ରାଣ୍ଡର ଲିଭିଙ୍ଗ୍ ଇଟ୍ ଲାର୍ଜ ଉତ୍ସାହକୁ ପାଳନ କରୁଥିବା ସାଉଣ୍ଡଟ୍ରାକ୍‌ଗୁଡିକ ସହ ବୁମବକ୍ସ ଓରିଜିନାଲ୍ସର ୨ୟ ସିଜନ ସହ ପ୍ରତ୍ୟାବର୍ତନ କରିଛି। 'ସାଏ'ର ସଫଳତା ପରେ ରୟାଲଷ୍ଟାଗ ବୁମବକ୍ସ ଓରିଜିନାଲ୍ସ ଏବେ ସଜନା ମେରା ଟ୍ରାକ୍ ସହିତ ଉତ୍ସାହ ବୃଦ୍ଧି କରିଛି। ଏହି ଟ୍ରାକ୍ ଆବେଗ ଓ ଭାବନା ମଧ୍ୟରେ ଏକ ଚମତ୍କାର ସଂଯୋଗକୁ କ୍ୟାପ୍‌ଚର କରିଛି ଯେଉଁଠାରେ ମେଲୋଡି, ଏକ ନୂଆ ମାଧ୍ୟମରେ ହିପ୍‌ହପ ସହ ଏକତ୍ରିତ ହୋଇଛି।

ଏହି ନୂତନ ଟ୍ରାକ ସମ୍ପର୍କରେ ଗାୟିକା ନୀତି ମୋହନ କହିଛନ୍ତି, "ସଜନା ମେରା ହେଉଛି ସମ୍ପୂର୍ଣ୍ଣ ଭାବନାତ୍ମକ ଯାହା ମନୋଭାବରେ ଆଚ୍ଛାଦିତ, ଏହା ଜୀବନ୍ତ, ହୃଦୟସ୍ପର୍ଶୀ ଓ ନିର୍ଭୀକ। ଏହି ଟ୍ରାକ୍‌ରେ ପାଛର ଓ ରାଭାଟରଙ୍କ ସହ ସହଭାଗିତା କରିବା ଏକ ସତେଜ ଓ ଉତ୍ସାହଜନକ ଅନୁଭୂତି ଥିଲା। ରୟାଲ ଷ୍ଟାଗ ବୁମ୍‌ବକ୍ସ ଆମକୁ ଆମର ଶୈଳୀକୁ ମିଶ୍ରଣ କରିବା ଏବଂ ସଙ୍ଗୀତ ମାଧ୍ୟମରେ ଏକ ଆଧୁନିକ ପ୍ରେମ କାହାଣୀ କହିବା ପାଇଁ ସ୍ୱାଧୀନତା ଦେଇଛି।" ନିଜର ମତାମତ ବ୍ୟକ୍ତ କରି ପାଛର କହିଛନ୍ତି, "ଏଥିରେ ଅତୁଳନୀୟ ଉତ୍ସାହ ରହିଛି ଯାହା ସୁମଧୁର ସ୍ୱରଗୁଡିକୁ ରାପ୍ ସହ ମିଶ୍ରଣରୁ ଆସିଛି ଏବଂ ନୀତି ଓ ରାଭାଟରଙ୍କ ସହ ସହଭାଗିତା ଏହି ଫ୍ୟୁଜନକୁ ଆଉ ଏକ ସ୍ତରକୁ ନେଇଥିଲା।" ସେହିପରି ରାଭାଟର କହିଛନ୍ତି, "ସଜନା ମେରା ସହ ଆମେ କେବଳ ଏକ ସଙ୍ଗୀତରୁ ଅଧିକ କିଛି, ଏକ ଅନୁଭୂତି ସୃଷ୍ଟି କରିବାକୁ ଚାହୁଁଥିଲୁ।"

ଏସମ୍ପର୍କରେ ପର୍‌ନର୍ଡ ରିକାର୍ଡ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଏବଂ ଗ୍ଲୋବାଲ ବିଜନେସ୍ ଡେଭଲପମେଂଟ ବିଭାଗର ମୁଖ୍ୟ କାର୍ତିକ ମହିନ୍ଦ୍ରା କହିଛନ୍ତି, "ରୟାଲ ଷ୍ଟାଗ ବୁମବକ୍ସ ଓରିଜିନାଲ୍ସ ସହିତ ଆମେ ଉତ୍ସାହଜନକ ନୂଆ ସାଉଣ୍ଡସ୍କେପ ସହ ଅନୁଭୂତିକୁ ଉନ୍ନତ କରିବା ଲାଗି ପ୍ରସ୍ତୁତ ରହିଛୁ ଯାହା ବଲିଉଡର ସଙ୍ଗୀତକୁ ହିପ୍‌ହପର ବିଟ୍ ସହ ମିଶ୍ରଣ କରୁଛି, ବ୍ରାଣ୍ଡର 'ଲିଭିଂ ଇଟ ଲାର୍ଜ' ଦର୍ଶନକୁ ବାସ୍ତବରେ ପ୍ରତିଫଳନ କରୁଛି।" ଏହି ସହଭାଗିତା ଉପରେ ୟୁଏମଜି ଫର୍ ବ୍ରାଣ୍ଡସର ଇଣ୍ଡିଆ ଓ ସାଉଥ ଏସିଆର ଏସଭିପି ଓ ବ୍ୟବସାୟ ମୁଖ୍ୟ ପ୍ରୀତି ନାୟର କହିଛନ୍ତି, "ରୟାଲଷ୍ଟାଗ ବୁମବକ୍ସ ଓରିଜିନାଲ୍ସ ସଙ୍ଗୀତର ବିଭିନ୍ନ ପୃଷ୍ଠଭୂମିରୁ ଅତୁଳନୀୟ ସ୍ୱରଗୁଡିକୁ ଏକାଠି କରିବା ଏବଂ ସେଗୁଡିକୁ ଏକ ଅବିସ୍ମରଣୀୟ ସହଭାଗିତାରେ ପରିଣତ କରିବା ଜାରି ରଖିଛି।

୫ ଦଫା ଦାବି ନେଇ ସହଯୋଗ ଓଡ଼ିଶା ଦେବ ଧାରଣା

ଫୁଲନଖରା ,(ସବୁ୍ୟ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ବହୁ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମହିଧରପଡା । କଟକ ଭୁବନେଶ୍ୱର ଦୈତନଗରୀ ୧୨ କିଲୋମିଟର ଦୂରତାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ । ଦୈନନ୍ଦିନ ୨ ବେଳା ଆଉଟ ଡୋର ସମୟରେ ୪୦୦-୫୦୦ ରୋଗୀ ଚିକିତ୍ସା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି । ଏତଦ୍ ସହିତ କଟକ ସଦର ବ୍ଲକର ଆମଣ ପଞ୍ଚାୟତ,ଖଣ୍ଡେଇତା ପଞ୍ଚାୟତ,ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ,କଣ୍ଟାପଡ଼ା ବ୍ଲକର ବାଗଲପୁର ପଞ୍ଚାୟତ ଓ ନାହାଳପୁର ପଞ୍ଚାୟତ ଅଞ୍ଚଳର ରୋଗୀମାନେ ସେବା ପାଇବା ପାଇଁ ଏହି ଚିକିତ୍ସାଳୟକୁ ଆସିଥାନ୍ତି ଓ ଫୁଲନଖରା ନିଆଳି ରାସ୍ତାର ଦୁର୍ଘଟଣାଗ୍ରସ୍ତ ରୋଗୀ ମଧ୍ୟ ଜରୁରୀକାଳୀନ ସେବା ପାଇଁ ଆସିଥାନ୍ତି । ବର୍ତ୍ତମାନ ଏଠାରେ ଦଶ ଜଣ ଡାକ୍ତର ପୋଷ୍ଟ ଖାଲିଅଛି ।ଡାକ୍ତରଙ୍କର ମଧ୍ୟ କ୍ୱାଟର ନାହିଁ । ଜନସାଧାରଣଙ୍କ ଦାବି କ୍ରମେ ଏଠାରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନିଯୁକ୍ତି ପାଇଥିଲେ । ଦୀର୍ଘ ଦୁଇବର୍ଷ ହେବ ଅନ୍ୟତ୍ର ଟ୍ରେନିଂ ଯାଇ ଆଉ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି ଅନ୍ୟତ୍ର ପୋଷ୍ଟିଙ୍ଗ ହୋଇଛନ୍ତି ଯାହା ଫଳରେ ଗ୍ରାମା ଞ୍ଚଳ ଡାକ୍ତରଖାନା ହୋଇଥିଲେ ମଧ୍ୟ ପ୍ରସୂତି ପାଇଁ ଆସୁଥିବା ଶହ ଶହ ମହିଳା କଟକ ବଡ଼ ମେଡିକାଲ ଓ ଘରୋଇ ନର୍ସିଂ ହୋମରେ ଅଯଥା ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ମାସକୁ ଥରେ ବ୍ଲକ ଅଞ୍ଚଳର ଡାକ୍ତର ଓ କର୍ମଚାରୀ ୧୦୦ରୁ ଉର୍ଦ୍ଧ୍ୱ ବସିବା ପାଇଁ ଏକ ସଭାଗୃହ ମଧ୍ୟ ନାହିଁ ।କର୍ମଚାରୀମାନଙ୍କ ପାଇଁ ଦୀର୍ଘବର୍ଷରୁ ତିଆରି ହୋଇଥିବା ଭଙ୍ଗା ଆଜବେଷ୍ଟସ ଘରେ ପରିବାର ଧରି ରହିବାକୁ ପଡୁଛି । ଏହି ୫ ଦଫା ଦାବି ପୂରଣ ପାଇଁ ପୂଜ୍ୟ ପୂଜ୍ୟା ପ୍ରତିଭା ସେବା,ସାଂସ୍କୃତିକ ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ପକ୍ଷରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ,କଟକ ଜିଲ୍ଲାପାଳ,ସେକ୍ରେଟାରି ସ୍ୱାସ୍ଥ୍ୟ ବିଭାଗ,ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟମନ୍ତ୍ରୀ,ତହସିଲଦାର,ବି.ଡି.ଓ ବାରଙ୍ଗ ଓ କଟକ ସଦର ଥାନା ଅଧିକାରୀଙ୍କୁ ଏହି ଦାବିପତ୍ର ଅଗଷ୍ଟ ୩୧ ମଧ୍ୟରେ ପୂରଣ ନହେଲେ ସହଯୋଗ ଓଡ଼ିଶା ଧାରଣା ଦେବ ବୋଲି ସଂଗଠନ ସଭାପତି ଶ୍ରୀ ଗଣେଶ ପ୍ରସାଦ ଦାଶ ଦାବି କରିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର କାହାଣୀକୁ ଜୀବନ୍ତ କରିଛି ରିଅଲ ହିରୋଜ

ଭୁବନେଶ୍ୱର, (ସବୁ୍ୟ):: ଭାରତର ସ୍ୱାଧୀନତା ସଂଗ୍ରାମୀ ଓ ସୈନ୍ୟ ବାହିନୀର ପୂର୍ବତନ ସୈନିକମାନଙ୍କର ବ୍ୟକ୍ତିଗତ ବୀରତ୍ୱ କାହାଣୀଗୁଡିକୁ ନେଇ ନୂଆ ସିରିଜ 'ରିଅଲ ହିରୋଜ'ର ଶୁଭାରମ୍ଭ କରାଯାଇଛି । ବରିଷ୍ଠଙ୍କ ପାଇଁ ଏକ ଲାଇଫଷ୍ଟାଇଲ ଆପ ଜେନ ଏସ୍ ଲାଇଫ ପକ୍ଷରୁ ସୋନି ଲିଭ ସହ ସହଭାଗିତାରେ ଏକ ୮ଟି ଅଂଶ ବିଶିଷ୍ଟ ଓରିଜିନାଲ ଡକ୍ୟୁସିରିଜ 'ରିଅଲ ହିରୋଜ'ର ଘୋଷଣା କରାଯାଇଛି। ଅନିର୍ବାନ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ଏହି ସିରିଜ ଏବେ ସ୍ୱତନ୍ତ୍ର ଭାବେ ସୋନି ଲିଭ୍‌ର ୟୁଟ୍ୟୁବ ଚ୍ୟାନେଲରେ ପ୍ରସାରିତ ହେଉଛି । ଏହି ସିରିଜରେ ମହାତ୍ମା ଗାନ୍ଧୀଙ୍କ ସହ କାର୍ଯ୍ୟ କରିଥିବା ଓ ତାଙ୍କ ମାର୍ଗଦର୍ଶନ ପାଇଥିବା, ଓଡିଶାର ଗୌରୀ ଦାସଙ୍କ କାହାଣୀ ରହିଛି, ଯିଏ ଦେଶ ସ୍ୱାଧୀନ ପରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ନିଜର ପରିଚୟ ପ୍ରମାଣିତ କରିବା ପାଇଁ ଅନେକ ଦଶନ୍ଧି ହେବ ପ୍ରୟାସ କରିଥିଲେ । ସେ କହିଛନ୍ତି, ମୁଁ ୧୯୪୭ ପୂର୍ବରୁ ଭାରତକୁ ମୁକ୍ତ କରିବା ପାଇଁ ଲଢେଇ କରିଥିଲି ଏବଂ ପରେ ଅମଲାତନ୍ତ୍ର ସହ ଲଢିଥିଲି । ମୁଁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ସ୍ୱୀକୃତି ପାଇବାକୁ ଚାହୁଁଥିଲି ।" ସେହିଭଳି ମୁମ୍ବାଇରୁ ଜଣେ ନୌସେନା ପାଇଲଟ କୋମୋଡୋରେ ମେଡିଓମା ଭାଦା, ଯିଏ ୧୯୭୧ରେ ଚିଟାଗୋଙ୍ଗ ଉପରେ ବୋମା ପକାଇବା ପାଇଁ ଏକ ଅପରେଶନରେ ଅଂଶଗ୍ରହଣ କରିଥିଲେ, ସେ ଆଇଏନଏସ ବିକ୍ରାନ୍ତରୁ ନିଜର ସି ହକ୍ ଏୟାରକ୍ରାଫ୍ଟର ଟେକ୍ ଅଫ୍ କରିବା ଓ ଟାର୍ଗେଟ ଆଡକୁ ଅଗ୍ରସର ହେବା ସମ୍ପର୍କରେ ସ୍ପଷ୍ଟ ଭାବେ ମନେ ପକାଇଛନ୍ତି ।

ସିରିଜର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଜେନ ଏସ୍ ଲାଇଫର ପ୍ରତିଷ୍ଠାତା ମୀନାକ୍ଷୀ ମେନନ କହିଛନ୍ତି, "ଏହି ପଦକ୍ଷେପ ଭାରତର ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କରିବା ଓ ସେମାନଙ୍କୁ ଉତ୍ସାହିତ କରିବାର ଜେନ୍ ଏସ୍ ଲାଇଫର ମୂଳ ଲକ୍ଷ୍ୟ ସହ ସମନ୍ୱିତ । ଏଭଳି କାହାଣୀଗୁଡିକ ଏକ ଶକ୍ତିଶାଳୀ ରିମାଇଣ୍ଡର ଯେ, ଇତିହାସ ଲୋକଙ୍କ ମଧ୍ୟରେ ଜୀବିତ ରହିଥାଏ ।

ଭିନ୍ନକ୍ଷମ ବିଦ୍ୟାର୍ଥିଙ୍କୁ ସହାୟକ ଉପକରଣ ବିତରଣ

ନିମାପଡା,(ସବୁ୍ୟ) :ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ନିମାପଡା ମ

ଶୁଳ୍କ ହାର କମିବ ନାହିଁ : ଆମେରିକା

ୱାସିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସପ୍ତାହରେ ଅନେକ ଦେଶ ଉପରେ ଶୁଳ୍କ ଘୋଷଣା କରିଛନ୍ତି। ଟ୍ରମ୍ପ କାନାଡା, ବ୍ରାଜିଲ, ଭାରତ, ତାଇୱାନ ଏବଂ ସ୍ୱିଜରଲ୍ୟାଣ୍ଡ ପାଇଁ ନୂତନ ଶୁଳ୍କ ହାର ଲାଗୁ କରିଛନ୍ତି। ଏହାକୁ ନେଇ ଭାରତ ସମେତ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି । ଏହା ସତ୍ତ୍ୱେ ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର ରବିବାର ସ୍ପଷ୍ଟ କରିଛନ୍ତି ଯେ ଦେଶଗୁଡ଼ିକ ଉପରେ ଲାଗୁ ହୋଇଥିବା ଶୁଳ୍କରେ କୌଣସି ପରିବର୍ତ୍ତନ ହେବ ନାହିଁ।

ଆମେରିକୀୟ ନ୍ୟୁଜ୍ ଚ୍ୟାନେଲ ସିବିଏସର ଏକ ରିପୋର୍ଟ ଅନୁଯାୟୀ, ଜେମିସନ ଗ୍ରୀୟର କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି ଉପରେ ଅନେକ ଦେଶ ସହିତ ଆଲୋଚନା ଚାଲିଥିବା ସତ୍ତ୍ୱେ , ସ୍ଥିର ହୋଇଥିବା ଶୁଳ୍କ ସମାନ ରହିବଛ ଟ୍ରମ୍ପ କାନାଡାରୁ ଆସୁଥିବା ଅନେକ ସାମଗ୍ରୀ ଉପରେ ୩୫ ପ୍ରତିଶତ, ବ୍ରାଜିଲ ପାଇଁ ୫୦ ପ୍ରତିଶତ, ଭାରତ ପାଇଁ ୨୫ ପ୍ରତିଶତ, ତାଇୱାନ ପାଇଁ ୨୦ ପ୍ରତିଶତ ଏବଂ ସ୍ୱିଜରଲ୍ୟାଣ୍ଡ ପାଇଁ ୩୯ ପ୍ରତିଶତ

ଶୁଳ୍କ ଲାଗୁ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ସମ୍ପ୍ରତି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି ଏବଂ ଭାରତୀୟ ଅର୍ଥନୀତିକୁ ଏକ ମୃତ ଅର୍ଥନୀତି ବୋଲି ମଧ୍ୟ କହିଛନ୍ତି। ଭାରତ ଅନୁଯାୟୀ, ଟ୍ରେଲ୍ ଡିଲ୍ ସମ୍ପର୍କରେ ଆଲୋଚନା ଏବେ ବି ଚାଲିଛି ଏବଂ ଏହି ମାସରେ ଏକ ଆମେରିକୀୟ ପ୍ରତିନିଧି ଦଳ ଭାରତ ଗସ୍ତ କରିପାରନ୍ତି। ତେବେ କୃଷି, ଡାଇରି ଭଳି କ୍ଷେତ୍ରକୁ ଆମେରିକା ପାଇଁ ଖୋଲାଯିବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି ।

ବିମାନବନ୍ଦରରେ ସେନା ଅଧିକାରୀଙ୍କ ତାଣ୍ଡବ

ଶ୍ରୀନଗର: ଜଣେ ବରିଷ୍ଠ ସେନା ଅଧିକାରୀଙ୍କ ବିରୋଧରେ ସ୍କାଇସଜେଟ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେନା ଅଧିକାରୀଙ୍କ ଆକ୍ରମଣରେ ଦୁଇ ଜଣ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ଏୟାରଲାଇନ୍ସ ପକ୍ଷରୁ ସେନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଭଳି ଘଟଣା ଘଟିଛି ଶ୍ରୀନଗର ଏୟାରପୋର୍ଟରେ ସ୍କାଇସଜେଟ୍ ତାର ବିବୃତିରେ କହିଛି ଯେ ଏହି ଘଟଣା ୨୬ ଜୁଲାଇ, ୨୦୨୫ ରେ ଘଟିଥିଲା । ଶ୍ରୀନଗରରୁ ଦିଲ୍ଲୀ ଯାଉଥିବା ବିମାନ ନମ୍ବର SG-୩୮୬ ର ବୋର୍ଡିଂ ଗେଟରେ ଜଣେ ଯାତ୍ରୀ ସ୍କାଇସଜେଟର ଚାରି ଜଣ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିବା ଆରମ୍ଭ କରିଥିଲେ ଏବଂ ପରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଯାତ୍ରୀ ଜଣକ ଜଣେ ବରିଷ୍ଠ ସେନା ଅଧିକାରୀ ବୋଲି କୁହାଯାଉଛି । ତାଙ୍କ ଉପରେ କର୍ମଚାରୀମାନଙ୍କୁ ମାଡ଼ ମାରିବା ଏବଂ ବାରମ୍ବାର ଗୋଇଠା ମାରିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହେଁ, ଜଣେ କର୍ମଚାରୀଙ୍କ ମେରୁଦଣ୍ଡ ଭାଙ୍ଗିବା ଏବଂ ଗମ୍ଭୀର ଆଘାତ ଲାଗିଛି । କର୍ମଚାରୀ ଜଣକ ତଳେ ଅଚେତ ହୋଇ ପଡ଼ିବା ପରେ ମଧ୍ୟ ସେ

ତାଙ୍କୁ ଗୋଇଠା ମାରିବା ଜାରି ରଖିଥିଲେ ।

ଯେତେବେଳେ ଅନ୍ୟ ଜଣେ କର୍ମଚାରୀ ଅଚେତ କର୍ମଚାରୀଙ୍କୁ ସାହାଯ୍ୟ କରିବାକୁ ଆସି ତାଙ୍କୁ ଉଠାଇବା ପାଇଁ ତଳକୁ ନଇଁ ପଡ଼ିଲେ, ସେତେବେଳେ ସେ ମଧ୍ୟ ଯାତ୍ରୀଙ୍କ ଗୋଇଠା ମାଡରେ ଆଘାତ ହୋଇଥିଲେ । ତାଙ୍କ ନାକ ଏବଂ ମୁହଁରୁ ରକ୍ତ ବହିବାକୁ ଲାଗିଲା । ଏହା ପରେ, ଆହତ କର୍ମଚାରୀମାନଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି ।

'ତେଲ ବଲୁଚିସ୍ତାନର : ଟ୍ରମ୍ପଙ୍କୁ ଚିଠି ଲେଖିଲେ ବଲୁଚ୍ ନେତା

ନୂଆଦିଲ୍ଲୀ: ଆମେରିକା ତେଲ ସମ୍ପର୍କରେ ପାକିସ୍ତାନ ସହିତ ଏକ ଚୁକ୍ତି କରିଛି। ପାକ୍ କହିଛି ଯେ ବଲୁଚିସ୍ତାନରେ ତେଲ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥର ଭଣ୍ଡାର ଅଛି । ଏହି ସମୟରେ, ବଲୁଚ୍ ନେତା ମୀର ୟାର ବାଲୁଚ୍ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ବେଲୁଚିସ୍ତାନ ବିକ୍ରୟ ପାଇଁ ନୁହେଁ । ଅସୀମ ମୁନିର ତାଙ୍କୁ ଭଣ୍ଡାଇଛନ୍ତି ।

ମୀର ୟାର ବାଲୁଚ୍ କହିଛନ୍ତି ଯେ ଆପଣ (ଟ୍ରମ୍ପ) ଏହି ଅଞ୍ଚଳର ବିଶାଳ ତୈଳ ଏବଂ ଖଣିଜ ଭଣ୍ଡାର ବିଷୟରେ ସମ୍ପୂର୍ଣ୍ଣ ଭାବରେ ଭ୍ରମିତ ହୋଇଛନ୍ତି। ଜେନେରାଲ ଅସୀମ ମୁନିର ଆପଣଙ୍କୁ ଭୌଗୋଳିକ ବିଷୟରେ ଭୁଲ ସୂଚନା ଦେଇଛନ୍ତି। ସେ ଆହୁରି ଲେଖିଛନ୍ତି ଯେ ଏହି ଅଞ୍ଚଳ ପାକିସ୍ତାନର ପଞ୍ଜାବ ପ୍ରଦେଶର ଅଂଶ ନୁହେଁ, ବରଂ ବଲୁଚିସ୍ତାନ ଗଣରାଜ୍ୟର ଏକ ଅଂଶ ଯାହା ଐତିହାସିକ ଭାବରେ ଏକ ସାର୍ବଭୌମ ରାଷ୍ଟ୍ର ରହିଆସିଛି। ତାଙ୍କର ମୁଖ୍ୟ ଯୁକ୍ତି ଥିଲା ଯେ ଏହି ଅଞ୍ଚଳ ବିକ୍ରୟ ପାଇଁ ନୁହେଁ ଏବଂ ଏଠାରେ ସମ୍ପଦର ଶୋଷଣ ପାକିସ୍ତାନ, ଚୀନ୍ କିମ୍ବା ଅନ୍ୟ କୌଣସି ଦେଶ ପାଇଁ ଗ୍ରହଣୀୟ ହେବ ନାହିଁ।

ତେବେ ସମ୍ପ୍ରତି, ଟ୍ରମ୍ପ ପାକିସ୍ତାନ ସହିତ ଏକ ତୈଳ ଚୁକ୍ତି ଘୋଷଣା କରିଛନ୍ତି। ସେ କହିଥିଲେ ଯେ ହୁଏତ ଭବିଷ୍ୟତରେ ଭାରତ ମଧ୍ୟ ପାକିସ୍ତାନରୁ ତେଲ କିଣିବ। ଆମେରିକାର ଏହି ଚୁକ୍ତି ଭାରତ ଉପରେ ଚାପ ପକାଇବା ପାଇଁ ଏକ ରଣନୀତି ହୋଇପାରେ। ତଥାପି, ବଲୁଚ୍ ନେତାମାନେ ଖୋଲାଖୋଲି ଭାବରେ ଏହି ଚୁକ୍ତି ବିରୁଦ୍ଧରେ ବାହାରି ଆସିଛନ୍ତି। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ଲ୍ଲଉଲ) ଏହି ଅଞ୍ଚଳରେ ପୂର୍ବରୁ ଏକ ପ୍ରମୁଖ ପ୍ରଭାବ ପକାଇଛି, ଯାହା ଯୋଗୁଁ ସ୍ଥାନୀୟ ବଲୁଚ୍ ସମ୍ପ୍ରଦାୟ ସରକାରଙ୍କ ପ୍ରତି ଅବିଶ୍ୱାସୀ ହୋଇଯାଇଛନ୍ତି ଏବଂ ଏହାକୁ ନେଇ ଅସନ୍ତୋଷ ଜାରି ରହିଛି ।

ବଲୁଚ୍ ଲୋକମାନେ ଦୀର୍ଘ ଦିନ ଧରି ପାକିସ୍ତାନୀ ଦଖଲ ଏବଂ ଚୀନ୍ ଅର୍ଥନୈତିକ ଅନୁପ୍ରବେଶ ବିରୁଦ୍ଧରେ ଲଢ଼େଇ କରିଆସୁଛନ୍ତି। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ପ୍ରକଳ୍ପକୁ ନେଇ ପ୍ରତିବାଦ, ପ୍ରଦର୍ଶନ ଏବଂ ସଶସ୍ତ୍ର ସଂଘର୍ଷ ଏହି ଅଞ୍ଚଳରେ ସାଧାରଣ ହୋଇଗଲାଣି ଛ ମୀର ୟାର ବାଲୁଚ୍ କହିଛନ୍ତି ଯେ ଆମର ସମ୍ବଳ ଉପରେ ବଲୁଚମାନଙ୍କର ଅଧିକାର ଅଛି । ଏଗୁଡ଼ିକୁ ପଞ୍ଜାବ କିମ୍ବା ଇସଲାମାବାଦର କାର୍ଯ୍ୟାଳୟର ଇଚ୍ଛାରେ ବିକ୍ରି କରାଯାଇପାରିବ ନାହିଁ ଛ ଯାହା ଏବେ ଆମେରିକା-ପାକିସ୍ତାନ ଚୁକ୍ତି ମଧ୍ୟରେ ଏକ ବଡ ବାଧା ସୃଷ୍ଟି କରିପାରେ ।

ଅଗଷ୍ଟ ୫ରେ ହୋଇପାରେ ବଡ ଘୋଷଣା

ନୂଆଦିଲ୍ଲୀ : ଅଗଷ୍ଟ ୫ ମୋଦୀ ସରକାରଙ୍କ ପାଇଁ ବେଶ ଗୁରୁବପୂର୍ଣ୍ଣ ମନେହୁଏ । କାରଣ ୨୦୧୯ ଅଗଷ୍ଟ ୫ ତାରିଖରେ ମୋଦୀ ସରକାର ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର ଘୋଷଣା କରିଥିଲେ । ସେହିପରି ୫ ଅଗଷ୍ଟ ୨୦୨୦ରେ ରାମ ମନ୍ଦିରର ଭୂମିପୂଜା ହୋଇଥିଲା । ସେହିପରି ଚଳିତ ବର୍ଷ ମଧ୍ୟ ଅଗଷ୍ଟ ୫ରେ କୌଣସି ବଡ଼ ଘୋଷଣା କରିବାକୁ ମୋଦୀ ସରକାର ପ୍ରସ୍ତୁତ ହେଉଛନ୍ତି କି ?

ଆଜି (ରବିବାର ଅଗଷ୍ଟ ୩) ସକାଳେ ଦିଲ୍ଲୀର ପାଓ୍ୱାର କରିଡରରେ କିଛି ଏପରି ଘଟିଥିଲା, ଯାହାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେଛ ଏହାର କିଛି ଘଣ୍ଟା ପରେ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ରାଷ୍ଟ୍ରପତି ଭବନରେ ପହଞ୍ଚି ରାଷ୍ଟ୍ରପତିଙ୍କୁ ଭେଟିଥିଲେ । ଏହାପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଥିଲା ଯେ କ୍ଷମତାର ଦୁଇ ସବୁଠାରୁ ଶକ୍ତିଶାଳୀ ଚେହେରା ରାଷ୍ଟ୍ରପତିଙ୍କୁ ପୃଥକ ଭାବରେ ଭେଟିବାର କାରଣ କ'ଣ? ସୋସିଆଲ ମିଡିଆରେ ଅଗଷ୍ଟ ୫ ବିଷୟରେ ବହୁତ ଆଲୋଚନା ହେଉଛି। ଏପରି ବୈଠକ ସାଧାରଣ ନୁହେଁ। ସାଧାରଣତଃ ଯେତେବେଳେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଭେଟିଥାନ୍ତି, ତାହା ଏକ ଆନୁଷ୍ଠାନିକ ବୈଠକ ହୋଇଥାଏ କିମ୍ବା ସେମାନେ ଏକ ବିଶେଷ ଅବସରରେ ଏକାଠି ହୁଅନ୍ତି। କିନ୍ତୁ ଗୋଟିଏ ଦିନରେ କିଛି ଘଣ୍ଟାର ଅନ୍ତର ସହିତ ଏହି ଦୁଇ ନେତାଙ୍କ ସାକ୍ଷାତକୁ ଅତ୍ୟନ୍ତ ଅସାଧାରଣ ବୋଲି ବିବେଚନା କରାଯାଏ। ଯେଉଁମାନେ ରାଜନୀତି ଉପରେ ନଜର ରଖନ୍ତି ସେମାନେ ବିଶ୍ୱାସ କରୁଛନ୍ତି ଯେ ସରକାର ଏକ ବଡ଼ ନିଷ୍ପତ୍ତି ନେବା ବିଷୟରେ ବିଚାର କରୁଛନ୍ତି। ଏହା ମଧ୍ୟ ସମ୍ଭବ ଯେ ଗୃହରେ ଏକ ବଡ଼ ବିଲ୍ ଆସିପାରେଛ ତେବେ ସରକାରଙ୍କ ପକ୍ଷରୁ ଏ ବିଷୟରେ କୌଣସି ବିବୃତି ଦିଆଯାଇ ନାହିଁ ।

ଦୁଇଟି ଭୋଟର ପରିଚୟପତ୍ର ଥିଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ : ଭାରତରେ ଭୋଟର ପରିଚୟ ପତ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ। ଯଦି ଆପଣଙ୍କୁ ୧୮ ବର୍ଷ ବୟସ ତେବେ ଆପଣ ଏହି ଡକ୍ୟୁମେଣ୍ଟ ପାଇଁ ଆବେଦନ କରିପାରିବେ। ଏହା ବିନା ଆପଣଙ୍କୁ ଭୋଟ ଦେବାର ଅଧିକାର ମିଳିବ ନାହିଁଛ ଏହା ଛଡା ଏହି ଆଇଡି କାର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ପ୍ରମାଣ ପତ୍ର ମଧ୍ୟଛ ତେବେ ଏହାକୁ ନେଇ କିଛି ନିୟମ ମଧ୍ୟ ରହିଛି। ଏହି ନିୟମ ଅନୁସାରେ ଭାରତରେ ପ୍ରତ୍ୟେକ ମତଦାତାଙ୍କ ଗୋଟିଏ ଭୋଟର ଆଇଡି କାର୍ଡ ହୋଇ ପାରିବ।

ଯଦି କାହା ପାଖରେ ୨ଟି ଭୋଟର ପରିଚୟ ପତ୍ର ଥାଏ କି କେହି ଯଦି ଭାବେ ଏପରି ଆଉ ଗୋଟିଏ କରିଦେବି ତେବେ ଏହା ଆଇନତଃ ଧର୍ତ୍ତବ୍ୟ ଅପରାଧ। ଅନେକ ଲୋକ ଭାବନ୍ତି ଅଲଗା ଅଲଗା ଠିକଣା ଅଥବା ରାଜ୍ୟରେ ଭୋଟର ପରିଚୟପତ୍ର ରହିବା ବଡ଼ କଥା ନୁହେଁ। ତେବେ ଏପରି କଲେ ଏହାର ପରିଣାମ ଗୁରୁତର ହୋଇପାରେ। ଭାରତର ନିର୍ବାଚନ ଆୟୋଗଙ୍କ ନିୟମ ଅନୁସାରେ ଜଣେ ନାଗରିକର ଗୋଟିଏ ନିର୍ବାଚନମଣ୍ଡଳିରେ ଭୋଟର ଲିଷ୍ଟରେ ନାମ ଥିବା ଆବଶ୍ୟକ।

ତେବେ ଦୁଇଟି ଜାଗାରେ ନାମ ଥିଲେ ଅଥବା ଦୁଇଟି ଭୋଟର ପରିଚୟପତ୍ର ଥିଲେ ଏହାକୁ ଠକେଇ ମନେ କରାଯିବ। ଏହା ଦେଶର ନିର୍ବାଚନ ପ୍ରକ୍ରିୟାର ପାରଦର୍ଶିତା ଓ ନିରପେକ୍ଷତା ଉପରେ ପ୍ରଭାବ ପକାଇପାରେ। ଏପରି କରିବା ଦ୍ୱାରା ବିଏନଏସର ଧାରା ୧୮୨ ଓ ରିପ୍ରେଜେଣ୍ଟେସନ ଅଫ ପ୍ୟୁପିଲ ଆକ୍ଟ ର ଧାରା ୧୭ ଓ ୩୧ ଅନୁସାରେ ଜେଲ ଦଣ୍ଡ ମଧ୍ୟ ହୋଇପାରେ। ଏପରି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ ଅଥବା ଜରିମନା କିମ୍ବା ଉଭୟ ଦଣ୍ଡ ହୋଇପାରେ।

ଦେଖାଯାଇଛି ଲୋକେ ଅଲଗା ଅଲଗା ସହରରେ ରହିବା କାଳରେ ଅଲଗା ଅଲଗା ଭୋଟର ପରିଚୟ ପତ୍ର କରନ୍ତି। ହେଲେ ଏଥି ପାଇଁ ସେମାନେ ପୁରୁଣା ପରିଚୟ ପତ୍ରକୁ କ୍ୟାନସଲ କରିନଥାନ୍ତି। ପରେ ସେମାନଙ୍କର ଏହି ଭୁଲ ସେମାନଙ୍କ ପାଇଁ ଦଣ୍ଡର କାରଣ ହୋଇପାରେ। ଯଦି ଆପଣ ଭୁଲରେ ଅଥବା ଅଜାଣତରେ ଦୁଇ ଭୋଟର ପରିଚୟପତ୍ର ହାସଲ କରିଛନ୍ତି ତେବେ ଡରିବାର କୌଣସି କାରଣ ନାହିଁ। ଆପଣ ଫର୍ମ ୭ ପୁରଣ କରି ପୁରୁଣା ଭୋଟର ପରିଚୟ ପତ୍ରକୁ କ୍ୟାନସଲ କରିପାରିବେ।

ତେବେ ଫର୍ମ ୭ ପୂରଣ କରିବା ବେଳେ ଆପଣଙ୍କୁ ଜଣାଇବାକୁ ପଡିବ ଦୁଇଟିରୁ ଆପଣ କେଉଁଟିକୁ କ୍ୟାନସଲ କରିବେ। ଏହା ସହିତ ଆବଶ୍ୟକ ଜରୁରି କାଗଜପତ୍ର ମଧ୍ୟ ସଲଗ୍ନ କରିବାକୁ ପଡିବ। ଥରେ ଏହି ପ୍ରକ୍ରିୟା ପୁରା ହୋଇ ଗଲେ ରେକର୍ଡ ଅପଡେଟ୍ ହୋଇଯିବ ଓ ଆପଣଙ୍କ ପାଖରେ କେବଳ ଗୋଟିଏ ବୈଧ ଭୋଟର ପରିଚୟପତ୍ର ରହିବ'

କାହିଁକି ସ୍ଥଗିତ ରହିଲା ଅମରନାଥ ଯାତ୍ରା?

ଶ୍ରୀନଗର: ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍ଥଗିତ ରହିଲା ଅମରନାଥ ଯାତ୍ରା । ପ୍ରଶାସନ ବାର୍ଷିକ ଅମରନାଥ ଯାତ୍ରାକୁ ଏହାର ନିର୍ଦ୍ଧାରିତ ସମୟର ଗୋଟିଏ ସପ୍ତାହ ପୂର୍ବରୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ମାର୍ଗଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ଏନେଇ ଅଧିକାରୀମାନେ ଏହି ସୂଚନା ଶନିବାର ଦେଇଛନ୍ତି ।

ଚଳିତ ବର୍ଷ ଜୁଲାଇ ୩ରେ ଆରମ୍ଭ ହୋଇଥିବା ଅମରନାଥ ଯାତ୍ରା ୯ ଅଗଷ୍ଟରେ ରକ୍ଷା ବନ୍ଧନ ଦିନ ଶେଷ ହେବାର ଥିଲା । ତଥାପି, ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଗୁରୁତ୍ୱପୂର୍ଣ୍ଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଦର୍ଶାଇ ଏହାର ଅବଧିକୁ ଏକ ସପ୍ତାହ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ । ସମ୍ପ୍ରତି ପ୍ରବଳ ବର୍ଷା ଏବଂ ଶ୍ରୀ ଅମରନାଥଜୀ ଯାତ୍ରା ରୁଟର ବାଲତାଲ ଏବଂ ପହଲଗାମ ଶେଷ ଭାଗରେ ରୁଟର ରକ୍ଷଣାବେକ୍ଷଣର ଆବଶ୍ୟକତା ଯୋଗୁଁ, ଉଭୟ ରୁଟରେ ଯାତ୍ରାକୁ ସ୍ଥଗିତ ରଖାଯାଇଛି, ଏନେଇ କଶ୍ମୀର ଡିଭିଜନାଲ କମିଶନର ବିଜୟ କୁମାର ବିଧୁଡୀ ଏଠାରେ କହିଛନ୍ତି ।

ଏହା ଦେଖାଯାଇଛି ଯେ ରୁଟରେ ଶ୍ରମିକ ଏବଂ ଯନ୍ତ୍ରପାତି ନିୟୋଜନ ଯୋଗୁଁ, ଆମେ ଆସନ୍ତାକାଲିଠାରୁ ଯାତ୍ରା ପୁନଃ ଆରମ୍ଭ କରିପାରିବୁ ନାହିଁ । ତେଣୁ, ଅଗଷ୍ଟ ୩ରୁ ଉଭୟ ରୁଟରୁ ଯାତ୍ରା ସ୍ଥଗିତ ରହିବ, ସେ କହିଛନ୍ତି । ବିଧୁରୀ କହିଛନ୍ତି ଯେ ଏହି ବର୍ଷ ୪୧୦,୦୦୦ରୁ ଅଧିକ ତୀର୍ଥଯାତ୍ରୀ ପବିତ୍ର ଗୁମ୍ଫା ମନ୍ଦିର ପରିଦର୍ଶନ କରିଛନ୍ତି ଛ ତୁଳନାରେ, ଗତ ବର୍ଷ ୫୧୦,୦୦୦ ରୁ ଅଧିକ ତୀର୍ଥଯାତ୍ରୀ ଦର୍ଶନ କରିଥିଲେ ।

ଆଇଆଇଟିରେ ବଢୁଛି ଛାତ୍ର ଆତ୍ମହତ୍ୟା

ମୁମ୍ବାଇ: ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଶୁକ୍ରବାର ଏବଂ ଶନିବାର ମଧ୍ୟରାତ୍ରିରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ଜଣକ ଆଇଆଇଟି ବମ୍ବେରେ ପାଠପଢୁଥିଲେ ଏବଂ ସେ ହଷ୍ଟେଲର ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଜଣକ ମେଟା ସାଇନ୍ସର ଚତୁର୍ଥ ବର୍ଷରେ ପଢୁଥିଲେ, ତାଙ୍କର ବୟସ ୨୬ ବର୍ଷ। ଘଟଣାଟି ରାତି ପ୍ରାୟ ୨.୩୦ ସମୟରେ ଘଟିଥିବା ଜଣାପଡ଼ିଛି। ପୋଓ୍ୱାଇ ପୋଲିସର ସୂଚନା ଅନୁଯାୟୀ, ଛାତ୍ର ଜଣକ ହଷ୍ଟେଲର ଛାତରୁ ଡେଇଁ ପଡ଼ିଥିଲେ। ଘଟଣା ପରେ ତୁରନ୍ତ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଛାତ୍ର ଜଣକ ରୋହିତ ସିହ୍ନା ବୋଲି ଚିହ୍ନଟ କରାଯାଇଛି, ଯିଏ ଦିଲ୍ଲୀର ବାସିନ୍ଦା ଥିଲେ। ପୋଲିସ ଅଧିକାରୀ କହିଛନ୍ତି ଯେ ଯେତେବେଳେ ଏହି ଘଟଣା ଘଟିଥିଲା, ସେହି ସମୟରେ ହଷ୍ଟେଲରେ ରହୁଥିବା ଅନ୍ୟ ଜଣେ ଛାତ୍ର

ଛାତ ଉପରେ ମୋବାଇଲରେ କଥା ହେଉଥିଲେ ଏବଂ ସେହି ସମୟରେ ରୋହିତ ଡେଇଁ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୋଓ୍ୱାଇ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି।

ପୋଲିସ ଛାତ୍ରଙ୍କଠାରୁ କୌଣସି ଆତ୍ମହତ୍ୟା ନୋଟ ପାଇନାହିଁ। ଏପରି ପରିସ୍ଥିତିରେ ପୋଲିସ ଆତ୍ମହତ୍ୟାର କାରଣ ଖୋଜିବାକୁ ଚେଷ୍ଟା କରୁଛି। ମୃତ ଛାତ୍ରଙ୍କ ମୋବାଇଲ୍ ଫୋନ୍ ଖୋଜାଯାଉଛି। ସୋସିଆଲ ମିଡିଆରେ ମଧ୍ୟ ତାଙ୍କ ବିଷୟରେ ତଦନ୍ତ କରି ଆତ୍ମହତ୍ୟାର କାରଣ ଜାଣିବାକୁ ଚେଷ୍ଟା କରାଯାଉଛି। ପୋଲିସ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଇଛି। ମୃତ ଛାତ୍ରଙ୍କ ପରିବାର ଏବଂ ବନ୍ଧୁମାନଙ୍କ ସହିତ ମଧ୍ୟ କଥାବାର୍ତ୍ତା କରାଯାଉଛି, ଯାହାଦ୍ୱାରା ଆତ୍ମହତ୍ୟାର କାରଣ ଜାଣିହେବ।

ଉଲ୍ଲେଖ ଥାଉ କି ଜାନୁଆରୀ ୨୦୨୪ରୁ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ, ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନରେ ପଢୁଥିବା ୧୩ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସର୍ବାଧିକ ଚାରୋଟି ଆତ୍ମହତ୍ୟା ଆଇଆଇଟି ଖଡଗପୁରରେ ଘଟିଥିଲା। ଏହା ପରେ, ଏକ ୧୦ ଜଣିଆ କମିଟି ଗଠନ କରାଯାଇଥିଲା, ଯାହା ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ନିବାରଣ ଉପରେ ଧ୍ୟାନ ଦେଇଥିଲାଛତଥ୍ୟ ଅନୁଯାୟୀ, ୨୦୦୫ ରୁ ୨୦୨୪ ପର୍ଯ୍ୟନ୍ତ ଆଇଆଇଟିରେ ମୋଟ ୧୧୫ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା, ଯାହା ମଧ୍ୟରୁ ୨୦୧୯-୨୦୨୪ ମଧ୍ୟରେ ୩୭ଟି ମାମଲା ଘଟିଥିଲା।

ଲାଞ୍ଚୁଆ କଷ୍ଟମ୍ସ ଅଧିକାରୀଙ୍କୁ ବାନ୍ଧିଲା ସିବିଆଇ

ମୁମ୍ବାଇ : ମୁମ୍ବାଇର ଏୟାର କାର୍ବୋ କମ୍ପେକ୍ସର ଜଣେ କଷ୍ଟମ୍ସ ଅଧିକାରୀଙ୍କୁ କନ୍‌ସାଇନମେଣ୍ଟ କ୍ଲିୟରାନ୍ସ ପାଇଁ କଷ୍ଟମ୍ସ ହାଉସ୍ ଏଜେଣ୍ଟ ଫାର୍ମରୁ ୧୦ ଲକ୍ଷ ୨୦ ହଜାର ଟଙ୍କା ଲାଞ୍ଚ ନେଇଥିବା ବେଳେ ସିବିଆଇ

ଚୌକା ଛକାରେ ଭାରତର ରେକର୍ଡ

ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ଏକାଧିକ ରେକର୍ଡ ହୋଇଛି। ୫ ମ୍ୟାଚ ବିଶିଷ୍ଟ ଏହି ଶୃଙ୍ଖଳାରେ ଭାରତ ୪୭୦ ବାଇଣ୍ଡାରୀ ମାରି ଇତିହାସ ସୃଷ୍ଟି କରିଛି। ଏହା ପୂର୍ବରୁ ୧୯୬୪ରେ ଭାରତ ୩୮୪ ବାଉଣ୍ଡାରୀ ମାରିଥିଲା। ଚଳିତ ଶୃଙ୍ଖଳାରେ ଭାରତ ପକ୍ଷରୁ ୪୨୨ ଟି ଚୌକା ଓ ୪୮ ଟି ଛକା ହୋଇଛି। ୬୦ ବର୍ଷ ପରେ ଏହି ରେକର୍ଡ ଭାଙ୍ଗିଛି। ସେହିଭଳି ପ୍ରଥମ ଥର ପାଇଁ ଭାରତୀୟ ବ୍ୟାଟର ୨୮ ଥର ୫୦ ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ତେନ୍ଦୁଲକର – ଆଣ୍ଡରସନ୍ ଟ୍ରଫିରେ ଭାରତ ମୋଟ ୩୮୦୯ ରନ୍ ସଂଗ୍ରହ କରିଛନ୍ତି। ଟେଷ୍ଟ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ରନ୍। ୧୯୮୯ରେ ଅଷ୍ଟ୍ରେଲିଆ ଆସେସ୍ ଶୃଙ୍ଖଳାରେ ୩୮୭୭ ରନ୍ କରି ଶୀର୍ଷରେ ରହିଛି।

୧୪୮ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ

ଓଭାଲ, ୩।୮ (ଏଜେନ୍ସି)ବ୍ଧ : ଭାରତ – ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାରେ ବ୍ୟାଟରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଏପର୍ଯ୍ୟାନ୍ତ ୨୦ଟି ଶତକ ହୋଇଛି। ରୁଟ୍ ମଧ୍ୟ ଶେଷ ମ୍ୟାଚରେ ଶତକର ନିକଟତର ହୋଇଛନ୍ତି। ୧୪୮ ବର୍ଷ ଇତିହାସରେ ଏତେ ସଂଖ୍ୟକ ଶତକ ଗୋଟିଏ ଶୃଙ୍ଖଳାରେ ଦେଖିବାକୁ ମିଳିନଥିଲା। ଭାରତୀୟ ବ୍ୟାଟର ୧୨ ଟି ଶତକ ମାରିଛନ୍ତି । ଅଧିନାୟକ ଶୁଭମନ୍ ଗିଲ ଏକାକି ୪ ଟି ଶତକ ହାସଲ କରିଛନ୍ତି। ୯ ଜଣ ବ୍ୟାଟର ୪୦୦ ରୁ ଅଧିକ ରନ କରିଛନ୍ତି। ଭାରତର ଶୁଭମନ୍ ଗିଲ, ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା, ରିଷଭ ପନ୍ତ ଏବଂ ଇଂଲଣ୍ଡର ବେନ୍ ଡକେଟ୍, ଜୋ ରୁଟ, ଜେମ ସ୍ମିଥ୍‌ବ ଯଶସ୍ୱୀ ଜୟସ୍ୱାଲ ଓ ହ୍ୟାରି ବ୍ରୁକ୍ ଆକର୍ଷଣୀୟ ବ୍ୟାଟିଂ କରିଛନ୍ତି। ଏହା ପୂର୍ବରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଯେତେ ଟେଷ୍ଟ ଶୃଙ୍ଖଳା ଖେଳାଯାଇଥିଲା, ଏତେ ସଂଖ୍ୟକ ଶତକ ଦେଖିବାକୁ ମିଳିନଥିଲା। ୧୯୭୫ରେ ୱେଷ୍ଟଇଣ୍ଡିଜ୍ – ଅଷ୍ଟ୍ରେଲିଆ ଶୃଙ୍ଖଳାରେ ୮ ବ୍ୟାଟର ଶତକ ମାରିଥିଲେ। ୧୯୯୮ ଆସେସ୍ ଶୃଙ୍ଖଳାରେ ମଧ୍ୟ ୮ ଶତକ ହୋଇଥିଲା।

ସିରାଜଙ୍କ ବଡ ଭୁଲ

ଇଂଲଣ୍ଡ ବିପକ୍ଷ ଶେଷ ଟେଷ୍ଟରେ ପ୍ରତିଟି ରନ୍ ପାଇଁ କଡା ସଘର୍ଶ କରିଛନ୍ତି ଦୁଇ ଦଳ । ଏହା ମଧ୍ୟରେ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ବଡ ଭୁଲ ଯୋଗୁଁ ଭାରତ ହାତରେ ମ୍ୟାଚ ଖସିଯାଇଛି। ସିରାଜ ଇଂଲଣ୍ଡର ତାରକା ବ୍ୟାଟର ହ୍ୟାରି ବ୍ରୁକଙ୍କ କ୍ୟାଚ୍‌କୁ ଧରିଥିଲେ ହେଁ ବାଉଣ୍ଡାରୀରେ ତାଙ୍କ ଗୋଡ ପଡିଯାଇଥିଲା। ତେଣୁ ଏହା କ୍ୟାଚ ପରିବର୍ତ୍ତେ ଛକା ହୋଇଥିଲା। ଏପରି ଜୀବନଦାନ ପରେ ବ୍ରୁକ୍ ଆହୁରୀ ବିଧ୍ୱଂଶୀ ବ୍ୟାଟିଂ କରି ଶତକ ପୂରଣ କରିଥିଲେ। ଏତଦ୍ ବ୍ୟତୀତ ଏକାଧିକ ଫିଲ୍ଡିଂ ମିସ୍ ଯୋଗୁଁ ସିରାଜ ଖୁବ୍ ସମାଲୋଚିତ ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ମଧ୍ୟ ସିରାଜଙ୍କଠୁ ଢେର ଉନ୍ନତମାନର ଫିଲ୍ଡିଂ ଦେଖିବାକୁ ମିଳୁଛି। ଅନ୍ତର୍ଜାତୀୟ ସ୍ତରରେ ସିରାଜଙ୍କ ମାମୁଲି ଫିଲ୍ଡିଂ ଦଳ ପାଇଁ ବହୁ ମୂଲ୍ୟ ସାବ୍ୟସ୍ତ ହୋଇଛି। ଦ୍ରୁତ ବୋଲର ପ୍ରସିଦ୍ଧ କ୍ରୀଷ୍ଣା ୩୫ ତମ ଓଭର ପକାଇଥିଲେ। ତାଙ୍କର ପ୍ରଥମ ବଲରେ ବ୍ରୁକ୍ ଲଂଗଅନ୍ ଦିଗରେ ଫୁଲସଟ୍ ଖେଳିଥିଲେ। ସିରାଜ ବାଉଣ୍ଡାରୀରେ ଉପସ୍ଥିତ ଥିଲେ। ସେ କ୍ୟାଚ୍ ଧରିଥିଲେ ହେଁ ସୀମାରେଖାକୁ ଛୁଇଁଥିଲେ। ସିରାଜ କ୍ୟାଚ୍ ନେବା ପରେ ପ୍ରସିଦ୍ଧ କ୍ରୀଷ୍ଣା ଝୁମିଉଠିଥିଲେ। କିନ୍ତୁ ସିରାଜଙ୍କ ଚେହେରାରେ ଅବଶୋଷ ଦେଖିବାରେ ଭାରତୀୟ ଦଳର ଖୁସି ପାଣି ଫୋଟକା ପରି ମିଳାଇଯାଇଥିଲା। ସିରାଜ ଏଥିପାଇ ଖୁବ୍ ଅନୁତପ୍ତ ହୋଇଛନ୍ତି।

ଓଭାଲ ଟେଷ୍ଟ

ପଞ୍ଚମ ଦିନକୁ ଘୁଞ୍ଚିଲା ଫଳାଫଳ

ଲଣ୍ଡନ, ୩।୮(ଏଜେନ୍ସି) : ଓଭାଲ ବ୍ୟାଟରଙ୍କ ଦମଦାର ପ୍ରଦର୍ଶନ ଯୋଗୁଁ କ୍ଷୀଣ ହୋଇଛି । ପ୍ରଥମେ ବ୍ୟାଟରଙ୍କ ବୋଲରଙ୍କ ହତାସାଭାବ ଯୋଗୁଁ ଘରୋଇ ଟେଷ୍ଟରେ ଇଂଲଣ୍ଡ ଭାରତର ଡ୍ର ଆଶା ବିଫଳତା ଓ ପରେ ସାଙ୍ଗକୁ ମାମୁଲି ଫିଲ୍ଡିଂ ଇଂଲଣ୍ଡ ଓଭାଲ ଟେଷ୍ଟରେ ବିଜୟର ନିକଟତର ହୋଇଛି। ତଥାପି ତୃତୀୟ ଅଧିବେଶନରେ ଭାରତୀୟ ବୋଲର ଦଳକୁ ବିଜୟ ଆଶା ଦେଇଛନ୍ତି। କିନ୍ତୁ ବର୍ଷା ଯୋଗୁଁ ମ୍ୟାଚର ଫଳାଫଳ ପଞ୍ଚମ ଦିନକୁ ଘୁଞ୍ଚିଛି। ନିର୍ଣ୍ଣାୟକ ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ପକ୍ଷରୁ ହ୍ୟାରି ବ୍ରୁକ୍ ଓ ଜୋ ରୁଟ ଦମଦାର ଶତକୀୟ ଇନିଂସ ଖେଳି ଭାରତର ସବୁ ଆଶାକୁ ଫିକା କରିଦେଇଛନ୍ତି। ଭାରତ ପ୍ରଥମ ଇନିଂସରେ ୨୨୪ ରନ୍ କରିଥିବା ବେଳେ ଇଂଲଣ୍ଡ ୨୪୭ ରନ୍ କରିଥିଲା। ପୁଣି ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରି ଇଂଲଣ୍ଡ ସମ୍ମୁଖରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ଇଂଲଣ୍ଡ ଚତୁର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭୬.୨ ଓଭରରେ ୬ ୱିକେଟ୍ ହରାଇ ୩୩୯ ରନ୍ ସଂଗ୍ରହ କରିଛି। ଇଂଲଣ୍ଡ ବିଜୟ ଠାରୁ ୩୫ ରନ୍ ପଛରେ ରହିଛି। ଯଦି ପଞ୍ଚମ ଦିନ ପ୍ରଥମ ଅଧିବେଶସନରେ ଭାରତ ଅବଶିଷ୍ଟ ୪ ୱିକେଟ୍ ଦଖଲ କରିନିଏ ତେବେ ଶୃଙ୍ଖଳା ୨–୨ରେ ଡ୍ର କରିବାକୁ ସଫଳ ହେବ। ନଚେତ୍ ଇଂଲଣ୍ଡ ୩–୧ରେ ଶୃଙ୍ଖଳା ପୋଛି ନେବ।

ତୃତୀୟ ଦିନର ଅସମାପ୍ତ ଇନିଂସ ୫୦/୧ ରୁ ଖେଳ ଆରମ୍ଭ କରି ଚତୁର୍ଥ ଦିନ ବିଜୟ ଆଡେ ମୁହାଁଇଥିଲା ଇଂଲଣ୍ଡ। ବେନ୍ ଡକେଟ୍ ୫୪ ରନ୍ କରି ପ୍ରସିଦ୍ଧ କ୍ରୀଷ୍ଣାଙ୍କ ଶିକାର ହୋଇଥିଲେ। ଓଲି ପୋପ୍ ୨୭, ଓ ଜ୍ୟାକ୍ କ୍ରାଓଲି ୧୪ ରନ୍ କରି ଆଉଟ୍ ହୋଇଥିଲେ। ଏହି ୩ ୱିକେଟ୍ ପତନ ପରେ ଜୋ ରୁଟ ଓ ହ୍ୟାରି ବ୍ରୁକ୍ ଚତୁର୍ଥ ୱିକେଟ୍ ପାଇଁ ୧୯୫ ରନ୍‌ର ସଂଗ୍ରହ କରିଥିଲେ। ଏଥିରେ ବ୍ରୁକ୍ ୯୮ ବଲରୁ ୧୪ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୧୧୧ ରନ୍ କରି ଦଳକୁ ବିଜୟର ନିକଟତର କରାଇଥିଲେ। କ୍ୟାରିୟର ସର୍ବଶ୍ରେଷ୍ଠ ଫର୍ମରେ ଥିବା ଜୋ ରୁଟ୍ ମଧ୍ୟ କମାଲ କରିଥିଲେ। ସେ ୧୫୨ ବଲର ସମ୍ମୁଖୀନ ହୋଇ ୧୨ ଟି ଚୌକା ସହାୟତାରେ ୧୦୫ ରନ୍ କରିଥିଲେ। ଏହା କ୍ୟାରିୟରର ୩୯ ତମ ଟେଷ୍ଟ ଶତକ । ବର୍ଷା ଯୋଗୁଁ ଚତୁର୍ଥ ଦିନ ଖେଳ ସମ୍ପୂର୍ଣ୍ଣ ହୋଇପାରିନଥିଲା। ଅମ୍ପାୟାର ଷ୍ଟମ୍ପସ୍ ଘୋଷଣା କଲାବେଳକୁ ଇଂଲଣ୍ଡ ୭୬.୨ ଓଭରରେ ୬ ୱିକେଟ୍ ହରାଇ ୩୩୯ ରନ୍ କରିଛି। ପଞ୍ଚମ ଦିନ ଆଉ ୩୫ ରନ ହାସଲ କରିପାରିଲେ ଇଂଲଣ୍ଡ ଐତିହାସିକ ବିଜୟ ଲାଭ କରିବ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରୀଷ୍ଣା ସର୍ବାଧିକ ୩ଟି, ମହମ୍ମଦ ସିରାଜ ୨ଟି ଓ ଆକାଶ ଦୀପ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ।

ଶେଷ ଖବର ସୁଦ୍ଧା ଇଂଲଣ୍ଡ ୬୬ ଓଭରରେ ୪ ୱିକେଟ୍ ହରାଇ ୩୧୭ ରନ୍ ସଂଗ୍ରହ କରିଛି। ମ୍ୟାଚ ଜିତିବା ପାଇଁ ୫୭ ରନ୍ ପଛରେ ରହିଛି। ଭାରତର ଆକାଶ ଦୀପ ଓ ପ୍ରସିଦ୍ଧ କ୍ରୀଷ୍ଣା ଗୋଟିଏ ଲେଖାଏଁ ତଥା ମହମ୍ମଦ ସିରାଜଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଛି।

ସାଙ୍ଗାକାରାଙ୍କୁ ପଛରେ ପକାଇଲେ ରୁଟ

ଓଭାଲ: ଇଂଲଣ୍ଡର ଜୋ ରୁଟ ଟେଷ୍ଟ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ ଜାରୀ ରଖିଛନ୍ତି । ଭାରତ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ସେ ତୃତୀୟ ଶତକ ହାସଲ କରିଛନ୍ତି । ଏଥିସହ ତାଙ୍କର ଓଭରାଲ ଶତକ ସଂଖ୍ୟା ୩୯ରେ ପଂହଚିଛି । ସେ ଶ୍ରୀଲଙ୍କାର ମହାନ ବ୍ୟାଟ୍ସମ୍ୟାନ କୁମାର ସଙ୍ଗକାରାଙ୍କୁ ଏଥିସହ ପଛରେ ପକାଇ ଦେଇଛନ୍ତି । ସଙ୍ଗକାରା ଆନ୍ତର୍ଜାତୀୟ ଟେଷ୍ଟରେ ୩୮ ଶତକ ହାସଲ କରିଥିଲେ । ରୁଟ ଏବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ତାଙ୍କ ଆଗରେ ଏବେ କେବଳ ଅଷ୍ଟ୍ରେଲିଆର ରିକି ପଂଟିଂ(୪୧), ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୪୫) ଓ ଭାରତର ସଚିନ ତେନ୍ଦୁଲକର (୫୧) ରହିଛନ୍ତି । ରୁଟ ଭାରତ ବିପକ୍ଷ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ରନ ମଧ୍ୟ ସଂଗ୍ରହ କରି ନେଇଛନ୍ତି । ୩୪ ବର୍ଷୀୟ ରୁଟ ୨୦୧୨ରେ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ । ସେ ୧୫୭ ଟେଷ୍ଟ ଖେଳିଛନ୍ତି । ୩୯ ଶତକ ଓ ୬୬ ଅର୍ଦ୍ଧଶତକ ଏଥିରେ ସାମିଲ । ଟେଷ୍ଟ କ୍ରିକେଟରେ ସଚିନଙ୍କ ରେକର୍ଡ ଭାଙ୍ଗିବା ପାଇଁ ରୁଟ ନିକଟତର ହୋଇଛନ୍ତି ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା : କିଟର ପଦକ ବିଜେତା ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩ ।୮(ସବୁ) : ଜର୍ମାନୀର ରାଇନ୍–ରୁହରଠାରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗରେ ପଦକ ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟର ୧୧ଜଣ କ୍ରୀଡ଼ାବିତ୍ଙ୍କୁ ଆଜି କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗୀତାରେ ରୌପ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ କ୍ରୀଡାବିତ୍‌ଙ୍କୁ କିଟ୍ ଓ କିସ୍ ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ କାଂସ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ ଖେଳାଳୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।ଛ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଏହି କ୍ରୀଡ଼ାରେ ଭାରତ ମୋଟ ୧୨ଟି ପଦକ ହାସଲ କରିଥିବା ବେଳେ କେବଳ କିଟ୍ ଖେଳାଳିମାନେ ୬ଟି ପଦକ ହାସଲ କରିଛନ୍ତି। ଏହା କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ଗତ ୬୫ବର୍ଷ ମଧ୍ୟରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସର୍ବାଧିକ ପଦକ ହାସଲ କରିବାରେ କିଟ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଭାରତୀୟ ବିଶ୍ୱବିଦ୍ୟାଳୟ।

କିଟ ବିଶ୍ୱବିଦ୍ୟାଳୟର ଅଙ୍କିତା ୩ହଜାର ମିଟର ଷ୍ଟିପଲଚେଜରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବୀଣ ଚିତ୍ରାଭେଲ ଟ୍ରିପଲ୍ ଜଂପରେ, ସୀମା ୫ହଜାର ମିଟର ଦୌଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୪ଗୁଣା ୧୦୦ ମିଟର ରିଲେରେ ମଣିକାନ୍ତ ହୋବଲିଧର, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଏବଂ ମୃତ୍ୟମ୍ ଜୟରାମ ଦଣ୍ଡପତି ବ୍ରୋଞ୍ଜ ପଦକ ଜିତି କିଟ୍ର କ୍ରୀଡ଼ା ପ୍ରତିଭାକୁ ପ୍ରମାଣିତ କରିଥିବା ବେଳେ ମହିଳା ୨୦ କିଲୋମିଟର ରେସ୍ ୱାକ୍ ଦଳଗତ ଇଭେଂଟରେ କିଟର ମୁନିତାପ ରାଜପତି, ମାନସୀ ନେଗି ଏବଂ ସେଜଲ ଅନିଲସିଂହ ଦଳଗତ ମନୋଭାବ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଥିଲେ। ବ୍ୟାଡମିଂଟନରେ କିଟର ଅବିନାଶ ମହାନ୍ତି କାଂସ୍ୟ ପଦକ ଜିତି କିଟ ବିଶ୍ୱବିଦ୍ୟାଳୟର ପଦକ ତାଲିକାକୁ ୬ରେ ପହଂଚାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀଦେବୀ ଓ ବିଭିନ୍ନ କୋଚମାନେ ମଧ୍ୟ ଉପସ୍ଥିତ ଥିଲେ।

ରାଜ୍ୟ ସ୍କୁଲ ଓପନ ଚେସ୍ : ଦିବ୍ୟାଂଶୁ ବିଜେତା

ଭୁବନେଶ୍ୱର, ୦୩।୮(ସବୁ) : କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ୨୫ ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପଟିଆସ୍ଥିତ ନାରାୟଣ ଟେକ୍ନୋ ସ୍କୁଲର ଛାତ୍ର ଦିବ୍ୟାଂଶୁ କୁମାର ପଶାୟତ ଚାମ୍ପିଅନ ହୋଇଛନ୍ତି। କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲର ଆଦିତ୍ୟ ଜେନା ଦ୍ୱିତୀୟ, ଲୟଲା ସ୍କୁଲର ଶୁଭମ୍ ପ୍ରତିକ ମିଶ୍ର ତୃତୀୟ, ନାରାୟଣ ଟେକ୍ନୋ ସ୍କୁଲର ଆୟବନ୍ତ ମହାନ୍ତି ଚତୁର୍ଥ ଏବଂ ହାଇଟେକ୍ ପବ୍ଲିକ ସ୍କୁଲ ପାଣ୍ଡରାର ଛାତ୍ର ସ୍ୱୟଂସ୍ୱରୂପ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୬, ୮, ୧୦,୧୨, ୧୪ ଓ ବାଳିକା ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୧୦ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଡିପାର୍ଟମେଣ୍ଟର ଏଚ୍‌ଓଡି ରାଜ କୁମାର ଜୋସି, ରାଜଶ୍ରୀ ପ୍ରିୟଦର୍ଶିନୀ ଏବଂ ଏ ରବି ଶଙ୍କର ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

୮ ରୁ ଆନ୍ତଃ ବିଦ୍ୟାଳୟ ଫୁଟବଲ୍

ଭୁବନେଶ୍ୱର, ୩।୮ (ସବୁ) : ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୩୪ ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୮ ରୁ ୨୯ ତାରିଖ ପର୍ଯ୍ୟନ୍ତ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ୧୬ ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଅଂଶ ଗ୍ରହଣ କରିବାକୁ ସହମତି ଜଣାଇଛନ୍ତି। ଏହି ପ୍ରତିଯୋଗିତାଟି ଲିଗ୍ ଓ ନକ୍ ଆଉଟ୍ ଭିତରେ ଖେଳାଯିବ। ତୃଣମୂଳ ସ୍ତରରେ ଫୁଟବଲ ଖେଳାଳିଙ୍କୁ ପ୍ରୋତ୍ସାହନ ଉଦେଶ୍ୟରେ ପ୍ରତ୍ୟହ ଖେଳରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ସହିତ ଅନେକ ଆକର୍ଷଣୀୟ ତଥା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆସୋସିଏସନ୍‌ର ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲ୍ଲୀପ କୁମାର ଦାସ ଏବଂ ଅନ୍ୟ କର୍ମକର୍ତ୍ତା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ଗ୍ରୁପ୍ ଏରେ ରାମକୃଷ୍ଣ, ୟୁନିଟ୍ ୧ ଜିଏଚ୍‌ଏସ୍ , ଓଡିଏମ୍ ପବ୍ଲିକ୍ ସ୍କୁଲ, ବିକାଶ ସ୍କୁଲ ରହିଛନ୍ତି। ଗ୍ରୁପ ବିରେ ୟୁନିଟ୍ ୩ ଜିଏଚ୍‌ଏସ୍, ସାଇ ଇଣ୍ଟରନ୍ୟାସନାଲ, ବିକାଶ ସ୍କୁଲ ଖଣ୍ଡଗିରି, ବିଜେଇଏମ୍ ସ୍କୁଲ, ଗ୍ରୁପ୍ ସିରେ କିସ୍, ପୋଖରୀପୁଟ ଡିଏଭି, ପଳାଶୁଣୀ ହାଇସ୍କୁଲ ଓ କିଟ୍ ଇଣ୍ଟରନ୍ୟାସନାଲ ଏବଂ ଗ୍ରୁପ୍ ଡିରେ ସାଇ ସ୍କୁଲ, ଓଡିଏମ୍, ମଦର ପବ୍ଲିକ ସ୍କୁଲ ଓ ଚନ୍ଦ୍ରଶେଖରପୁର ଡିଏଭି ରହିଛନ୍ତି।

ଜାତୀୟ ଜୁନିୟର ମହିଳା ହକି

ଦୁଇଟି ମ୍ୟାଚ ଡ୍ର

ଚେନ୍ନାଇ, ୦୩।୮(ଏଜେନ୍ସି) : ୧୫ ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍‌ର ତୃତୀୟ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚ ଡ୍ର ରହିଛି। ଡିଭିଜନ୍ ବିରେ ହକି ଉତ୍ତରାଖଣ୍ଡ– ଆସାମ ହକି ଏବଂ ତାମିଲନାଡୁ– ବିହାର ମଧ୍ୟରେ ମ୍ୟାଚ ଡ୍ର ରହିଥିଲା। ପ୍ରଥମ ମ୍ୟାଚରେ ହକି ଉତ୍ତରାଖଣ୍ଡ ଓ ଆସାମ ଦୁଇଟି ଲେଖାଏଁ ଗୋଲ୍ କରିଥିଲେ। ଉତ୍ତରାଖଣ୍ଡ ପକ୍ଷରୁ ରଇନ୍ ଅଲି ୨୫ ମିନିଟ୍‌ରେ ଏବଂ ଅଧିନାକୟ ସଲୋନୀ ପିଲଖ ୱାଲ୍ ଷଷ୍ଠ ମିନିଟରେ ଗୋଲ କରିଥିଲେ। ଉତ୍ତରାଖଣ୍ଡ ପକ୍ଷରୁ ସାଗରିକା ବର୍ମନ ୨୩ ମିନିଟ୍ ଓ ଅଶ୍ମିତା ଟିଗା ୫୮ ମିନିଟ୍‌ରେ ଗୋଲ କରିବାରୁ ମ୍ୟାଚ୍ ୨–୨ ଗୋଲରେ ବରାବର ହୋଇଥିଲା। ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ଦ୍ୱିତୀୟ ମ୍ୟାଚରେ ତାମିଲନାଡୁ ଓ ବିହାର ମଧ୍ୟରେ ମ୍ୟାଚ ୨–୨ ଗୋଲରେ ଡ୍ର ରହିଥିଲା। ତାମିଲନାଡୁ ପକ୍ଷରୁ ଆର୍ ପୁନ୍‌ମାନ୍‌ଞ୍ଜା ୧୪ ଓ ୩୬ ତମ ମିନିଟରେ ଦୁଇଟି ଗୋଲ କରିଥିଲେ। ବିହାର ପକ୍ଷରୁ କୁମାରୀ ରିମ୍